

୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ
▶ପୃଷ୍ଠା ୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର,୫।୭(ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।



### ୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ
### ମୃତ ଓ ସ୍ଥାନାନ୍ତରିତଙ୍କ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ
### ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ଏହି ପ୍ରକ୍ରିୟାରେ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୮୪ ହଜାର ୫୯୪ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ(ବିଏଲଏ) ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଗତ ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ ବୋଲି ଶ୍ରୀ ଗୋପାଳନ ସୂଚନା ▶ପୃଷ୍ଠା-୭

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |


■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି।

ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

## ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା 'ରାମଚରିତମାନସ'

■ ଅଯୋଧ୍ୟା,୫।୭(ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରରୁ ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥକୁ ହଟାଯାଇଥିବା ନେଇ ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଗୁରୁତର ଅଭିଯୋଗ କରିଛନ୍ତି। ପୂର୍ବତନ କେନ୍ଦ୍ର ଗୃହ ସଚିବ ଆଇଏଏସ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରନ୍ଥଟି ମନ୍ଦିରର ମୁଖ୍ୟ ପରିସରରେ ଦେଖିବାକୁ ନ ମିଳିବାରୁ ସେ ପ୍ରଶ୍ନ ଉଠାଇଛନ୍ତି।

### ଆଇଏଏସ୍ ଅଧିକାରୀଙ୍କ ଅଭିଯୋଗ ପରେ ହଟଚମଟ
### ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା



ଏସଂପର୍କରେ ସେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଜଣାଇଥିଲେ ମଧ୍ୟ ଫଳ ଶୂନ। ତେବେ କେବଳ ସୁନା ଛାଉଣି ଗ୍ରନ୍ଥ ନୁହେଁ, ବରଂ ମନ୍ଦିରକୁ ମିଳିଥିବା ବହୁ ପରିମାଣର ରୁପା ଇଟା ଏବଂ ଅଳଙ୍କାର ନିଖୋଜ ▶ପୃଷ୍ଠା-୭

## ଦିନକୁ ଚୋରି ହେଉଥଲା ୬ରୁ ୮ ଲକ୍ଷ ଟଙ୍କା

ଲକ୍ଷ୍ନୌ, ୫।୭(ଏଜେନ୍ସି): ରାମ ମନ୍ଦିରର ଦାନ ଅର୍ଥ ହରିଲୁଟ୍ ମାମଲା ଏବେ ତୀବ୍ର ରୂପ ଧାରଣ କରିଛି । ଏସଆଇଟିର ପ୍ରାଥମିକ ତଦନ୍ତ ଅନୁଯାୟୀ, ମନ୍ଦିରରୁ ଦୈନିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିବା ସନ୍ଦେହ କରାଯାଉଛି । ବିଶେଷ କରି ୨୦୨୫ ମହାକୁମ୍ଭ ସମୟରେ ଅତ୍ୟଧିକ ଭିଡ଼ର ସୁଯୋଗ ନେଇ ଏହି ଚୋରି ବୃଦ୍ଧି ପାଇଥିଲା। ଏସଆଇଟିର ପ୍ରାଥମିକ ରିପୋର୍ଟ ପ୍ରକାଶ କରାଯାଇନଥିଲେ ମଧ୍ୟ କେତେକ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଲୁଟ୍‌ର ପର୍ଦ୍ଦାଫାସ ହେବା ପୂର୍ବରୁ ଦାନ ବାକ୍ସରେ ଦୈନିକ ୧୬ରୁ ୧୮ ଲକ୍ଷ ଟଙ୍କା ପଡୁଥିଲା ଏବଂ ବ୍ୟାଙ୍କ ଖାତାରେ ଏହା ଜମା ହେଉଥିଲା । କିନ୍ତୁ ଲୁଟ୍‌ର ପର୍ଦ୍ଦାଫାସ ହେବାପରେ ଏବେ ଦିନକୁ ଦାନ ଅର୍ଥ ୨୪ରୁ ୨୬ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ହୋଉଛି । ଏହାକୁ ଆଧାର କରି ସେମାନେ କହିଛନ୍ତି ଯେ ୨୦୨୫ ▶ପୃଷ୍ଠା-୭

# ଅବପାତ ଝାଡ଼ଖଣ୍ଡମୁହାଁ

### ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



### ଆଖୁଆପଦାଠାରେ ସତର୍କ ସଂକେତ ନିକଟତର

■ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା । ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା । ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ▶ପୃଷ୍ଠା-୭

### ୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା
### ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା

## ଫୁଲୁଛି ବୈତରଣୀ

■ ବାରିକପୁର, ୫।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀ ଫୁଲି ଉଠିଛି। ଯଦିଓ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ନାହିଁ, ତଥାପି ଲଗାଣ ବର୍ଷା କାରଣରୁ ନଦୀ ଗର୍ଭ ଜଳପୂର୍ଣ୍ଣ ହୋଇଛି। ଆଖୁଆପଦା ଆନିକଟଠାରେ ରବିବାର ଅପରାହ୍ଣ ୩ଟା ସୁଦ୍ଧା ୧୬.୬୬ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୧୭.୮୩ ମିଟର ଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୮ଟା ୩୦ ସୁଦ୍ଧା ▶ପୃଷ୍ଠା-୭

## ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ସମୟରେ ତାଙ୍କର ଘୋଷିତ ସମ୍ପତ୍ତି ସହ ଏକ ଡ଼ାଏରୀ ମିଳିଥିଲା ଓ ଏଥିରେ ସମସ୍ତ ବେନାମୀ ସମ୍ପତ୍ତିର ସୂଚନା ରହିଥିଲା। ତାହା ଆଧାରରେ ଅନ୍ୟସ୍ଥାନରେ ଚଢ଼ଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଛି।

ତାଙ୍କ ଘରୁ ନଗଦ ୪୦ ଲକ୍ଷ ଟଙ୍କା, ୨ କିଲୋ ସୁନା ଗହଣା, ୨୦ କିଲୋ ରୁପା ସାମଗ୍ରୀ ସହ ବିଭିନ୍ନ ବିପୁଳ ଅର୍ଥ ଜମାଥିବା ବ୍ୟାଙ୍କ ଖାତା ମିଳିଛି। ଏହାବ୍ୟତୀତ ଅନ୍ୟସବୁ ସମ୍ପତ୍ତି, ଫର୍ମହାଉସ, ଆପାର୍ଟମେଣ୍ଟ, ବିପୁଳ ଜମି ତାଙ୍କର ପରିବାର ସଦସ୍ୟ, ବନ୍ଧୁ, ପରିଜନଙ୍କ ନାମରେ ନାମରେ ରହିଥିବା କୁହାଯାଉଛି। ସମ୍ପ୍ରତି ସେ ତେଲଙ୍ଗାନା ପୁଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ଷ୍ଟେସନାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସଙ୍ଗାରେଡ୍ଡି, ବାନସ୍ଥଳୀପୁରମ୍, ଜାହିରାବାଦ, ବାଲାନଗର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି ।






# ଗୋ-ମାଫିଆଙ୍କୁ ସୂଚନା ଦେଉଥିଲେ ପୁଲିସ

■ ବାରିପଦା, ୫।୭ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୩ ତାରିଖରେ ଏକସଙ୍ଗେ ୩ଟି ଜିଲ୍ଲାର ଗୋ-ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ସେହି ଜୁନ ୧୩ ତାରିଖ ଭୋରରେ ଝାରପୋଖରିଆ ଅଞ୍ଚଳର ଗୋ-ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଘରେ ପୁଲିସ ଚଢ଼ଉ କରି ଖାଲି ହାତରେ ଫେରିଥିଲା । ଚଢ଼ଉ ପୂର୍ବରୁ ଖବର ପାଇ ଜରୁରୀ କାଗଜପତ୍ର ନେଇ ନିଜ ଏସୟୁଭି କାର୍‌ରେ ଚମ୍ପଟ ମାରିଥିଲେ ଉତ୍ତମ ଦଣ୍ଡପାଟ। ଘରୁ ଫେରାର ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଯେଉଁଥିରେ ଚଢ଼ଉର ୧୫ ମିନିଟ ପୂର୍ବରୁ ସେ ତରବରିଆ ଭାବେ ଗାଡ଼ିରେ ଦସ୍ତାବିଜ୍ ଲୋଡ୍ କରି ପଳାଉଥିବା ସ୍ପଷ୍ଟ ଦେଖାଯାଇଥିଲା । ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପାଖାପାଖି ଏକ ମାସ ସମୟ ଭିତରେ ପ୍ରାଥମିକ ତଦନ୍ତ ଓ ପ୍ରମାଣ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ନିଜ ବିଭାଗର କିଛି କର୍ମଚାରୀ ଗୋ-ମାଫିଆଙ୍କୁ ଚଢ଼ଉ ▶ପୃଷ୍ଠା-୭



### ଏଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ
### ହୋମ୍‌ଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ



# ନୈନିତାଲ ରିସର୍ଟରେ ଦେହବ୍ୟବସାୟ ରାକେଟ୍ ଠାବ

## ନେପାଳ, ୟୁପି, ପଶ୍ଚିମବଙ୍ଗର ମହିଳା ଉଦ୍ଧାର

**ନୈନିତାଲ,୫ ।୭ (ଏଜେନ୍ସି):** ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ରାମନଗର ସ୍ଥିତ ଏକ ରିସର୍ଟରେ ଚାଲିଥିବା କଥିତ ଦେହବ୍ୟବସାୟ ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୁଲିସ । ଶନିବାର ବିଳମ୍ବିତ ରାତିରେ ହୋଇଥିବା ଚଢ଼ାଉରେ ୫୨ ଜଣ ପୁରୁଷ ଓ ମହିଳାଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଅଟକ ରଖାଯାଇଥିବାବେଳେ ୧୦ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଯୁବତୀମାନଙ୍କ ମଧ୍ୟରେ ନେପାଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବାସିନ୍ଦା ଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁସାରେ, ରାମନଗରର ସାୱଲଦେହ ଅଞ୍ଚଳରେ ଥିବା ଏକ ରିସର୍ଟରେ ବାହାର ରାଜ୍ୟର ଅନେକ ଯୁବକ ଓ ଯୁବତୀଙ୍କୁ ନେଇ ଏକ ବଡ଼ ପାର୍ଟି ଆୟୋଜନ କରାଯାଉଥିବା ସମ୍ପର୍କରେ ପୁଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା । ଏହାପରେ ରାମନଗର ଥାନା ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ପୁଲିସ ଦଳ ନଜର ରଖିଥିଲା । ଶନିବାର ରାତିରେ ପାର୍ଟି ଆରମ୍ଭ ହେବା ପରେ ସେଠାରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଚାଲିଥିବା ଜଣାପଡ଼ିଥିଲା । ଏହାପରେ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଏସ୍‌ଓଜି ଓ ପୁଲିସ ଲାଇନ୍ ଫୋର୍ସର ସହଯୋଗରେ ହଠାତ୍ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ରିସର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା । ପୁଲିସ କହିଛି ଯେ, ରିସର୍ଟରୁ ଏକ ବେଆଇନ ମଦ ବାର୍‌ର ସନ୍ଧାନ ମିଳିଛି ।



# ସ୍ୱାମୀକୁ ମାରି ବାଥରୁମରେ ପୋତିଲା ସ୍ତ୍ରୀ

**ନୂଆଦିଲ୍ଲୀ,୫ ।୭ (ଏଜେନ୍ସି):** ଉତ୍ତର ପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ସ୍ୱାମୀ ସୁରେନ୍ଦ୍ର ଶର୍ମାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବାଥରୁମ ଭିତରେ ପୋତି ଦେଇଥିବା ଅଭିଯୋଗରେ ପୁଲିସ ସ୍ତ୍ରୀ ରୁବି ଶର୍ମାଙ୍କୁ ଗିରଫ କରିଛି । ସୁରେନ୍ଦ୍ର ପ୍ରାୟ ୪୫ ଦିନ ହେବ ନିଖୋଜ ଥିଲେ । ରୁବି ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ସେ ସ୍ୱାମୀଙ୍କ ଖାଦ୍ୟରେ ୧୫ ରୁ ୨୦ଟି ନିଦ ବଟିକା ମିଶାଇ ଦେଇଥିଲେ । ସୁରେନ୍ଦ୍ର ଗଭୀର ନିଦ୍ରାରେ ଶୋଇବା ପରେ ରୁବି ତାଙ୍କୁ ହତ୍ୟା କରିଥିଲେ । ହତ୍ୟା ପରଦିନ ରୁବି ଶ୍ରମିକ ଓ ମିସ୍ତ୍ରୀ ଡାକି ବାଥରୁମର ମାଟି ଚଟାଣ ଉପରେ ଶବକୁ ରଖି ମାଟି ପକାଇବା ସହ ତା' ଉପରେ କଂକ୍ରିଟ୍ ପଲସ୍ତରା କରିଦେଇଥିଲେ । ରୁବି ନିଜେ ଦେଢ଼ଶୁରଙ୍କ ସହ ମିଶି ଥାନାରେ ନିଖୋଜ ହେବା ଅଭିଯୋଗ କରିଥିଲେ ଏବଂ ପଡୋଶୀଙ୍କ ଆଗରେ କାନ୍ଦିବାର ଅଭିନୟ କରୁଥିଲେ । ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ରୁବିଙ୍କ ବାରମ୍ବାର ବୟାନ ବଦଳାଇବା ଯୋଗୁଁ ପୁଲିସ ତାଙ୍କୁ ପଚରାଉଚରା କରିଥିଲା । ଶେଷରେ ରୁବି ନିଜ ଅପରାଧ ସ୍ୱୀକାର କରିଥିଲେ । ପୁଲିସ ବାଥରୁମ ଚଟାଣ ଖୋଳି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ପଶ୍ଚିମବଙ୍ଗ ସରକାରଙ୍କ ନୂଆ ଆଇନ

# ଭଙ୍ଗାରୁଜା କଲେ ଦେବାକୁ ପଡ଼ିବ ତିନି ଗୁଣା ଜରିମାନା

**କୋଲକାତା,୫ ।୭ (ଏଜେନ୍ସି):** ପଶ୍ଚିମବଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଏବଂ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଉପଦ୍ରବୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନୂଆ ଆଇନ ଅନୁଯାୟୀ, ଆନ୍ଦୋଳନ ସମୟରେ କୌଣସି ସମ୍ପତ୍ତି ଭଙ୍ଗାରୁଜା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ କ୍ଷୟକ୍ଷତିର ତିନି ଗୁଣା ଅର୍ଥ ଆଦାୟ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । ଶିଳ୍ପପତି ଓ ନିବେଶକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଭବାନୀପୁରଠାରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ଅଛି, ମାତ୍ର ହିଂସା ଓ ସମ୍ପତ୍ତି ନଷ୍ଟକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଯଦି କେହି ଜରିମାନା ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ସମ୍ପତ୍ତି ନିଲାମ କରି ଏହି ଅର୍ଥ ଆଦାୟ କରାଯିବ । ଉଦାହରଣ ସ୍ୱରୂପ, ଯଦି ୧ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୁଏ, ତେବେ ୩ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ଓ ଏଥିସହ ଜେଲ ଦଣ୍ଡ ଭୋଗିବାର ସମ୍ଭାବନା ରହିଛି । ଗତ ଜୁନ ୨୮ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାରେ ଏହି ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଏଥିମଧ୍ୟରୁ ଗୋଟିଏ ଆଇନ ଆନ୍ଦୋଳନକାରୀଙ୍କୁ ଆର୍ଥିକ ଭାବେ ଦାୟୀ କରୁଥିବା ବେଳେ ଅନ୍ୟ ବିଲ୍‌ଟି ସାମାଜିକ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିନା ବିଚାରରେ ୧୨ ମାସ ପର୍ଯ୍ୟନ୍ତ ଗିରଫ କରି ରଖିବାକୁ କ୍ଷମତା ପ୍ରଦାନ କରୁଛି । ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ଏବଂ ସାଧାରଣ ଶୃଙ୍ଖଳା ବଜାୟ ରଖିବାରେ ଏହି ଆଇନ ବିଶେଷ ସହାୟକ ହେବ ବୋଲି ସରକାର କହିଛନ୍ତି ।

## ଶ୍ୟାମା ପ୍ରସାଦଙ୍କ ପ୍ରତିମୂର୍ତ୍ତି ବେଦି ଭଙ୍ଗା, ଜଣେ ଗିରଫ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୋଲକାତା ଗସ୍ତ ପୂର୍ବରୁ ଉତ୍ତର କୋଲକାତାର ସୁକିଆ ଷ୍ଟ୍ରିଟ୍‌ରେ ସ୍ଥାପିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିର ବେଦିକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି । ପ୍ରତିମୂର୍ତ୍ତି ଅକ୍ଷତ ଥିବାବେଳେ ନାମଫଳକ କ୍ଷତିଗ୍ରସ୍ତ ହୋଇଛି । ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ରୂପେଶ ହାଜରା (୨୬) ନାମକ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି । ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି । ଏହି ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯାଇଛି ।

### ଇରାନର ସର୍ବୋଚ୍ଚ ନେତାଙ୍କ ଅନ୍ତ୍ୟେଷ୍ଟି

# ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ନେଇ ଝଡ଼

## ଇରାନୀ ନେତୃତ୍ୱକୁ ଗୋଟିଏ ମାଡ଼ରେ ସଫା କରିପାରିବୁ



**ୱାଶିଂଟନ୍/ତେହେରାନ,୫।୭ (ଏଜେନ୍ସି):** ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅବସରରେ ସମଗ୍ର ଇରାନ ଏବେ ଶୋକାକୁଳ । ତେହେରାନର ରାଜପଥରେ ହଜାର ହଜାର ଶୋକାର୍ତ୍ତ ଜନତା ଏକତ୍ରିତ । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅନ୍ତ୍ୟେଷ୍ଟିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପ ଅନ୍ତ୍ୟେଷ୍ଟିକ୍ରିୟାକୁ କଟାକ୍ଷ କରି ଇରାନର ବର୍ତ୍ତମାନର ନେତୃତ୍ୱକୁ ଏକପ୍ରକାର ଧମକ ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ୱାସିଂଟନ୍ ଚାହିଁଲେ ମାତ୍ର "ଗୋଟିଏ ଆକ୍ରମଣ"ରେ ଖାମେନେଇଙ୍କ ଶୋକସଭାରେ ଏକତ୍ରିତ ହୋଇଥିବା ଇରାନର ସମଗ୍ର ବରିଷ୍ଠ ନେତୃତ୍ୱକୁ ନିପାତ କରିପାରିବ । ଆମେରିକାର ସମ୍ବାଦ ସଂସ୍ଥା ଏକ୍ସିଓସ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, "ଇରାନ ନେତାମାନେ ସମସ୍ତେ ଏକତ୍ରିତ ଅଛନ୍ତି । ଗୋଟିଏ ଆକ୍ରମଣରେ ଆମେ ଏକାବେଳେ ସମସ୍ତଙ୍କୁ ନିଶ୍ଚିହ୍ନ କରି ଦେଇପାରିବୁ । କିନ୍ତୁ ଆମେ ତାହା କରିବୁ ନାହିଁ କାରଣ ତାହା କଲେ ଆଲୋଚନା ପାଇଁ ଆଉ କେହି ବାକି ରହିବେ ନାହିଁ' ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍ ବିମାନ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ମାଉଣ୍ଟ ରଶମୋରରେ ଏକ ସଭାକୁ ସମ୍ବୋଧିତ କରି ଟ୍ରମ୍ପ ଇରାନକୁ ଉପହାସ କରିଥିଲେ । ଆମେରିକା ଇରାନକୁ ଧୂଳି ଚଟାଇ ଦେଇଛି । ତେଣୁ ଇରାନ ବୁଝାମଣା ପାଇଁ ବ୍ୟାକୁଳ ଅଛି । ଏପରିକି ଆମେରିକା ଦୟା ଦେଖାଇ ଇରାନକୁ ଶୋକସଭା ପାଇଁ ଏକ ସପ୍ତାହ ସମୟ ଦେଇଥିବା ଟ୍ରମ୍ପ କଟାକ୍ଷ କରି କହିଥିଲେ । ଏହା ସହିତ ଖାମେନେଇଙ୍କ ପାଇଁ କାନ୍ଦୁଥିବା ଇରାନୀ ନାଗରିକ ଓ ନେତାମାନଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି । ତାଙ୍କ ଅନୁଯାୟୀ, ଇରାନ ନାଗରିକ ଖାମେନେଇଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କ ଶବାଧାରରେ ଲୋକ ଗୁଡ଼ିକ ମିଛିମିଛିକା କାନ୍ଦୁଛନ୍ତି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଆର୍ମେନିଆରେ ଥିବା ଇରାନ ଦୂତାବାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଟ୍ରମ୍ପଙ୍କ ପାଖରେ ନା ସଭ୍ୟତା ଅଛି ନା ସମ୍ମାନ । ଅନ୍ୟପଟେ, ଇରାନର ସାମରିକ କମାଣ୍ଡର ଅଲି ଅବଦୁଲ୍ଲାହି ଆମେରିକା ଓ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ନିଆଗଲେ ଇରାନ କଠୋର ପ୍ରତିଶୋଧ ନେବ ବୋଲି ସେ କହିଛନ୍ତି । ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଜୁଲାଇ ୪ରୁ ୯ ଯାଏଁ ଅନୁଷ୍ଠିତ ହେବ ।



# ଖାମନେଇଙ୍କ ଅନ୍ତ୍ୟେଷ୍ଟିରେ ସାମିଲ ହେଲେ ୩ ପୁତ୍ର

**ତେହେରାନ,୫ ।୭ (ଏଜେନ୍ସି):** ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଶେଷ ଦର୍ଶନ ପାଇଁ ରାଜଧାନୀ ତେହେରାନରେ ଲକ୍ଷ ଲକ୍ଷ ଶୋକାକୁଳ ଜନସାଧାରଣ ଏକତ୍ରିତ ହୋଇଛନ୍ତି । ରବିବାର ଅନୁଷ୍ଠିତ ଏହି ସାମୂହିକ ପ୍ରାର୍ଥନା ସଭାରେ ଖାମେନେଇଙ୍କ ତିନି ପୁତ୍ର ମୋସ୍ତଫା, ମେସାମ ଏବଂ ମାସୁଦ ଖାମେନେଇ ଉପସ୍ଥିତ ରହି ନିଜ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମାତ୍ର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଚିତ୍ର ଅନୁଯାୟୀ, ଏହି ଶୋକ ସଭାରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ସଂସଦର ବାଚସ୍ପତି ଏବଂ ସେନା ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ପତାକା ଏବଂ ପାରମ୍ପରିକ ପଗଡ଼ିରେ ଆଚ୍ଛାଦିତ ହୋଇଥିବା ଖାମେନେଇଙ୍କ ଶବଧାର ନିକଟରେ ଠିଆ ହୋଇ ତାଙ୍କ ପୁତ୍ରମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଗତ ମାର୍ଚ୍ଚ ମାସରେ ପିତାଙ୍କ ମୃତ୍ୟୁ ପରେ ମୋଜତାବା ଖାମେନେଇ ଇରାନର ସର୍ବୋଚ୍ଚ ଶାସନ ଭାର ଗ୍ରହଣ କରିଛନ୍ତି, କିନ୍ତୁ ସେବେଠାରୁ ସେ ସାର୍ବଜନୀନ ଭାବେ କେଉଁଠି ଦେଖାଦେଇନାହାନ୍ତି । ଗତ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବୋମା ବିସ୍ଫୋରଣରେ ତାଙ୍କ ପରିବାରର ବହୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆକ୍ରମଣରେ ମୋଜତାବା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା କୁହାଯାଉଛି । ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଆକ୍ରମଣ କିମ୍ବା ଗୁପ୍ତହତ୍ୟାର ଆଶଙ୍କା ଥିବାରୁ ତାଙ୍କୁ ସର୍ବସାଧାରଣ ସ୍ଥାନକୁ ନଆସିବାକୁ କୁହାଯାଇଛି । ସେ ଆହତ ଥିବାରୁ ଏବଂ ସୁରକ୍ଷା କାରଣରୁ ନିଜର ସ୍ୱର କିମ୍ବା ଚିତ୍ର ଗଣମାଧ୍ୟମରେ ପ୍ରକାଶ ନକରିବାକୁ ତାଙ୍କୁ ସତର୍କ କରାଯାଇଛି । ଗତ ସପ୍ତାହରେ ସେହି ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ପତ୍ନୀ ଏବଂ ସନ୍ତାନଙ୍କ ସ୍ମୃତି ସଭାରେ ମଧ୍ୟ ମୋଜତାବା ସାମିଲ ହୋଇପାରି ନ ଥିଲେ ।

## ଉତ୍ତରାଧିକାରୀ ମୋଜତାବା ଅନୁପସ୍ଥିତ



# ୬୦ ବର୍ଷ ବୟସରେ ଗୌରୀଙ୍କ ହାତ ଧରିଲେ ଅମିର ଖାନ

ବଲିଉଡର ସୁପରଷ୍ଟାର ଆମିର ଖାନ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଦୀର୍ଘ ଦୁଇ ବର୍ଷର ପ୍ରେମ ସମ୍ପର୍କ ପରେ ସେ ତାଙ୍କର ପୁରୁଣା ବନ୍ଧୁ ଗୌରୀ ସ୍ପ୍ରାଟଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ମୁମ୍ବାଇର ବାନ୍ଦ୍ରାସ୍ଥିତ ଆମିରଙ୍କ ବାସଭବନରେ ଅତି ନିରାଡ଼ମ୍ବର ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ବିବାହ ଉତ୍ସବରେ କେବଳ ପରିବାର ଲୋକ ଓ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ । ଉଭୟେ ଆଇନଗତ ଦଲିଲରେ ସ୍ୱାକ୍ଷର କରି ନିଜର ବିବାହକୁ ପଞ୍ଜିକୃତ କରିଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ଆମିରଙ୍କ ତିନି ସନ୍ତାନ ଏବଂ ଗୌରୀଙ୍କ ପୁଅ ମଧ୍ୟ ଉପସ୍ଥିତ ଥିଲେ । ଆମିର ଓ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେବ ଜାଣିଥିଲେ ମଧ୍ୟ ଦୁଇ ବର୍ଷ ତଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପୂର୍ବରୁ ଦୁଇଟି ବିବାହ ବିଚ୍ଛେଦ ପରେ ୬୦ ବର୍ଷ ବୟସରେ ଆମିରଙ୍କ ଜୀବନକୁ ଗୌରୀ ଶାନ୍ତି ଓ ସ୍ଥିରତା ଆଣିଦେଇଛନ୍ତି ବୋଲି ଅଭିନେତା ପ୍ରକାଶ କରିଛନ୍ତି ।

# ବିଶାଖାପାଟଣା ଉପକୂଳରେ ୬ ମତ୍ସ୍ୟଜୀବୀ ନିଖୋଜ

**ବିଶାଖାପାଟଣା, ୫ ।୭ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ମାଛଧରା ଡଙ୍ଗା ସହ ସମ୍ପର୍କ ବିଚ୍ଛିନ୍ନ ହେବା ପରେ ୬ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି । ଡଙ୍ଗାରେ ମୋଟ ୭ ଜଣ ରହିଥିଲେ । ଜୁଲାଇ ୧ରେ ବିଶାଖାପାଟଣା ମତ୍ସ୍ୟ ବନ୍ଦରରୁ ସମୁଦ୍ରକୁ ଯାଇଥିବା ଏହି ଡଙ୍ଗା ଜୁଲାଇ ୪ରେ ଫେରିବା କଥା ଥିଲା । ଲଘୁଚାପ ଯୋଗୁଁ ପାଗ ଖରାପ ହେବାରୁ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଫେରି ଆସିବାକୁ ସତର୍କ କରାଯାଇଥିଲା । ପରେ ଡଙ୍ଗା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏହାପରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା, ସାମୁଦ୍ରିକ ପୁଲିସ ଓ ଅନ୍ୟ ସଂସ୍ଥା ପକ୍ଷରୁ ବ୍ୟାପକ ଖୋଜାଖୋଜି ଅଭିଯାନ ଚାଲିଛି । ନୌସେନାର ହେଲିକପ୍ଟର ମଧ୍ୟ ଅନୁସନ୍ଧାନରେ ସାମିଲ ହୋଇଛି ।

# କାଶ୍ମୀର ପାଠ୍ୟପୁସ୍ତକେରେ ହାଫିଜ୍ ସୟିଦ୍ 'ମହାନ ବ୍ୟକ୍ତି'




## ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବଳରେ ମାମଲା ରୁଜୁ

**ଶ୍ରୀନଗର, ୫ ।୭ (ଏଜେନ୍ସି):** ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପାଇଁ କିଣାଯାଇଥିବା ଦୁଇଟି ବହିକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଏହି ବହିଗୁଡ଼ିକରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ସୂତ୍ରଧର ଆତଙ୍କବାଦୀ ହାଫିଜ୍ ସୟିଦ୍ ଏବଂ ବିଚ୍ଛିନ୍ନତାବାଦୀ ନେତା ମକବୁଲ ଭଟ୍ଟଙ୍କୁ 'ମହାନ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରାଯାଇଛି । ଏହି ଘଟଣାରେ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଏବଂ ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପାଠ୍ୟପୁସ୍ତକରେ ଜମ୍ମୁ-କାଶ୍ମୀରକୁ 'ଭାରତ ଅଧିକୃତ କାଶ୍ମୀର' ବୋଲି ଉଲ୍ଲେଖ କରାଯିବା ସହ ପ୍ରତିବନ୍ଧିତ ସଂଗଠନର ପ୍ରତିଷ୍ଠାତା ମକବୁଲ ଭଟ୍ଟଙ୍କୁ ଶହୀଦ ଏବଂ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଚିତ୍ରିତ କରାଯାଇଛି । ବିଜେପି ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ ଦୃଢ଼ ବିରୋଧ କରିଛି । ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତୁରନ୍ତ ଏହି ବହିଗୁଡ଼ିକ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି । ବହି ଚୟନ କରିଥିବା କମିଟିର ସଦସ୍ୟ ଏବଂ ଅଧିକାରୀଙ୍କ ଚରମ ଅବହେଳା ପାଇଁ ୮ ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦିଆଯାଇଛି । ସମ୍ପୃକ୍ତ ଲେଖକ ଏବଂ ପ୍ରକାଶକମାନଙ୍କୁ ଜମ୍ମୁ-କାଶ୍ମୀରରେ କଳାତାଲିକାଭୁକ୍ତ କରାଯାଇଛି । ପୁଲିସ ଜମ୍ମୁସ୍ଥିତ ପ୍ରକାଶକଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଏବଂ ଡିଜିଟାଲ ପ୍ରମାଣ ଜବତ କରିଛି । ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏହି ଘଟଣାରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ଏହିଭଳି ବିଷୟବସ୍ତୁ କିଭଳି ପାଠ୍ୟକ୍ରମରେ ସ୍ଥାନ ପାଇଲା, ସେ ନେଇ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

# ଏନକାଉଣ୍ଟରରେ ଲରେନ୍ସ ଗ୍ୟାଙ୍ଗ୍‌ର ଦୁଇ ସୁଟର ନିହତ

**ଝଜ୍ଜର,୫ ।୭ (ଏଜେନ୍ସି):** ହରିୟାଣା ଏସ୍‌ଟିଏଫ୍ ଓ ଦିଲ୍ଲୀ ପୁଲିସର ମିଳିତ ଅଭିଯାନରେ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ଦୁଇ ଶୁଟର ରବିବାର ଭୋରରେ ଏନକାଉଣ୍ଟରରେ ନିହତ ହୋଇଛନ୍ତି । ମୃତକମାନେ ପ୍ରବେଶ ଓ ହିମାଂଶୁ ବୋଲି ପୁଲିସ ଚିହ୍ନଟ କରିଛି । ଉଭୟଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିଲା । ପୁଲିସ ସୂଚନା ଅନୁସାରେ, ଗୁପ୍ତ ସୂଚନା ଆଧାରରେ ବହାଦୁରଗଡ଼ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତମାନେ ପୁଲିସ ଉପରେ ଗୁଳିଚାଳନା କରିଥିଲେ । ପାଲଟା କାର୍ଯ୍ୟାନୁଷ୍ଠାନରେ ଉଭୟ ନିହତ ହୋଇଥିବାବେଳେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧୨ରୁ ୧୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା । ନିହତ ଦୁଇ ଅଭିଯୁକ୍ତ ଗତ ଜୁନ୍ ୧୧ରେ ହାଁସିର ଜିମ୍ ମାଲିକ କପିଲ ରେଢୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି । ଏହି ହତ୍ୟାକାଣ୍ଡର ଦାୟିତ୍ୱ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ହ୍ୟାରି ବକ୍ସର ଅନଲାଇନ୍ ପୋଷ୍ଟ ମାଧ୍ୟମରେ ନେଇଥିବା ଦାବି କରିଥିଲା । ତେବେ ଏହି ପୋଷ୍ଟର ସତ୍ୟତା ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ । ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି ।

# ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

**ବାରୁଇପୁର,୫ ।୭ (ଏଜେନ୍ସି):** ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଏକ ଅତି ନିର୍ମମ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଏକ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଘରକୁ ଫେରିନଥିଲେ । ଚାରି ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ସକାଳେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ଶବ ମିଳିବା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା, ଯେଉଁଥିରେ ପୁଲିସଗାଡ଼ି ଭଙ୍ଗାରୁଜା ହେବା ସହ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ପୁଲିସ ପ୍ରାଥମିକ ତଦନ୍ତରୁ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ଏବଂ ଶାରୀରିକ ନିର୍ଯାତନାର ଆଶଙ୍କା ମଧ୍ୟ କରାଯାଉଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଏହି ଘଟଣା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପିତାଙ୍କ ସହ କଥା ହୋଇଛନ୍ତି ଏବଂ ଆସନ୍ତା ମଙ୍ଗଳବାର ଦିନ ତାଙ୍କ ପରିବାରକୁ ଭବାନୀ ଭବନରେ ଭେଟିବାକୁ କହିଛନ୍ତି । ପୁଲିସମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି ।

## ପୋଖରୀରୁ ମୃତଦେହ ଉଦ୍ଧାର

# ବଦ୍ରିନାଥ ଦାନ ଲୁଟ୍ ପୂର୍ବରୁ ବଦଳାଯାଇଥିଲା ସିସିଟିଭି କ୍ୟାମେରା

**ଚାମୋଲି,୫ ।୭ (ଏଜେନ୍ସି):** ଶ୍ରୀ ବଦ୍ରିନାଥ ଧାମରେ ଦାନ ଓ ଭୋଗ ଅର୍ଥରେ ଅନିୟମିତତା ଅଭିଯୋଗ ମଧ୍ୟରେ ଜୁଲାଇ ୧ରେ ମନ୍ଦିରର ସମସ୍ତ ସିସିଟିଭି କ୍ୟାମେରା ବଦଳାଯାଇଥିବା ଘଟଣାକୁ ନେଇ ନୂଆ ପ୍ରଶ୍ନ ଉଠିଛି । ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୋହନ ସିଂହ ରଙ୍ଗଡ଼ କହିଛନ୍ତି, ଜଣେ ଦାତାଙ୍କ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ କ୍ୟାମେରା ଉପହାର ମିଳିବା ପରେ ନିୟମିତ ପ୍ରକ୍ରିୟାରେ ୩୨ଟି କ୍ୟାମେରା ବଦଳାଯାଇଥିଲା । ପୁରୁଣା ସମସ୍ତ ଦୃଶ୍ୟ ରେକର୍ଡ ସୁରକ୍ଷିତ ରହିଛି ଏବଂ ତଦନ୍ତ ପାଇଁ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି । ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ମନ୍ଦିର କମିଟି ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି । ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ସୂଚନା ଦେଇଛି । ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିରୋଧୀ ଦଳର ନେତାମାନଙ୍କୁ ପଚରାଉଚରା କରିବାକୁ ବିଶ୍ୱ ହିନ୍ଦୁ ପରିଷଦ (ବିଏଚ୍‌ପି) ଅଯୋଧ୍ୟା ପୁଲିସକୁ ଚିଠି ଲେଖିଛି । ଅଭିଯୋଗର ସତ୍ୟତା ପ୍ରମାଣ କରିବା ପାଇଁ ତଥ୍ୟ ଓ ପ୍ରମାଣ ଦାଖଲ କରିବାକୁ ସମ୍ପୃକ୍ତ ନେତାମାନଙ୍କୁ କହିବାକୁ ସଂଗଠନ ଦାବି କରିଛି । ଚିଠିରେ ପ୍ରିୟଙ୍କା ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ, ରାମ ଗୋପାଳ ଯାଦବ ଓ ସଞ୍ଜୟ ସିଂଙ୍କ ନାମ ଉଲ୍ଲେଖ କରାଯାଇଛି ।

# ମୁମ୍ବାଇରେ ବର୍ଷା ତାଣ୍ଡବ ଜାରି



- ଅଳ୍ପକେ ବର୍ତ୍ତିଲେ ମୁକେଶ ଅମ୍ବାନୀ
- କାର ପଟୁଆର ଯାଉଥିବା ବେଳେ ଭାଙ୍ଗି ପଡ଼ିଲା ବିରାଟ ଗଛ

**ମୁମ୍ବାଇ,୫ ।୭ (ଏଜେନ୍ସି):** ମୁମ୍ବାଇରେ ଜାରି ରହିଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ମଧ୍ୟରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ଦିନ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଅମ୍ବାନୀଙ୍କ ସୁରକ୍ଷା ଗାଡ଼ିଗୁଡ଼ିକର ପଟୁଆର ଯାଉଥିବା ସମୟରେ ହଠାତ୍ ସେମାନଙ୍କ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା । ଏହି ଆକସ୍ମିକ ଘଟଣା ଯୋଗୁଁ ସେଠାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଆରକ୍ଷୀ (ପୁଲିସ) ବାହିନୀର ସୂଚନା ଅନୁଯାୟୀ, ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦଳର ଗାଡ଼ିଗୁଡ଼ିକ ଯାଉଥିବା ବେଳେ ହିଁ ଏହି ଅଘଟଣ ଘଟିଥିଲା । ଗଛଟି ଠିକ୍ ଗାଡ଼ିଗୁଡ଼ିକର ସମ୍ମୁଖରେ ପଡ଼ିଥିବାରୁ ସମସ୍ତ ଗାଡ଼ିକୁ ତୁରନ୍ତ ଅଟକାଇ ଦିଆଯାଇଥିଲା । ଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି ଗାଡ଼ିର କ୍ଷତି ହୋଇନାହିଁ । ଏହି ସମ୍ପୂର୍ଣ୍ଣ ଘଟଣାର କିଛି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରସାରିତ ହେବାରେ ଲାଗିଛି । ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ପୌରପାଳିକା କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛକୁ କାଟି ହଟାଇବା ସହ ବାଧାପ୍ରାପ୍ତ ହୋଇଥିବା ଗାଡ଼ି ଚଳାଚଳକୁ ପୁନର୍ବାର ସ୍ୱାଭାବିକ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ମୁମ୍ବାଇରେ ପ୍ରବଳ ମୌସୁମୀ ବର୍ଷା ସହ ଜୋରରେ ପବନ ବହୁଛି ।

# ଭୂଦାନ ଜମିର ବଣ୍ଟନ ଓ ଦାଖଲଖାରଜ ବନ୍ଦ

ଭୁବନେଶ୍ୱର, ୫।୭ (ସମିସ): ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଓ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଏହା ଫଳରେ ପରବର୍ତ୍ତୀ ସମୟରେ ଦାଖଲଖାରଜ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ରାଜସ୍ୱ ବିଭାଗ ସ୍ଥଗିତ ରଖିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖିଛନ୍ତି। ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବଜ୍ରପାତରେ ହାତୀ ମୃତ !

ଢେଙ୍କାନାଳ, ୫।୭ (ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ବମ୍ପା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀଟି ବଜ୍ରପାତରେ ମରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ରବିବାର ସକାଳେ ଏକ ପୁରୁଷ ହାତୀର ମୃତଦେହ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚି



ମୃତଦେହକୁ ଘେରାବନ୍ଦୀ କରି ତଦନ୍ତ କରିଥିଲେ। ପରେ ଢେଙ୍କାନାଳ ଡିଏଫଓ ଓ ସାଇଣ୍ଟିଫିକ ଟିମ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ ବଜ୍ରପାତରେ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ସମୟରେ ବିଦ୍ୟୁତ୍ ଦ୍ୱାରା ମୃତ୍ୟୁ ନେଇ କୌଣସି ସୂଚନା ମିଳିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି। ମୃତ ହାତୀର ବୟସ ୨୫ରୁ ୩୦ବର୍ଷ ହେବ।

# ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବସ୍‌ଷ୍ଟାଣ୍ଡ ପାଚେରି

ଖଡ଼ିଆଳ, ୫।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରକାରୀ ବସ୍‌ଷ୍ଟାଣ୍ଡ କାମ ନିମ୍ନମାନର ହୋଇଥିବାରୁ ଉଦ୍‌ଘାଟନ ପୂର୍ବରୁ ଗୋଟିଏ ପାଶ୍ୱର୍ର ପାଚେରି ପ୍ରାୟ ୭୦ ଫୁଟ ଭୁଶୁଡ଼ି ପଡ଼ିଛି। ଫଳରେ



୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ପାଚେରି ଭାଙ୍ଗିବା ଫଳରେ ପାଶ୍ୱର୍ବର୍ତ୍ତୀ କିଛି ଲୋକଙ୍କ କ୍ଷତି ହୋଇଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ଓ କମ ସିମେଣ୍ଟ ଓ ଅଧିକ ବାଲି ବ୍ୟବହାର ହୋଇଥିବାରୁ ପାଚେରିଟି ଉଦ୍‌ଘାଟନ ପୂର୍ବରୁ ହିଁ ଭୁଶୁଡ଼ି ପଡ଼ିଛି। ଏପରିକି ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ତାହା ମଧ୍ୟ ଆଗାମୀ ଦିନରେ ଭୁଶୁଡ଼ି ଯିବାର ସମ୍ଭାବନା ଥିବାବେଳେ ସିମେଣ୍ଟ ଫ୍ଲୋରିଂ ମଧ୍ୟ କେତେକ ସ୍ଥାନରେ ଫାଟିଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପାଚେରି ଭାଙ୍ଗିବା ପରେ ସ୍ଥାନୀୟଲୋକେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦାୟିତ୍ୱରେ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦାବି ହେଉଛି।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭିଡିଓ; ଯୁବକ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଅପପ୍ରଚାର ଅଭିଯୋଗରେ ସାଇବର ଥାନା ପୁଲିସ କଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକଙ୍କ ନାମ ବିଶ୍ୱଜିତ୍ ସାହୁ ଓ ତାଙ୍କ ଘର କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳରେ। ପୁଲିସ ତାଙ୍କ ଠାରୁ ଗୋଟିଏ ଆଇଫୋନ ଜବତ କରିଛି।

ପୁଲିସ ସୂଚନା ମୁତାବକ ଗତ ୪ତାରିଖରେ ନିୟମିତ ସୋସିଆଲ ମିଡିଆ ପେଟ୍ରୋଲିଂ ସମୟରେ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ ହୋଇଥିବା ଠାବ କରିଥିଲା। ଏହି ଆକାଉଣ୍ଟରେ ଏଆଇ-ଦ୍ୱାରା ଫଟୋକୁ ମର୍ଫ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରସାର କରାଯାଇଥିଲା। ସୋସିଆଲ ମିଡିଆ ପେଟ୍ରୋଲିଂ ରିପୋର୍ଟର ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଡିଜିଟାଲ ଉପାୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଆପତ୍ତିଜନକ ଭାବରେ ପ୍ରଦର୍ଶନ କରିଥିଲେ। ପୁନଶ୍ଚ ସେ ଏଥିରେ ଅଶ୍ଳୀଳ ଅଙ୍ଗଭଙ୍ଗୀ ଓ ମାନହାନିକର ଉକ୍ତି ମଧ୍ୟ ବ୍ୟବହାର କରିଥିଲେ। ଏହା ଡିଜିଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଯୁବପିଢ଼ିଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଇଚ୍ଛାକୃତ ଭାବେ କରାଯାଇଥିଲା ବୋଲି ପୁଲିସ ସୂଚନା ଦେଇଛି।

## ଚିଠା ଭୋଟର ତାଲିକାକୁ ନେଇ ବିଜେଡିର ସାଂଘାତିକ ଅଭିଯୋଗ

# ୨୦ ଲକ୍ଷ ନୁହେଁ; ବାଦ୍ ପଡ଼ିଛନ୍ତି ୨୭ ଲକ୍ଷ ଭୋଟର

ଭୁବନେଶ୍ୱର, ୫।୭ (ସମିସ): ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ସମାପ୍ତ ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ଚିଠା ଭୋଟର ତାଲିକାରେ ୨୦ ଲକ୍ଷ ନୁହେଁ; ବରଂ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଭୋଟରମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ସମ୍ପୂର୍ଣ୍ଣ ଏସ୍ଆଇଆର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଦଳର ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଏସ୍ଆଇଆର ପାଇଁ ବିଭିନ୍ନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ଦଳମାନଙ୍କ ସହ ଆଲୋଚନା କରିଥିଲେ। ଏସଆଇଆର ପ୍ରକ୍ରିୟା ଆରମ୍ଭ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକା ଏବଂ ବର୍ତ୍ତମାନର ପ୍ରକାଶିତ ଭୋଟର ତାଲିକାରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି। ୨୦୨୫ ମସିହାର ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ କୋଟି ୪୦ଲକ୍ଷ ୭୨ ହଜାର ୭୪୪ ଜଣ ଭୋଟରଙ୍କ ନାମ ୱେବ୍‌ସାଇଟରେ ଉପଲବ୍ଧ ଥିଲା। ମେ ମାସ ୧୪ ତାରିଖରେ ଏସ୍ଆଇଆର ପାଇଁ ଓଡ଼ିଶାରେ ଭାରତୀୟ ନିର୍ବାଚନ କମିସନ ଦ୍ୱାରା ବିଜ୍ଞପ୍ତି ହେବା ପରେ ମେ ୧୫ ତାରିଖରେ ବିଭିନ୍ନ ରାଜନୈତିକ ଦଳର ବୈଠକରେ ୩ କୋଟି ୩୪ଲକ୍ଷ ଭୋଟର ଥିବା ନେଇ ତଥ୍ୟ ପ୍ରଦାନ ହୋଇଥିଲା। ପୁଣି ଜୁନ୍ ୧୨ ତାରିଖରେ ତାହାକୁ ୩



କୋଟି ୩୩ଲକ୍ଷ ୯୯ହଜାର ୫୯୧ଜଣ ବୋଲି ଦର୍ଶାଯାଇଥିଲା। ତେବେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଥିବା କୁହାଯାଇଛି। ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହୁନାହିଁ। ୨୦୨୫ ଚୂଡ଼ାନ୍ତ ତାଲିକାରେ ଥିବା ଭୋଟର ସଂଖ୍ୟାକୁ ଅନୁଶୀଳନ କଲେ ଓଡ଼ିଶାରେ ବାସ୍ତବରେ ୨୭ଲକ୍ଷ ଭୋଟର ଏହି ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା, ସେହି ଅନୁଯାୟୀ ଅନେକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାରତମ୍ୟ ରହିଛି। ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରୁ ୭୫ଟିରେ ୧୦,୦୦୦ରୁ ଉର୍ଦ୍ଧ୍ୱ, ତା'ମଧ୍ୟରୁ ୪୯ଟିରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ଏସଆଇଆର ପ୍ରକ୍ରିୟାରୁ ଅନେକ ଲୋକ ବାଦ୍ ପଡିବା ଏକ ଚିନ୍ତାଜନକ ବିଷୟ ପାଲଟିଛି। ଏସଆଇଆର ଦ୍ୱାରା ଶୁଦ୍ଧ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ନେଇ ଜାତୀୟ ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ଘୋଷଣା କରିଥିଲେ, ତାହା ଏଠାରେ ପରିପ୍ରକାଶ ହୋଇ ପାରିଲାନାହିଁ। ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

- ଭୋଟରଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି
- ପ୍ରକ୍ରିୟାରେ କଟିଛନ୍ତି ଅନେକ ଯୋଗ୍ୟ ଭୋଟର
- ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ପାଇଁ ଦାବି

ସେହିପରି ସାଧାରଣ ସମ୍ପାଦକ ଶ୍ରୀ ନାୟକ କହିଛନ୍ତି ଯେ ୨୦୨୫ ମସିହାରେ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଏବଂ ଏସଆଇଆର ଆରମ୍ଭ ବେଳକୁ ପ୍ରକାଶିତ ଭୋଟର ସଂଖ୍ୟାରେ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଭୋଟର ତାଲିକାରେ ଏହି ପ୍ରକାର ତାରତମ୍ୟ ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ତାହାର ସଂଶୋଧନ ନ କରି ଭୋଟର ତାଲିକା ପ୍ରକାଶ କରିଛନ୍ତି। ପ୍ରକାଶିତ ଭୋଟର ତାଲିକରେ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି। ଦଳମାନଙ୍କୁ ୨୦ଲକ୍ଷ ୧୨ହଜାର ଭୋଟର ବାଦ୍ ପଡିଥିବା କୁହାଯାଇଛି। କିନ୍ତୁ ଗଣମାଧ୍ୟମରେ ସିଇଓ ୨୦ଲକ୍ଷ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବା ନେଇ କହିଛନ୍ତି। ମେ ୩୦ରୁ ୨୮ ଜୁନ ପର୍ଯ୍ୟନ୍ତ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଛି। ଏସଆଇଆରରେ ଭୋଟର ବୃଦ୍ଧି ପାଇବା ସ୍ଥାନରେ କମିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକ୍ରିୟାରେ ୧୩ଟି ଜଟିଳ ଅସଂଗତ ତଥ୍ୟ ପାଇଁ ଅନେକ ଭୋଟର ବାଦ୍ ହୋଇଛନ୍ତି। ତାହାକୁ ସରଳୀକରଣ କରି ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଉ। ସେହିପରି ବିଏଲଓମାନଙ୍କୁ ସଠିକ୍ ଭାବରେ ତାଲିମ ଦିଆଯାଇ ନ ଥିବାରୁ ତ୍ରୁଟିପୂର୍ଣ୍ଣ ଭାବେ ଏସଆଇଆର ପ୍ରକ୍ରିୟା ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଏହାର ତୁରନ୍ତ ସୁଧାର କରିବା, ପ୍ରକ୍ରିୟା ସରଳୀକରଣ କରିବା ଓ ଅସଂଗତିଗୁଡିକ ସମାଧାନ ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି।

**ପାଲବଣି ଦୁର୍ଘଟଣା ଘଟଣା**

# ଦୁଇ ଗାଡ଼ିର ପଞ୍ଜୀକରଣ ରଦ୍ଦ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା, ୫।୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦାର ପାଲବଣିଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଉଭୟ ଡମ୍ଫର ଓ ଟାଟା ଏସି ଭ୍ୟାନର ବୈଧ ଫିଟନେସ୍ ପ୍ରମାଣପତ୍ର ନ ଥିବା ଜଣାପଡ଼ିଛି। ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଉକ୍ତ ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବାକୁ



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ବିନା ଫିଟନେସ୍, ବୀମା ଓ ପରମିଟ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟର ସମସ୍ତ ଆରଟିଓ ଓ ଏଆରଟିଓଙ୍କୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ସେ ଆଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ମୃତକଙ୍କ ପରିବାର ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାମକ, ପାଲବଣି ଓଭରବ୍ରିଜ ପରେ ୧୮ ନଂ ଜାତୀୟ ରାଜପଥରେ ଏକ କାଠ ବୋଝେଇ ଟାଟା ଏସି ଭ୍ୟାନ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ତିନି ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଖବର ସଂଗ୍ରହ କରୁଥିବା ସମୟରେ ଓଭରବ୍ରିଜ ଉପରପଟୁ ଏକ ଡଷ୍ଟ ବୋଝେଇ ଡମ୍ଫର ଆସି ଭ୍ୟାନକୁ ଧକ୍କା ଦେଇ ଓଲଟି ପଡିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସହିତ ୭ ଜଣ ଗୁରୁତର ଆହତ ହୋଇ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ମୃତ ଦୁଇ ଯୁବକ ମିହିର ମାଇତି ଓ ସେକ ଜଲାଲଉଦ୍ଦିନଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଯୁବନେତା ଦେବାଶିଷ ମହାନ୍ତି ଓ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶବ ବ୍ୟବଚ୍ଛେଦ ଗୃହକୁ ଯାଇ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସାକ୍ଷାତ କରିବା ସହ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହିତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ତୁରନ୍ତ ୨୫,୦୦୦ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ

**ମୃତକ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଜେଡିର ଦାବି**

୧,୦୦,୦୦୦ ଆର୍ଥିକ ସହାୟତା ପାଇଁ ସୁପାରିଶ କରାଯିବ ବୋଲି ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚାକିରି ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ଉନ୍ନତ ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଭିଜିଲାନ୍ସ ଜାଲରେ ନିମ୍ନା ସରପଞ୍ଚ

ତରଭା, ୫।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର



ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ତାଙ୍କୁ ଧରିଛି। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ପଞ୍ଚାୟତ ପୋଖରୀ ଠିକାରେ ନେଇଛି। ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେ ସରପଞ୍ଚଙ୍କ ସ୍ୱାକ୍ଷର ଓ ଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ସରପଞ୍ଚ ୪୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା କର୍ମକର୍ତ୍ତା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ। ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲାଗିଥିବା ଟଙ୍କା ଜବତ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଦଳ ସରପଞ୍ଚଙ୍କ ଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଡଉ କରିଛନ୍ତି।

## ମିଳିଲାନି ଶବବାହକ ଗାଡ଼ି

# ବାଇକ୍‌ରେ ସ୍ତ୍ରୀର ଶବ ନେଲେ ସ୍ୱାମୀ



ଝାରସୁଗୁଡ଼ା, ୫।୭ (ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି; ହେଲେ ଝାରସୁଗୁଡ଼ା ଜିଲ୍ଲାରେ ସାଧାରଣ ଶବବାହକ ଗାଡ଼ିଟିଏ ନ ମିଳିବାରୁ ଜଣେ ବ୍ୟକ୍ତି ବାଇକ୍‌ରେ ତାଙ୍କ ସ୍ତ୍ରୀର ଶବ ଧରି ଘରକୁ ନେଇଛନ୍ତି। ଏହି ଦୃଶ୍ୟ ସ୍ୱାସ୍ଥ୍ୟସେବାର ଚରମ ଅବହେଳାକୁ ପଦାରେ ପକାଇଛି। ଲଇକେରା ବ୍ଲକ୍ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲିର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରକୃତ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ମୃତ୍ୟୁ ପରେ। ମୃତଦେହ ଗାଁକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନ ଥିଲା। ଅସହାୟ ନରେଶ ବହୁ ଚେଷ୍ଟା କରି ନିରାଶ ହେବା ପରେ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ଶବକୁ ଲୁଗାରେ ଗୁଡ଼ାଇ ଗାଁକୁ ଫେରିଥିଲେ।

## ଜାତୀୟ ରାଜପଥରେ ୩ ଫୁଟର ପାଣି

# ଭାସି ଯାଉଥିବା ପରିବାରକୁ ଉଦ୍ଧାର କଲେ ସ୍ଥାନୀୟଲୋକେ

କୋମନା, ୫।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷାପାଣି ନିଷ୍କାସନ ହୋଇନପାରି ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, କୋମନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେଉଛି। ବିଶେଷ କରି କୋମନା ଜାତୀୟ ରାଜପଥ ନିକଟସ୍ଥ ଷ୍ଟ୍ରକ୍‌ଚର ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରାସ୍ତା ଉପରେ ପ୍ରାୟ ୩ ଫୁଟ୍‌ର ବନ୍ୟା ଜଳ ଚଳିତ ହେଉଛି। ଏହାଫଳରେ ଦୀର୍ଘ ୩ ଘଣ୍ଟା କାଳ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାର ଦୁଇ ପାଶ୍ୱର୍ରେ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଅଟକି ରହିବା ଫଳରେ ଯାତ୍ରୀମାନେ ଚରମ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ଜଳପ୍ଲାବନ ମଧ୍ୟରେ ଏକ ବଡ଼ ଅଘଟଣ ଟଳିଯାଇଛି।



ରାସ୍ତା ଉପରେ ପ୍ରଖରସ୍ରୋତରେ ଏକ ପରିବାର ପାଣିରେ ଭାସିଯାଉଥିବା ବେଳେ ସ୍ଥାନୀୟ ଯୁବକ ତଥା ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ ତତ୍ପରତା ଓ ସାହସିକତା ଯୋଗୁଁ ଭାସିଯାଉଥିବା ପରିବାରର ସମସ୍ତ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପରପକ୍ଷରେ, ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଡ୍ରେନେଜ ଗୁଡ଼ିକର ସଠିକ୍ ରକ୍ଷଣବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସାମାନ୍ୟ ବର୍ଷା ହେଲେ ରାସ୍ତା ବୁଡ଼ିଯାଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋମନା ବ୍ଲକର କେତେକ ତଳିଆ ଅଞ୍ଚଳରେ ପାଣି ପଶି ରହିଥିବା ବେଳେ ପ୍ରଶାସନ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି। ଏହାସହ ସିଙ୍ଗାରି ଡ୍ୟାମ ମଧ୍ୟ ପ୍ରବଳ ପାଣି ପ୍ରଭାବରେ ଭାଙ୍ଗି ଯାଇଥିବା ସୂଚନା ମିଳିଛି।

# ଭିଡିଓ ସୁଟିଂ ବାହାନାରେ ଡକାୟତି

ଧର୍ମଗଡ଼, ୫।୭ (ସମିସ): ଜନ୍ମଦିନ ପାଳନ ପାଇଁ ଭିଡିଓ ସୁଟିଂ ବାହାନାରେ ଯୋଜନାବଦ୍ଧ ଭାବେ ଡକାୟତି ଓ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ କେଗାଁ ଥାନା ଅଧୀନ ମକରାଗୁଡ଼ା ଗ୍ରାମର ଆଦିତ୍ୟ ବାଗ (୨୧) କଲମପୁର ଥାନା ଅଧୀନ ପଣ୍ଡି ଗାଁ ର ଘନଶ୍ୟାମ ଦୁର୍ଗାଙ୍କୁ ଗୋଲାମୁଣ୍ଡା ବ୍ଲକ ବାଗମୁଣ୍ଡା ଗ୍ରାମରେ ଏକ ଜନ୍ମ ଦିନ ପାଳନ ଅବସରରେ ଭିଡିଓ ସୁଟିଂ ପାଇଁ ଫୋନ୍ କରି ଅଗ୍ରୀମ ଆକାରରେ ୫୦୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ। ପରେ ଜୁନାଗଡ଼ ଥାନା ଅଧୀନ ପିଲିକିଆ ଗ୍ରାମର ରାକେଶ ନାଏକ ଓ ଘନଶ୍ୟାମ ଦୁର୍ଗା ଭିଡିଓ ସୁଟିଂ ପାଇଁ ଦୁଇଟି କ୍ୟାମେରା ସହ ଯାବତୀୟ ସାମଗ୍ରୀ ଧରି ବାଗମୁଣ୍ଡା ବାହାରିଥିଲେ। ଦୁଇ ଜଣକୁ ରାସ୍ତା ଦେଖାଇବା ପାଇଁ ଆଦିତ୍ୟ ବାଗ ଗୋଲାମୁଣ୍ଡା ଠାରେ ଅପେକ୍ଷା କରିଥିଲେ। ପରେ ଗୋଟିଏ ସ୍କୁଟିରେ ତିନି ଜଣ ବାଗମୁଣ୍ଡା ଅଭିମୁଖେ ବାହାରିଥିଲେ। ଠିକ୍ ରାତି ୯ ଘଣ୍ଟା ସମୟରେ ଆଦିତ୍ୟ ବାଗ ଏକ ନିଛାଟିଆ ସ୍ଥାନ ବାବେରମୁଣ୍ଡା ଡ୍ୟାମ୍ ସରପ୍ଲସ ପୋଲ ନିକଟରେ ପରିସ୍ରା ଯିବା ବାହାନାରେ ଅଟକି ଥିଲେ। ଏହି ସମୟରେ ହଠାତ୍ ୪ ଜଣ ବ୍ୟକ୍ତି



ମୁହଁରେ ଗାମୁଛା ଘୋଡାଇ ମାରଣାସ୍ତ୍ର ଧରି ଉକ୍ତ ସ୍ଥାନରେ ପହଞ୍ଚି ଦୁଇ ଜଣଙ୍କ ଆଖିରେ ମରିଚ ଗୁଣ୍ଡ ଫିଙ୍ଗି ଆକ୍ରମଣ କରି ଘନଶ୍ୟାମ ବାଗକୁ ପୋଲତଳକୁ ଫିଙ୍ଗି ଦେଇଥିଲେ। କୌଶଳ କ୍ରମେ ରାକେଶ ନାଏକ ଡକାୟତି ଗ୍ୟାଙ୍ଗଙ୍କ ଠାରୁ ଖସି ପଳାଇଥିଲେ। ସେମାନଙ୍କ ଠାରୁ ଦୁଇଟି ଭିଡିଓ କ୍ୟାମେରା ସହ ସମସ୍ତ ସାମଗ୍ରୀ ଛଡ଼ାଇ ନେଇ ପଳାଇଥିଲେ। ଡକାୟତି ଗ୍ୟାଙ୍ଗ ସହ ଆଦିତ୍ୟ ବାଗ ମଧ୍ୟ ଚମ୍ପଟ ମାରି ମୋବାଇଲ ଫୋନ୍ ବନ୍ଦ କରି ଦେଇଥିଲା। ଅନ୍ୟପଟେ ରାକେଶ ନାଏକ ନିକଟସ୍ଥ ବାବେରମୁଣ୍ଡା ଗ୍ରାମ ଯାଇ ଗ୍ରାମର ୭/୮ ଜଣ ବ୍ୟକ୍ତିଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ପୋଲତଳୁ ଘନଶ୍ୟାମଙ୍କୁ ଉଦ୍ଧାର କରି ଚପରିଆ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ମେଡିକାଲ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନିପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି। ଏନେଇ ରାକେଶ ନାଏକ କେଗାଁ ଥାନାରେ ଅଭିଯୋଗ କରି ଘଟଣାର ମାଷ୍ଟରମାଇଣ୍ଡ ଆଦିତ୍ୟ ବାଗ ସହ ସମସ୍ତ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାକୁ ଦାବି କରିଛନ୍ତି।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ଘଟଣା

# ବରମୁଣ୍ଡାରୁ ମାଷ୍ଟରମାଇଣ୍ଡ ଗିରଫ



**ଯଖପୁରା/ଦାନଗଦି, ୫।୭ (ସମିସ):** ଯଖପୁରା ଥାନା ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଗଞ୍ଜେଇ ଚୋରା ଚାଲାଣ ର୍ୟାକେଟର ମୁଖ୍ୟ ମାଷ୍ଟରମାଇଣ୍ଡ ଦୁଃଶାସନ ଦଲେଇ (୪୨)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରର ବାରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ ଯଖପୁରା ପୁଲିସ ତାକୁ ଗିରଫ କରିଥିଲା। ଦୁଃଶାସନର ଘର ପାଣିକୋଇଲି ଥାନା ଅନ୍ତର୍ଗତ ନାମିଟକିରି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗତ ଜୁନ୍ ୨୯ ତାରିଖରେ ପୁଲିସ ମନୋହରପୁର ଅଞ୍ଚଳରୁ ପ୍ରାୟ ୧ କ୍ୱିଣ୍ଟାଲ ୩ କିଲୋଗ୍ରାମ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା) ଓ ଏକ ପଲସର ବାଇକ୍ ଜବତ କରିବା ସହ ବିଶ୍ୱଜିତ ଦଲେଇ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ବିଶ୍ୱଜିତକୁ ପଚରାଉଚରା କରିବା ପରେ ଶିଳ୍ପାଞ୍ଚଳରେ ଚାଲିଥିବା ଏହି ବେଆଇନ 'ପିଇସା-ପୁତୁରା' ରାକେଟ ସମ୍ପର୍କରେ ସବିଶେଷ ତଥ୍ୟ ମିଳିଥିଲା। ସମ୍ପର୍କରେ ପିଇସା ହେଉଥିବା ଦୁଃଶାସନ ହିଁ ଏହି କାରବାରର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲା। ସେ ପେଶାରେ ଜଣେ ବସ୍ ଡ୍ରାଇଭର ହୋଇଥିବାରୁ, ବିଭିନ୍ନ ସ୍ଥାନକୁ ଯିବା ଆସିବା ବେଳେ ଏହି ଗଞ୍ଜେଇ ନେଟୱର୍କ ଗଢ଼ିଥିଲା। ବାହାରୁ ଗଞ୍ଜେଇ ଆଣି ସେ ମନୋହରପୁରରେ ଗଚ୍ଛିତ ରଖୁଥିଲା ଏବଂ ପୁତୁରା ବିଶ୍ୱଜିତ ମାଧ୍ୟମରେ ଛୋଟ ପୁଡ଼ିଆ କରି ଶିଳ୍ପାଞ୍ଚଳରେ ବିକ୍ରି କରୁଥିଲା। ଏହି ର୍ୟାକେଟ୍ ସହ ଜଡ଼ିତ ଅନ୍ୟମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। କେସ ନମ୍ବର ୧୧୯/୨୬ରେ ଆଜି ବିଶ୍ୱଜିତ କୁ କୋର୍ଟଚାଲାଣ କରାଯାଇଛି।

# ଦୁର୍ଘଟଣାରେ ଯୁବକ ଗୁରୁତର

**କବାଟବନ୍ଧ, ୫।୭ (ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାରିଣୀ ଛକ ନିକଟରେ ରବିବାର ଅପରାହ୍ନରେ ଏହି ଦୁର୍ଘଟଣାରେ ଯୁବକ ଜଣକ ଗୁରୁତର ହୋଇଥିଲେ। ଆହତ ଯୁବକ ଜଣକ ସୁକିନ୍ଦା ଅଞ୍ଚଳର ତପନ ମହାନ୍ତ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ତପନ କୌଣସି କାମରେ ଏକ ବାଇକରେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ଯାଉଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଟ୍ରକ୍ ପଛରେ ଧକ୍କା ଲାଗିଥିଲା। ଫଳରେ ତପନ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଶାଳା ମେଡ଼ିକାଲ ନିଆ ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ।

# ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ସମ୍ମାନିତ

**ବ୍ରହ୍ମବରଦା, ୫।୭ (ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଅନ୍ତର୍ଗତ ଚାରିଗାରପୁର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ 'ଲୋକଙ୍କ ସ୍ୱର' ଖବରକାଗଜର ଲୋକାର୍ପଣ ଉତ୍ସବ ଅବସରରେ ବ୍ରହ୍ମବରଦା ପ୍ରେସ୍ କ୍ଲବକୁ ସମ୍ମାନିତ କରାଯାଇଛି। ଖବରକାଗଜର ସମ୍ପାଦକ ପ୍ରତାପ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ଉମେଶ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ




ଉତ୍କଳ ମେଲର ସମ୍ପାଦକ ପିତବାସ ମିଶ୍ର, ସମ୍ମାନୀୟ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ବିଜେପି ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଗିରି ଓ ସାଂସଦଙ୍କ ପ୍ରତିନିଧି ଫନିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ରହ୍ମବରଦା ପ୍ରେସ୍ କ୍ଲବ, ଯୁବନେତା ରାକେଶ ଦେଓ, ହେଲପିଙ୍ଗ ହ୍ୟାଣ୍ଡ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସମାଜସେବୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବ୍ରହ୍ମବରଦା ପ୍ରେସ କ୍ଲବର ସଭାପତି ବାପୁଜୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ତିଳନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରାକାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମୁନା ସାହୁ, ଉମେଶ ଚନ୍ଦ୍ର ସାହୁ, କୃଷ୍ଣପ୍ରସାଦ ସଡଙ୍ଗି, ଲିଜାରାଣୀ ସାହୁ, ଭୂମିକା ସାହୁ, ଗିରିଧାରୀ ଦାସ, ଭାସ୍କର ମୁଦୁଲି ଓ ଗୋକୁଳାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାରତୀୟ ବିଦ୍ୟାନିକେତନରେ ରକ୍ତଦାନ ଶିବିର

**ସୁକିନ୍ଦା, ୫।୭ (ସମିସ):** ସୁକିନ୍ଦା ସ୍ଥିତ ଭାରତୀୟ ବିଦ୍ୟାନିକେତନ ଓ ପତିତପାବନ ସେବାସଂଘ ପୁରୀର ମିଳିତ ସହଯୋଗରେ ରବିବାର ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କିଶୋର ଚନ୍ଦ୍ର ଦାଶ ଏବଂ ଡ. ବୈରାଗୀ ଚରଣ ଦ୍ୱିବେଦୀ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷା ସତ୍ତ୍ୱେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲର ଡାକ୍ତରୀ ଟିମ୍ ଦ୍ୱାରା ମୋଟ୍ ୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭାରତୀୟ ବିଦ୍ୟାନିକେତନର ସମ୍ପାଦକ ମନୋରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପତିତପାବନ ସେବା ସଂଘର କର୍ମକର୍ତ୍ତା ଗୋପବନ୍ଧୁ ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ଲେଙ୍କା, ସୁକିନ୍ଦାର ସ୍ୱେଚ୍ଛାସେବୀ ମୃତ୍ୟୁଞ୍ଜୟ ପରିଚ୍ଛା, ମନୋଜିତ ଦାସଙ୍କ ଉଦ୍ୟମ ଓ ସହଯୋଗରେ ଏହି ରକ୍ତଦାନ ଶିବିର ସୂଚାରୁରୂପେ ପରିଚାଳିତ ହୋଇଥିଲା।



# ସମାଜସେବୀଙ୍କ ସ୍ମୃତିଚାରଣ

**ସିଂହପୁର, ୫।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସମାଜସେବୀ ଗୌରାଙ୍ଗ ଚରଣ ସାମଲଙ୍କଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜନେତା ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ଡ. ପଦ୍ମଚରଣ ଧଳ, ସୁଶାନ୍ତ କୁମାର ନାୟକ, କୃଷ୍ଣଚନ୍ଦ୍ର ଜେନା, ପୁରୁଷୋତ୍ତମ ବେହେରା, ଚନ୍ଦ୍ରଶେଖର ନାୟକ, ପ୍ରଦୀପ କୁମାର ଜେନା, ବାସୁଦେବ ସାମଲ, ମେଘନାଦ ମହାଳିକ, ତ୍ରିଲୋଚନ ବେଉରିଆ, ସନ୍ତୋଷ ବେଉରିଆ, ପ୍ରକାଶ ଦାସ, ରବି ନାରାୟଣ ସାମଲ, ସରୋଜ କୁମାର ମଲ୍ଲିକ, ପ୍ରମୋଦ କୁମାର ସାମଲ, ଗନ୍ଧର୍ବ ଦାସ, ଅକ୍ଷୟ ବେହେରା, ବେଣୁଧର ଦାସ, ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଶୀର୍ବାଦ ସାମଲ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ।



## କେବଳ ଚିଠିପତ୍ର ଦିଆନିଆରେ ଚାଲିଛି ପଥର ମାଫିଆ ଦମନ ପ୍ରକ୍ରିୟା

# ଲୁଟ୍ ଖାଦାନର ଠିକଣା ପାଉନି ଜେନାପୁର ପୁଲିସ

**ଯାଜପୁର, ୫।୭ (ସମିସ)**



ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପଥର ଖାଦାନ ଅଞ୍ଚଳରେ ମାଫିଆ ମାନେ ଦିନ ରାତି ଲୁଟ କରିବାରେ ଲାଗିଛନ୍ତି। ଏ ସଂପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ଉକ୍ତ ଅଞ୍ଚଳର ୧୧ ନମ୍ବର ଖାଦାନରେ ୧୬୩ ଧାର ଲାଗି କରି ଏହାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛି। କିନ୍ତୁ ଏହାକୁ ଜେନାପୁର ପୁଲିସ ଠିକଣା ଭାବେ କାର୍ଯ୍ୟକରୁନଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ ବିଛାଖଣ୍ଡୀ ପାହାଡ଼ର ୧୧ ନମ୍ବର ଖାଦାନରୁ ବେଆଇନ ଭାବେ ଖଣି ଖନନ ଓ କଳାପଥର ଲୁଟ୍ ବେଳେ ଗତ ୬ ଜୁନରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଦୁର୍ଘଟଣାର ଦୁଇଦିନ ପର୍ଯ୍ୟନ୍ତ ଏହି ଶ୍ରମିକମାନଙ୍କ କୌଣସି ପତ୍ତା ମିଳି ନଥିଲା। ଏହା ପରଦିନ ଦୁଇଜଣ ଶ୍ରମିକ ଗୁରୁତର ଆହତ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଜଣା ପଡିଥିଲା। ହେଲେ ଆଉ ଜଣେ ଶ୍ରମିକଙ୍କର ଅଦ୍ୟାବଧି କୌଣସି ପତ୍ତା ମିଳିନାହିଁ। ଏହାପରେ ଯାଜପୁର ଡିଡିଏମ୍‌ଙ୍କ ତରଫରୁ ଏଥିନେଇ ପତ୍ର ନମ୍ବର-୩୭୩୭ ତା୯-୬-୨୬ ଯାଜପୁର ଉପଜିଲ୍ଲାପାଳ ତାପସ କୁମାର ଦେହୁରୀଙ୍କୁ ପ୍ରଦାନ କରିଥିଲେ। ଏଠାରୁ ନିୟମିତ କଳାପଥର ଲୁଟ୍ ପାଇଁ ସରକାର ବ୍ୟାପକ ଆର୍ôଥିକ କ୍ଷତିଗ୍ରସ୍ତ ହେଉଥିବାରୁ ଭାରତୀୟ ନ୍ୟାୟ ସଂହିତାରର ୧୬୩ ଧାରା ଲାଗୁ କରି ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା ପାଇଁ ଅନୁରୋଧ କରିଥିଲେ। ହେଲେ ଯାଜପୁର ଉପଜିଲ୍ଲାପାଳ ଜାଣିଶୁଣି ମାଫିଆଙ୍କ ସ୍ୱାର୍ଥରକ୍ଷା ତଥା ଲୁଟ୍ ପାଇଁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଖାଦାନକୁ ନିଷିଦ୍ଧାଞ୍ଚଳ ଘୋଷଣା ପାଇଁ ୧୬୩ ଜାରି କରିବାକୁ ନିର୍ଦ୍ଦେଶ ଦେଇ ନଥିଲେ। ଜୁଲାଇ ୧ ତାରିଖ ରାତିରେ ଏଥିନେଇ ସମାଜସେବୀ ସତୀଶ ବିଶ୍ୱାଳ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଥିଲା। ଏହା ପରଦିନ ସକାଳୁ ଅର୍ଥାତ ୨ ତାରିଖ ସକାଳୁ କ୍ରିମିନାଲ ମିସ କେସ ନିର୍ଦ୍ଦେଶ ନଂ-୧୨୩୧ ତା୦୨-୭-୨୬ ଲାଗୁ କରିଛନ୍ତି। ଅଦ୍ୟାବଧି ଏହି ଖାଦାନ ଉପରେ ୧୬୩ ଧାରା ଲାଗୁ ହୋଇ ନଥିବା ବେଳେ ଏଠାରୁ ଦୈନିକ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଲୁଟ ଚାଲିଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ଖୋଦ ପୁଲିସ ଏସ୍‌ଡିପିଓ, ଜେନାପୁର ଥାନା ଅଧିକାରୀ ଓ ଧର୍ମଶାଳା ତହସିଲଦାରଙ୍କ ସହ ୭ ଜୁନରେ ଖଣି ବିଭାଗର ମିଳିତ ତଦନ୍ତରେ ଏଠାରୁ କଳାପଥର ଲୁଟ ପ୍ରମାଣିତ ହୋଇଛି ବୋଲି ଯାଜପୁର ଡିଡିଏମ ପତ୍ର ନଂ-୩୭୨୬ ତା. ୯-୬-୨୬ ଜେନାପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏଠାରୁ କଳାପଥର ଲୁଟ ବନ୍ଦ ପାଇଁ ପୁଲିସ ପଦକ୍ଷେପ ନେବାକୁ ଡିଡିଏମ୍ ଏହି ପତ୍ରରେ ପରାମର୍ଶ ଦେଇଛନ୍ତି। ଏହାପରେ ଡିଡିଏମଙ୍କ ପତ୍ର ଆଧାରରେ ଏଠାରୁ କଳାପଥର ଲୁଟ ନେଇ ଭାରତୀୟ ନ୍ୟାୟ ସଂହିତା ୩୦୩(୨) ଏବଂ ୫୧ ଓଏମଏମସି ଧାରାରେ ଜେନାପୁର ଥାନାରେ ଏକ କେସ ନଂ- ୧୫୭ ତା.୧୨-୬-୨୬ ରୁଜୁ କରିଛନ୍ତି। ଏହାପରେ ବି ପୁଲିସ ପାହାଡ଼ଟିକୁ ଲୁଟି ନେଉଥିବା ମାଫିଆଙ୍କ ବିରୋଧରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ଖାଦାନର ଅବସ୍ଥିତି ଜେନାପୁର ଥାନା ଅଧିନରେ ଆସୁଛି; କିନ୍ତୁ ଡିଡିଏମଠାରୁ ଚିଠି ପାଇବା ପରେ ଉକ୍ତ ଖାଦାନଟି କେଉଁଠି ବୋଲି ଓଲଟି ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଡିଡିଏମଙ୍କୁ ପ୍ରଶ୍ନ କରିଛନ୍ତି। (ଚିଠି ନଂ ୧୯୦୩/୩-୭-୨୬)। ସେହି ଖାଦାନ ଅଞ୍ଚଳକୁ ନେଇ ପୂର୍ବରୁ ଏକାଧିକ ମାମଲା ମଧ୍ୟ ଜେନାପୁର ଥାନାରେ ରୁଜୁ ହୋଇଛି। ବେଆଇନ ପଥର ଖାଦାନ ପ୍ରତିବାଦରେ ଆନ୍ଦୋଳନ କରିବାକୁ ଯାଇ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କୁ ଆକ୍ରମଣ କରାଯାଇଥିଲା। ସତିଶ ଏ ସଂକ୍ରାନ୍ତରେ ଜେନାପୁର ଥାନାରେ ମଧ୍ୟ ମାମଲା ରୁଜୁ କରିଥିଲେ ମଧ୍ୟ ମାଫିଆମାନଙ୍କ ବିରୋଧରେ ସେଭଳି କିଛି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ଓଲଟି ସତିଶଙ୍କ ବିରୋଧରେ ୪ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏଭଳି ବେଆଇନ ପଥର ଲୁଟ ସଂପର୍କରେ ଡିଡିଏମଙ୍କ ବାରମ୍ବାର ଜେନାପୁର ପୁଲିସକୁ ଚିଠି ଲେଖି ନିଜର କାମ ସାରି ଦେଇଥିବା ବେଳେ ପୁଲିସ ଉକ୍ତ ଖାଦାନର ଅବସ୍ଥିତି ଜାଣି ନ ପାରିବା ପୁଲିସର ସଚ୍ଚୋଟତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

**ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ରୁଜୁ**

# ବିପଦପୂର୍ଣ୍ଣ ଅବସ୍ଥାରେ ଜନିନ୍ଦାପାଳ ରେଲୱେ ଫାଟକ



**ଦାନଗଦି, ୫।୭ (ସମିସ):** ଟମକା-ବ୍ରାହ୍ମଣୀପାଳ ଜାତୀୟ ରାଜରାସ୍ତାର ଜନିନ୍ଦାପାଳ ଗ୍ରାମ ପାଖରେ ଥିବା ରେଳବାଇ ବିଭାଗର ରେଲୱେ ଲେବୁଲ କ୍ରସିଂ ଗେଟ୍‌ଟି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। କିଛିଦିନ ହେଲା ଗେଟ୍‌ର ଉଭୟ ପାଶ୍ୱର୍ରେ ସୁରକ୍ଷା ଦୃଷ୍ଟିରୁ ଲୁହା ପୋଲ ଖୁଣ୍ଟ ଉପରେ ଲୁହା ବିମ୍ କରାଯାଇଛି। କିନ୍ତୁ ଗତ ସାତ ଦିନ ପୂର୍ବରୁ ରାସ୍ତାରେ ଯାଉଥିବା ଭାରୀଯାନ ବୋଝେଇ ଏକ ଟ୍ରେଲରଟି ବ୍ରାହ୍ମଣୀପାଳ ଆଡୁ ଆସୁଥିବା ସମୟରେ ଲେବୁଲ କ୍ରସିଂ ପାଖରେ ଥିବା ଲୁହା ଖୁଣ୍ଟରେ ପିଟି ହେବା ଫଳରେ ଖୁଣ୍ଟଟି ନଇଁ ଯାଇଛି। ତାର ମୂଳ ଭିତ୍ତିଭୂମି ଦୁର୍ବଳ ଅବସ୍ଥାରେ ଅଛି। କେଉଁ ମୁହୂର୍ତ୍ତରେ ଯାନବାହନ ବା ବାଇକ୍ ଉପରେ ପଡ଼ି ଜୀବନ ହାନି ହେବାର ଆଶଙ୍କା ଦେଖାଦେଇଛି। ସେ ରାସ୍ତାରେ ପ୍ରତିଦିନ ଶହ ଶହ ଟିପ୍ପର, ବସ୍, ଭାରୀଯାନ ବାଇକ୍ ସବୁବେଳେ ଭୟ ଓ ଆଶଙ୍କା ଭିତରେ ଯାତାୟତ କରୁଛନ୍ତି। ହେଲେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଲୁହା ଖୁଣ୍ଟକୁ ସ୍ଥାୟୀ ମରାମତି ନ କରି ଏତେଦିନ ଧରି ନୀରବରେ ବସିଛନ୍ତି। ଯାହା ସାଧାରଣରେ ଚକିତ କରିଛି। ଦୈତାରୀ ରେଲୱେ ସାଇଡିଂରୁ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ରେଳବିଭାଗର ଏପରି ବୈମାତୃକ ମନୋଭାବ କ'ଣ ପାଇଁ। ନା ନିକଟ ଭବିଷ୍ୟତରେ ଆଉ ଗୋଟେ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛି। ତୁରନ୍ତ ମରାମତି କରି ଉନ୍ନତମାନର ସେବା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା; ଯୁବକ ଗିରଫ



**ସୁକିନ୍ଦା, ୫।୭ (ସମିସ):** ସୁକିନ୍ଦା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ତାଙ୍କ ସହ ପ୍ରତାରଣା କରିବା ଅଭିଯୋଗରେ ସୁକିନ୍ଦା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଗିରଫ ଯୁବକ ସୁକିନ୍ଦା ପଞ୍ଚାୟତ ସାପୁଆପଦା ଗ୍ରାମ ଉମାକାନ୍ତ ମହାନ୍ତଙ୍କ ପୁଅ ରାଧେଶ୍ୟାମ ମହାନ୍ତ(୨୬)। ସୂଚନା ଅନୁଯାୟୀ, ରାଧେଶ୍ୟାମ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ସ୍ଥାପନ କରି ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହୋଇଥିବା ବେଳେ ରାଧେଶ୍ୟାମ ବିଭିନ୍ନ ବାହାନା ଦେଖାଇ ବିବାହ କରିବାକୁ ଅରାଜି ହୋଇଥିବା ପୀଡ଼ିତା ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ୧୩୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ରାଧେଶ୍ୟାମକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିବା ଜଣାପଡିଛି।

# ରେଖିଦେଇପୁରରେ ଭିଜିଲାନ୍ସ ତଦନ୍ତ

**କବାଟବନ୍ଧ, ୫।୭ (ସମିସ):** ଯାଜପୁର ଜିଲ୍ଲାରେ ଆଲୋକୀକରଣରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ପହଞ୍ଚିଛି। ଶନିବାର ଭିଜିଲାନ୍ସ ଅଧିକାରୀ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ ୨୦୨୨ ମସିହାରେ ଗାଁ ଗାଁରେ ଲାଗିଥିବା ଏହି ଷ୍ଟ୍ରିଟଲାଇଟରେ ବ୍ୟାପକ ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ରେଖିଦେଇପୁର ପଞ୍ଚାୟତରେ ଲାଗିଥିବା ୧୦ ଗୋଟି ଲାଇଟ୍‌କୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଉକ୍ତ ଲାଇଟ ଏବଂ କେବୁଲର ମାନ ସହିତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରୁଥିବା ଜଣାପଡିଛି।

# ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ବ୍ୟାସନଗର, ୫।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ସର୍ବପୁରାତନ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖଚିଲାର ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିହା ପ୍ରତିଷ୍ଠିତ ଏହି ବିଦ୍ୟାଳୟଟି ତାର ୭୭ ବର୍ଷ ଅବଧି ମଧ୍ୟରେ ଅନେକ ଡାକ୍ତର, ଇଞ୍ଜିନିୟର, ରାଜନେତା, ଶିକ୍ଷାବିତ, ବ୍ୟବସାୟୀ ଗଢି ତୋଳିଛି। ବିଦ୍ୟାଳୟ ପରିସରରେ କୋରେଇ ବ୍ଲକ ବିଇଓ ନାରାୟଣ ଦାସଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଷୟରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ବିଦ୍ୟାଳୟର ଏକ ନୂତନ ଗୃହକୁ ପ୍ରତିଷ୍ଠା ଦିବସରେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପଞ୍ଚଶାଖା ସେତୁର ସଭାପତି ଦିଲୀପ କୁମାର ସାହୁ ପୁରାତନ ଛାତ୍ର ସଂଘର ବୈକୁଣ୍ଠ ଚରଣ ଜେନା, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କୁ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ରଘୁନାଥ ସାହୁ, ବିନୋଦ ବିହାରୀ ସାହୁ, ଆର୍ଯ୍ୟ ବିଭାସ କୁମାର, ସାମ୍ବାଦିକ ଭାଗୀରଥି ବାରିକ, ସୁବାସ ଧଳ, ମଳୟ କୁମାର ମଲ୍ଲିକ, ପ୍ରଧାନ ଶିକ୍ଷକ ଅଭିଜିତ୍ ବାରିକ, ବାବୁଲାଲ ଦାସ, ବିଜୟ କୁମାର ଖିଲାର, ଘନଶ୍ୟାମ ନାୟକ, ହରପ୍ରିୟା ସାହୁ, ଜୋସ୍ନାରାଣୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ମଧୁସ୍ମିତା ମାଝୀ, ମଧୁସ୍ମିତା ମହାନ୍ତି, ରଶ୍ମିତା ବେହେରା, ଶୁଭଶ୍ରୀ ସରଗଫୁଲ ପଣ୍ଡା, ଶୁଭସ୍ମିତା ସାହୁ, ସୁଚିସ୍ମିତା ନାୟକ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

# ୪୦୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି

**ଯାଜପୁର, ୫।୭ (ସମିସ)**



ଜିଲ୍ଲାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରିୟା ଅଧୀନରେ ସଂଶୋଧିକ ନୂତନ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହା ସହିତ ଜିଲ୍ଲାରେ ଭୋଟରମାନଙ୍କ ସୁବିଧା ପାଇଁ ମତଦାନ କେନ୍ଦ୍ର ଗୁଡ଼ିକର ସଂଶୋଧନ ଓ ନୂତନ ବୁଥ୍ ପୁନଃନିର୍ଦ୍ଧାରଣ ସମ୍ପର୍କରେ ଜିଲ୍ଲାପାଳ ଏକ ବୈଠକରେ ସୂଚନା ଦେଇଛନ୍ତି।

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ପ୍ରକାଶିତ ଚିଠା ତାଲିକାରେ କାହାର ନାମ ସାମିଲ ହୋଇଛି ଏବଂ କାହାର ନାମ ବାଦ୍ ପଡ଼ିଛି, ସେ ସମ୍ବନ୍ଧରେ ନାଗରିକମାନେ ଯାଞ୍ଚ କରିପାରିବେ ଏବଂ ନିଜର ଦାବି କିମ୍ବା ଆପତ୍ତି ଅଭିଯୋଗ ପାଇଁ ଆବେଦନପତ୍ର ଦାଖଲ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେବ। ସେପ୍ଟେମ୍ବର ୬ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ଚିଠା ପ୍ରକାଶିତ କରାଯିବ। ୭ଟି ନିର୍ବାଚନ ମଣ୍ଡଳୀର ଇଆରଓମାନେ ବ୍ଲକ୍ ହେଡ କ୍ୱାଟରରେ ସମସ୍ତ ସୁବିଧା ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିବେ। ଏହି ପ୍ରକ୍ରିୟାରେ ପ୍ରଥମେ ଅବଜେକ୍ସନ୍ ପିରିଅଡ ରହିବ। ଯେଉଁ ମାନଙ୍କର କିଛି ଆପତ୍ତି ଥିବ ସେମାନେ ଆପତ୍ତି ଅବଧି ମଧ୍ୟରେ ଅଭିଯୋଗ ଗ୍ରହଣ କରାଯିବ ଏବଂ ନୋଟିସ୍ ମାଧ୍ୟମରେ ଏହାର ଶୁଣାଣି କରାଯିବ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯିବା ସହ ପ୍ରତି ୧୨୦୦ ଭୋଟରଙ୍କ ପାଇଁ ଏକ ମତଦାନ କେନ୍ଦ୍ର ବ୍ୟବସ୍ଥାକୁ ଆଧାର କରି ବୁଥଗୁଡ଼ିକର ପୁନଃନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ଜିଲ୍ଲାରେ ମୋଟ ୪୦୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି, ଯାହାଫଳରେ ପୂର୍ବରୁ ଥିବା ୧୬୩୯ଟି ବୁଥ୍ ସଂଖ୍ୟା ଏବେ ବୃଦ୍ଧି ପାଇ ୨୦୪୬ରେ ପହଞ୍ଚିଛି। ଜିଲ୍ଲାପାଳ ଆହୁରି ମଧ୍ୟ କହିଛନ୍ତି ଯେ, ଭୋଟର ତାଲିକାର ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ଏବଂ ଜଣେ ହେଲେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକ୍ରିୟାରେ କୌଣସି ପ୍ରକୃତ ଭୋଟର ଯେପରି ହଇରାଣ ନ ହୁଅନ୍ତି, ସେଥିପାଇଁ ସମସ୍ତ ଶ୍ରବଣ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛ ଓ ସହଜ ପ୍ରକ୍ରିୟାରେ ଆପତ୍ତିର ଶୁଣାଣି କରିବାକୁ ଇଆରଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସ୍ଥାନୀୟ ଯାଞ୍ଚ ପରେ ତହସିଲଦାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି।

ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ପୂର୍ବରୁ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୧୫,୩୭,୧୦୧ ଥିବାବେଳେ ସଂଶୋଧନ ପରେ ଏବେ ମୋଟ ସଂଖ୍ୟା ୧୪,୩୨,୦୮୭ ହୋଇଛି। ଏହି ପ୍ରକ୍ରିୟାରେ ବିଭିନ୍ନ କାରଣରୁ ୧,୦୫,୦୧୪ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନର ସଂଶୋଧିତ ତାଲିକାରେ ୭,୪୬,୫୨୯ ଜଣ ପୁରୁଷ ଭୋଟର, ୬,୮୫,୫୦୧ ଜଣ ମହିଳା ଭୋଟର ଏବଂ ୫୩ ଜଣ ଟ୍ରାନ୍ସଜେଣ୍ଡର ଭୋଟର ସାମିଲ ଅଛନ୍ତି। ଯାଜପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨,୨୮,୪୪୫ ଭୋଟର ଥିବାବେଳେ ବଡ଼ଚଣାରେ ସର୍ବନିମ୍ନ ୧,୭୩,୬୫୦ ଭୋଟର ରହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀରାଣୀ ରାଜ, ଡେପୁଟି କଲେକ୍ଟର (ଇଲେକ୍ସନ) ଅଶୋକ କୁମାର ଦେହୁରୀ, ଜିଲ୍ଲା ସଭାପତି ବିଜେପି ଦେବଯାନୀ ପ୍ରଧାନ, ବିଜେଡି ପ୍ରତିନିଧି ରମଣୀ ରଞ୍ଜନ ରାଉତରାୟ, କଂଗ୍ରେସ ପ୍ରତିନିଧି ସଂଗ୍ରାମ ସାହାଣୀ, ବିଏସ୍‌ପି ପ୍ରତିନିଧି ଅକ୍ଷୟ କୁମାର ଜେନା, ସିପିଆଇଏମ୍ ପ୍ରତିନିଧି ନିର୍ମଳ ରଥ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

**ତାଲିକାରୁ ବାଦ୍ ପଡ଼ିବେ ୧,୦୫,୦୧୪ ଭୋଟର**

## ଯାଜପୁର ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା
# ୨୪ ଘଣ୍ଟାରେ ୧୨୨୫ ମିମି




ଯାଜପୁର,୫।୭(ସମିସ): ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଯାଜପୁର ଜିଲ୍ଲାରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ବିଶେଷ କରି ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁରରେ ଅବିଶ୍ରାନ୍ତ ବର୍ଷା ହେଉଥିବା ଜଣାପଡିଛି। ଜିଲ୍ଲାର ୧୦ଟି ବ୍ଲକରେ ମୋଟ ୧୨୨୫ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ଏହାର ପ୍ରଭାବରେ ତଳିଆ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରିଛି। ଜିଲ୍ଲାର ଦଶରଥପୁର ବ୍ଲକରେ ସର୍ବାଧିକ ୧୯୩ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ସର୍ବନିମ୍ନ ୪୦.୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି କୋରେଇରେ ୧୮୩ ମିମି, ଦାନଗଦିରେ ୧୦୮ ମିମି, ସୁକିନ୍ଦାରେ ୭୧ ମିମି, ରସୁଲପୁରରେ

### ତଳିଆ ଅଞ୍ଚଳବାସୀ ଜଳବନ୍ଦୀ

୧୨୭.୧ମିମି, ବଡଚଣାରେ ୧୧୪ ମିମି, ବରୀରେ ୭୦ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ପ୍ରବଳ ବର୍ଷା ଫଳରେ ଅନେକ ତଳିଆ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରି ସାଧାରଣ ଜୀବନ ଯାତ୍ରା ପ୍ରଭାବିତ କରିଛି। ତଳିଆ ଅଞ୍ଚଳର ଘରେ ବର୍ଷା ପାଣି ପ୍ରବେଶ କରିବା ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ମାଟି କାନ୍ଥ ପଡିବା ସହିତ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି। ଯାଜପୁର ସହର ଉପକଣ୍ଠ ବରାହ ମନ୍ଦିର ପରିସରରେ ବର୍ଷା ଜଳ ପ୍ରବେଶ କରିବା ସହିତ ବରାହ ଜୀଉ ଜଳବନ୍ଦୀ ହୋଇଥିବା ଦେଖିବାକୁ ମିଳିଛି। ସେହିଭଳି ଅନେକ ତଳିଆ ଅଞ୍ଚଳରେ ଅନେକ ପରିବାର ଜଳବନ୍ଦୀ ଜୀବନ କାଟୁଥିବା ଦେଖିବାକୁ ମିଳିଥିବା ବେଳେ ଏହି ସବୁ ପରିବାର ମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବାକୁ ଦାବି ହଉଛି।

## ଜଳବନ୍ଦୀ ଜାରକା ଗୋପବନ୍ଧୁ ନଗର


ଧର୍ମଶାଳା,୫।୭(ସମିସ): ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ଅବସ୍ଥାରେ ଧର୍ମଶାଳା ବ୍ଲକ ଜାରକା ଗୋପବନ୍ଧୁ ନଗର ବାସିନ୍ଦା। ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ରାସ୍ତା ଉପରେ ୨ଫୁଟରୁ ବର୍ଷା ଜଳ ପ୍ରବାହିତ। ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଏପରିକି ବର୍ଷା ଜଳ ଘର ଭିତରେ ପ୍ରବେଶ କରିଛି। ଜଳ ନିଷ୍କାସନ ସୁବିଧା ନଥିବାରୁ ୫୦ରୁ ଅଧିକ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ଲୋକେ ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି। ଜୀବ ଜନ୍ତୁଙ୍କର ଭୟ ମଧ୍ୟ ରହୁଛି। ପ୍ରତିବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସମାଧାନ ଦିଗରେ କେହି ଉଦ୍ୟମ କରୁନାହାନ୍ତି। ରାଜନେତାଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ। ଫଳରେ ବର୍ଷା ହେଲେ ଲୋକେ ଜଳବନ୍ଦୀ ଜୀବନ ବିତାଇବା ସହ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ଏଣୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଗୋପବନ୍ଧୁ ନଗର ବାସିନ୍ଦା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।



## ଇସ୍କନର ଅଦିନିଆ ରଥଯାତ୍ରାକୁ ଘୋର୍ ବିରୋଧ

ଭଦ୍ରକ,୫।୭(ସମିସ): ଇସ୍କନ ଦ୍ୱାରା ବିଭିନ୍ନ ଦେଶରେ ପ୍ରଚଳିତ କରାଯାଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ଘୋର ବିରୋଧ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପ୍ରଚଳିତ ଥିବା ବିଭିନ୍ନ ପୁରାଣ, ଶାସ୍ତ୍ରର ନିର୍ଦ୍ଦେଶନାମାକୁ ବିରୋଧ କରି ଅଦିନିଆ ରଥଯାତ୍ରା କରିବାର ଅଧିକାର ଇସ୍କନ ସଂସ୍ଥାର ନାହିଁ। ତେଣୁ ଏ ସମ୍ପର୍କରେ ଆବଶ୍ୟକ ପ୍ରତିକାର କରିବାକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଜଣାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ସ୍ଥାନୀୟ ଶ୍ରୀବାଳଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥୀ ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗର ସରକାରଙ୍କ ପକ୍ଷରୁ ଦିଘାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ନାମରେ ଧାମ ଉଲ୍ଲେଖ କରାଯାଇଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାଶ, ଗୋପବନ୍ଧୁ ମିଶ୍ର, କୃପାସିନ୍ଧୁ ନାୟକ, ସୁବାସ ଚନ୍ଦ୍ର ବଳ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, ସନେଇ ଶିଆଳ, ଅଜୟ ମିଶ୍ର ପ୍ରମୁଖ ବହୁ ସେବକ ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରସ୍ତାବକୁ ଦୃଢ଼ ସମର୍ଥନ ଜଣାଇଥିଲେ। ବୈଠକ ପ୍ରାରମ୍ଭରେ ଶ୍ରୀ ସାହୁ ଶ୍ରୀଜଗନ୍ନାଥଙ୍କ ସ୍ତୁତିପାଠ ପୂର୍ବକ ସମିତିର ପୁନଃନବୀକରଣ ଓ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ।

## ଫୁଟିଲା ୪ ବ୍ରହ୍ମ କମଳ



ବାରିକପୁର,୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବନ୍ଧାଳ ଗ୍ରାମର ଆଧ୍ୟାତ୍ମିକ ଚେତନା ସମ୍ପନ୍ନ ସମାଜସେବୀ ପ୍ରଦୀପ ଜେନାଙ୍କ ବାସଗୃହ ପରିସରରେ ୪ଟି ବ୍ରହ୍ମ କମଳ ଫୁଲ ଫୁଟିଛି। ଶନିବାର ରାତିରେ ଫୁଲ ଫୁଟିଥିବାବେଳେ ରବିବାର ସକାଳୁ ବ୍ରହ୍ମ କମଳକୁ ଦେଖିବା ପାଇଁ ସାହିପଡ଼ିଶାଙ୍କ ଭିଡ଼ ହୋଇଥିଲା। ନାରାୟଣଙ୍କ ନାଭିରୁ ଏହା ସୃଷ୍ଟି ହୋଇଥିବା ବିଶ୍ୱାସ ରହିଥିବାବେଳେ ଏହାକୁ ବ୍ରହ୍ମ କମଳ କୁହାଯାଏ। ଏହି ଫୁଲକୁ ଦର୍ଶନ କରିବା ସାକ୍ଷାତ୍ ନାରାୟଣଙ୍କ ଦର୍ଶନ ସହିତ ସମାନ ବୋଲି ବିବେଚନା କରାଯାଏ। ପ୍ରଥମ କରି ଫୁଟିଥିବା ଫୁଲକୁ ଶ୍ରୀ ଜେନା ନାରାୟଣଙ୍କ ସମେତ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରିଛନ୍ତି।

## ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ୍ଧୁ ମିଳନ



ଭଦ୍ରକ,୫।୭(ସମିସ): ୧୯ ବର୍ଷ ପରେ ଏକାଠି ହେଲେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ନାଳଗୁଣ୍ଡାର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ। ପୁରୁଣା ସ୍ମୃତିକୁ ମନେ ପକାଇ ହେଲେ ବିଭୋର। ଚାନ୍ଦବାଲି ବ୍ଲକ୍‌ର ନାଳଗୁଣ୍ଡା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୦୭ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଏକାଠି ହୋଇ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ଓ ବର୍ତ୍ତମାନର ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦୦୭ ମସିହାର ଅଧିକାଂଶ ଛାତ୍ରଛାତ୍ରୀମାନେ ଯୋଗଦେଇ ଛାତ୍ର ଜୀବନର ଅଙ୍ଗେନିଭା କଥା, ଶିକ୍ଷକମାନଙ୍କ ସ୍ନେହ ଶ୍ରଦ୍ଧା, ତାଗିଦ୍‌କୁ ମନେପକାଇ ଭାବବିହ୍ୱଳ ହୋଇ ଉଠିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗଲାଲ ମଣ୍ଡଳ, ପ୍ରଭାତ ପାଣିଗ୍ରାହୀ, ଶିକ୍ଷକ ଧନେଶ୍ୱର ରାଉତ, ପ୍ରଭାତ ବେହେରା, ନାରାୟଣ କବି, ବୃନ୍ଦାବନ ନାୟକ, ବିଷ୍ଣୁ ଚରଣ ଦାସ ଏବଂ କାର୍ଯ୍ୟରତ ପ୍ରଧାନଶିକ୍ଷକ ରାକେଶ ମାଝୀ, ଦିପୁ ମାଝୀ, ବସନ୍ତ ଜେନା, ରାନୁସ୍ମିତା ସେଠୀ, ଶୁଭଲକ୍ଷ୍ମୀ ନାୟକ, ରମେଶ ବିଶ୍ୱାଳ, ସୁରେଶ ରାଉତ, ଭଗବାନ ପାଣି, ବୁଦ୍ଧିରାମ ମହାକୁଡ଼ଙ୍କ ସହିତ ୨୦୦୭ ମସିହାର ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ନାଟ୍ୟ ପରଷଦର ବୈଠକ

ଯାଜପୁର,୫।୭(ସମିସ): ଯାଜପୁର ସୁଭଦ୍ରା ଶକ୍ତି ଭବନରେ ସର୍ବଭାରତୀୟ ନାଟ୍ୟ ପରଷଦ ଓଡ଼ିଶା ପ୍ରଦେଶର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆହ୍ୱାନର ସମ୍ପାଦକ ତଥା ସର୍ବଭାରତୀୟ ନାଟ୍ୟ ପରଷଦର ସଦସ୍ୟ ବିଶ୍ୱଜିତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସଂଗଠନର ରାଜ୍ୟ ସଭାପତି ରାମଚନ୍ଦ୍ର ସାସମଲ, ରାଷ୍ଟ୍ରୀୟ ସଂଗଠକ ରାଜ ଗୋପାଲ ପାଢି ପ୍ରମୁଖ ଯୋଗ ଦେଇ ନାଟ୍ୟ ପରଷଦର କାର୍ଯ୍ୟଧାରା, କଳାକାରମାନଙ୍କ ପାଇଁ ହେବାକୁ ଥିବା ବହୁ ଯୋଜନା ସମେତ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଏହି ବୈଠକରେ ରାଷ୍ଟ୍ରୀୟ ସଂଯୋଜକ ସଞ୍ଜୟ ଶତପଥି, ସଦସ୍ୟ ବବିତା ସ୍ୱାଇଁ, ସିଏଚ୍ ଦେବଦାସ, କୈଳାସ ପାଣିଗ୍ରାହୀଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର କଳାକାରମାନେ ଯୋଗ ଦେଇ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ସମସ୍ୟାର ସମାଧାନ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଜିର ବୈଠକରେ ପରଷଦର ସଦସ୍ୟ ମାନେ ଦାବି ରଖିଥିଲେ। ଆଗାମୀ ଦିନରେ କଟକରେ ସର୍ବଭାରତୀୟ ନାଟ୍ୟ ପରଷଦ ଓଡିଶା ପ୍ରଦେଶର କର୍ମକର୍ତ୍ତା ଗଠନ ପାଇଁ ନିର୍ବାଚନ ଓ ଚୟନ ପ୍ରକ୍ରିୟା ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଏହି ଅବସରରେ ଆହ୍ୱାନ ଓ ବାସୁଦେବ କଳା ପରିଷଦ ସମେତ ଜିଲ୍ଲାର ବହୁ କଳାକାର ସଦସ୍ୟତା ଗ୍ରହଣ କରିଥିଲେ।

## ରାସ୍ତା ନିର୍ମାଣ ନାଁ ରେ ଲକ୍ଷାଧିକ ଟଙ୍କା ଲୁଟ୍

ଯାଜପୁର,୫।୭(ସମିସ): ଦାନଗଦି ବ୍ଲକ ରାଛିପୁରରୁ ଖଣ୍ଡାହତା ପର୍ଯ୍ୟନ୍ତ ଯାଇଥିବା ପିଚୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି



ପ୍ରକଳ୍ପଟି ବିନା ସୂଚନା ଫଳକରେ କାମ କରାଯିବା ସହିତ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟ ଧର୍ମଶାଳା ଅଞ୍ଚଳର ଜୈନେକ ଠିକାଦାର କରୁଥିବା ଅଭିଯୋଗ ହେଉଛି। ସୂଚନା ଫଳକ ନ ଲଗାଇ ବ୍ୟୟ ଅଟକଳର ପରିମାଣ ସମ୍ପର୍କରେ ସର୍ବସାଧାରଣଙ୍କୁ ଅନ୍ଧାରରେ ରଖି ଏହି କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ଭଲ ରାସ୍ତା ଉପରେ ଚିପ୍ସ ଢାଳି ପିଚୁ ରାସ୍ତା କରାଯାଉଛି। ଘଟଣାସ୍ଥଳରେ ବିଭାଗୀୟ ଜେଇ, ଏସ୍‌ଡିଓ ମାନେ କାମର ମାନ ପରୀକ୍ଷା ପାଇଁ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନର ମଧୁଚନ୍ଦ୍ରିକାରେ ଠିକାଦାର ନିମ୍ନମାନର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ରାଜ୍ୟ ରାଜକୋଷରୁ ଲୁଟିନେବାକୁ ବସିଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଯାଜପୁରରୋଡ୍‌ଠାରୁ ଯୋକଡ଼ିଆକୁ ସଂଯୋଗ କରୁଥିବା ଏହି ରାସ୍ତାର ମଝିରେ ବିନା ସୂଚନା ଫଳକରେ ବର୍ଷା ସମୟରେ ରାସ୍ତା ନିର୍ମାଣ ଘଟଣା ବୁଦ୍ଧିଜୀବୀ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିସ୍ମିତ କରୁଛି। ଏଥିପ୍ରତି ଯାଜପୁର ଜିଲ୍ଲାପାଳ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ରାସ୍ତା କାର୍ଯ୍ୟର ମାନ ଯାଞ୍ଚ କରିବା ସହ ବିନା ସୂଚନା ଫଳକରେ କାର୍ଯ୍ୟକରୁଥିବା ଠିକାଦାର ଓ କାର୍ଯ୍ୟାଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## କାନପୁର- ଭୁବନପୁର ରାସ୍ତା ଶିଳାନ୍ୟାସ

ଧର୍ମଶାଳା,୫।୭(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାନପୁର ଠାରେ ଆଜି ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ କରାଯାଇଛି। ଜାରକା ଗ୍ରାମ୍ୟ ଉନୟନ ବିଭାଗ ପକ୍ଷରୁ ୪ କୋଟି ୬୨ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ରାସ୍ତାର ଶିଳାନ୍ୟାସ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ



ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନପୁର ଛକ ଠାରୁ ଭୁବନପୁର ଆରଡି ରାସ୍ତା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ନବୀକରଣର ଶିଳାନ୍ୟାସ କରିଛନ୍ତି। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହି ରାସ୍ତା ଉପରେ ନିର୍ବାଚନ ମଣ୍ଡଳୀର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ଯୁବମୋର୍ଚ୍ଚାର ସଭାପତି ସତ୍ୟସାଗର ଜେନା, ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ଥାନୁଆଳ ସମିତି ସଭ୍ୟା ସାଗରିକା ଜେନା, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସୁବୁଲି ଧିର, ଅଭିଶେକ ରାଉତ, ଶ୍ରୀନିବାସ ଜେନା, ଚିତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## କାର୍ଯ୍ୟରେ ଯୋଗଦେଲେ ଡାକ୍ତର

ଧାମନଗର,୫।୭(ସମିସ): ଓମ୍‌ସା ଆହ୍ୱାନ କମିଟିର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଜୁଲାଇ ୧ରୁ ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦଫା ସମ୍ବଳିତ ଦାବି ପୂରଣ ନେଇ ଡାକ୍ତରଙ୍କ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଧାମନଗର ଅଞ୍ଚଳରେ ଚିକିତ୍ସା ନ ପାଇ ବହୁ ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଚରମ ହନ୍ତସନ୍ତ ହେଉଥିଲେ। ସ୍ଥିତିର ମୁକାବିଲା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଆୟୁଷ ଡାକ୍ତରମାନଙ୍କୁ ଅଦଳବଦଳ ଭିତିରେ ନିୟୋଜିତ କରି ରୋଗୀସେବା ଯୋଗାଇ ଦିଆଯାଇଥିଲା। ତେବେ ଆନ୍ଦୋଳନର ୪ ଦିନ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ସହିତ ଓମ୍‌ସା କମିଟି ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଭିନ୍ନ ଦାବି ପୂରଣ ସମ୍ପର୍କରେ ବ୍ୟାପକ ଆଲୋଚନା ସହ ଆସନ୍ତା ୨୨ ତାରିଖରେ ଉଚ୍ଚସ୍ତରୀୟ କମିଟି ଡାକି ଦାବି ପୂରଣ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଓମ୍‌ସା ଆହ୍ୱାନ କମିଟିର ଘୋଷଣା ପରେ ଡାକ୍ତରଙ୍କ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ରବିବାରଠାରୁ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବା ପାଇଁ ଓମ୍‌ସା ରାଜ୍ୟ ସଭାପତି ଶ୍ରୀ ମିଶ୍ର ଘୋଷଣା କରିଥିଲେ।

## ଭଦ୍ରକରେ ଖସଡ଼ା ଭୋଟର ତାଲିକା ପ୍ରକାଶ
# ସ୍ୱଚ୍ଛ ଓ ନିର୍ଭୁଲ୍ ନିର୍ବାଚନ ପାଇଁ ରାଜନୈତିକ ଦଳଙ୍କ ସହ ବୈଠକ

ଭଦ୍ରକ,୫।୭(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଖସଡ଼ା ଭୋଟର ତାଲିକା ପ୍ରକାଶ ଅବସରରେ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ ମୁକ୍ତ, ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତୀମୂଳକ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ର ଉଦ୍ଦେଶ୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟଙ୍କ ନାମ ବାଦ୍ ଦେବା ଏବଂ ଭୋଟର ତାଲିକାକୁ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଏହି ସଂଶୋଧନର ମୁଖ୍ୟ ଲକ୍ଷ୍ୟ। ବୈଠକରେ ସୂଚନା ଦିଆଯାଇଥିଲା ଯେ, ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଖସଡ଼ା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ଏହି ତାଲିକା ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ) ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ)ଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣ ଓ ରାଜନୈତିକ ଦଳମାନଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିବ। ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ମିଳୁଥିବା ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ କରାଯାଇ ସେପ୍ଟେମ୍ବର ୨ ସୁଦ୍ଧା ନିୟମାନୁଯାୟୀ ଶୁଣାଣି ପରେ ନିଷ୍ପତ୍ତି ନିଆଯିବ। ଏଥିସହ ପ୍ରତିନିଧିମାନଙ୍କୁ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ୍ ହୋଇ ଭୋଟରମାନଙ୍କୁ ଖସଡ଼ା ଭୋଟର ତାଲିକାରେ ନିଜ ନାମ ଯାଞ୍ଚ କରି ଆବଶ୍ୟକ ହେଲେ ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ପ୍ରେରିତ କରିବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର(ନିର୍ବାଚନ) ପ୍ରତିମା ନାୟକ ଓ ନିର୍ବାଚନ ଶାଖାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ଶତାଧିକ ମହିଳାଙ୍କ ବିରୋଧ

ଧୂଷୁରୀ/ଅସୁରାଳି,୫।୭(ସମିସ): ଧୂଷୁରୀ ଥାନା ନଦୀଗାଁ ମୁଖ୍ୟରାସ୍ତାର ଠେକିଗଡ଼ିଆ ଛକ ନିକଟରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ରବିବାର ଶତାଧିକ ମହିଳା ଓ ସ୍ଥାନୀୟ ଜନସାଧାରଣ ଏକଜୁଟ ହୋଇ ଧୂଷୁରୀ ଥାନାରେ ପହଞ୍ଚି ହୋ-ହଲ୍ଲା କରିଥିଲେ। ଧୂଷୁରୀ, ଅର୍ଜୁନପୁର, ଭଟସାହି ଓ ନଦୀଗାଁ ସମେତ ପ୍ରାୟ ୪ଟି ପଞ୍ଚାୟତର ଲୋକେ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଶତାଧିକ ମହିଳା ଓ ପୁରୁଷଙ୍କ ନେତୃତ୍ୱରେ



ଆୟୋଜିତ ଏହି ପ୍ରତିବାଦରେ ମଦ ଦୋକାନ ସ୍ଥାପନ ହେଲେ ସମାଜରେ ଅଶାନ୍ତି, ଯୁବପିଢ଼ିଙ୍କ ଭ ବି ଷ ୍ୟ ତ ଏବଂ ମହିଳାଙ୍କ ସୁରକ୍ଷା ପ୍ରତି କୁପ୍ରଭାବ ପଡ଼ିବ ବୋଲି ଲୋକମାନେ ମତ ପ୍ରକାଶ କରିଥିଲେ। ଏହି ପ୍ରତିବାଦରେ ନଦୀଗାଁ ସରପଞ୍ଚ ଝରଣା ମାଝୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ଭଟସାହି ପଞ୍ଚାୟତ ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର ପ୍ରମୁଖ ସାମିଲ୍ ହୋଇ ଜନସାଧାରଣଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଉତ୍ୟକ୍ତ ଲୋକେ ନଦୀଗାଁରୁ ଏକ ଶୋଭାଯାତ୍ରାରେ ବାହାରି ଧୂଷୁରୀ ଥାନାରେ ପହଞ୍ଚିଥିଲେ। ସେଠାରେ ବିଶିଷ୍ଟ ସ୍ଥାନୀୟ ନେତୃତ୍ୱ ରାମଚନ୍ଦ୍ର ବେହେରା, ହରିହର ବେହେରା, ହେମନ୍ତ ସୁତାର, ଗିରିଶ ବାରିକ, ମାନସ ସାହୁଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଧୂଷୁରୀ ଥାନାଧିକାରୀ ସୁଦର୍ଶନ ବାଗେଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ବାତିଲ୍ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଅଭିଯୋଗ ଶୁଣୁନାହାନ୍ତି ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକ; ବଢୁଛି ଅସନ୍ତୋଷ

ଦୋଳସାହି,୫।୭(ସମିସ): ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦୀର୍ଘବର୍ଷ ଧରି ସାଧାରଣରେ ଦାବି ହେଉଥିଲାବେଳେ ଗତ କିଛିଦିନ ତଳେ ଲିଖିତ ଅଭିଯୋଗ ଭଦ୍ରକ ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କଠାରେ ହୋଇଥିଲା। ତେବେ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୋଳସାହି-ବୋଡକ ପୂର୍ତ୍ତବିଭାଗ ରାସ୍ତାକଡ଼ରେ ଅବସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ନେଇ ସାଧାରଣରେ ଦୀର୍ଘ ବର୍ଷ ଧରି ହୋଇଆସୁଛି। ଏହି ସରକାରୀ ମଦ ଦୋକାନ ଅନତି ଦୂରରେ ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟମାନ ଅବସ୍ଥିତ ଥିବାବେଳେ ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣ ଏହି ରାସ୍ତା ଦେଇ ଯାତାୟାତ କରିଥା'ନ୍ତି। ଏହି ମଦ ଦୋକାନ ନିକଟରେ ମଦ୍ୟପମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବା ସହ ଅନେକ ସମୟରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କମେଣ୍ଟ ମାରୁଥିବା ଅଭିଯୋଗ ହେଉଛି।

## ● ମାମୁ ଘରୁ ନାବାଳିକାକୁ ଅପହରଣ କରି ଯୁବକ ଫେରାର
# ଅଭିଯୁକ୍ତକୁ ଗିରଫ ଦାବିରେ ଥାନା ଘେରିଲେ ଗ୍ରାମବାସୀ

ଯାଜପୁର,୫।୭(ସମିସ): ଯାଜପୁର ବ୍ଲକ ଶ୍ୟାମଦାସପୁର ପଞ୍ଚାୟତର ଜନୈକ ନାବାଳିକାଙ୍କୁ ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ଜନୈକ ଯୁବକ ଅପହରଣ କରି ନେଇଯାଇଥିବା ବେଳେ ଯୁବତୀଙ୍କ ମା' ସଦର ଥାନାର ଦ୍ୱାରସ୍ଥ ହୋଇ ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଆଜିକୁ ଏତାଲା ଦେବାର ଦୁଇ ଦିନ ବିତିଯାଇଥିଲେ ମଧ୍ୟ ସଦର ଥାନା ପୁଲିସ ନାବାଳିକାଙ୍କୁ ଠାବ କରି ସୁଧାର ଗୃହକୁ ପଠାଇ ଦେଇଥିବା ବେଳେ ଅଭିଯୁକ୍ତ ଜଣକ ଖୋଲା ଆକାଶ ତଳେ ବୁଲୁଥିବା ଅଭିଯୋଗ କରିଛନ୍ତି ନାବାଳିକାଙ୍କ ମା। ପ୍ରଲୋଭନ ଦେଖାଇ ସଂଖ୍ୟାଲଘୁ ସାମ୍ପ୍ରଦାୟର ନାବାଳିକାକୁ ପ୍ରେମ ଜାଲରେ ଫସାଇ ଅପହରଣ କରିନେଇଥିବାବେଳେ ନାବାଳିକାଙ୍କ ଗ୍ରାମବାସୀ ଉକ୍ତ ଘଟଣାକୁ ବେଶ ଗୁରୁତର ଭାବେ ନେଇ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଫଳତଃ ଆଜି ଶତାଧିକ ଗ୍ରାମବାସୀ ସଦର ଥାନା ସମ୍ମୁଖରେ ଧାରଣା ପୂର୍ବକ ଅଭିଯୁକ୍ତକୁ ଗିରଫ କରିବା ନେଇ ଦାବି କରିଛନ୍ତି।

## କୁଶକ୍ଷେତ୍ରରେ ୨ ଦିନିଆ ଶ୍ରୀଅନନ୍ତ ବଳଦେବଜୀଉ ମହୋତ୍ସବ

ବାସୁଦେବପୁର,୫।୭(ସମିସ): ବାସୁଦେବପୁର ନିକଟସ୍ଥ କୁଶକ୍ଷେତ୍ର ଗୁଡ଼ଠାରେ ଆସନ୍ତା ୧୬ ଓ ୧୭ ତାରିଖ ୨ଦିନ ଧରି ଶ୍ରୀଅନନ୍ତ ବଳଦେବଜୀଉ ମହୋତ୍ସବ ଅନୁଷ୍ଠିତ ହେବ। ରବିବାର ଗୁଡ୍ କଲ୍ୟାଣ ମଣ୍ଡପଠାରେ ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଦିନ ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ କରି ପହଣ୍ଡି ବିଜେ ସମୟରେ ମାହାରୀ ନୃତ୍ୟ ପରିବେଷଣ କରାଯିବ। ଏହି ଉଦ୍‌ଘାଟନ ଉତ୍ସବରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କୁଶକ୍ଷେତ୍ରର ମହୋତ୍ସବକୁ ପରିକଳ୍ପନା କରିଥିବା ଓ ଉତ୍ସବମୁଖର କରିଆସୁଥିବା ସ୍ୱର୍ଗତ ରତିକାନ୍ତ ପଣ୍ଡାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀମାନଙ୍କୁ ରତିକାନ୍ତ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଦ୍ୱିତୀୟ ଦିବସ ଉଦ୍‌ଯାପନୀ ଉତ୍ସବ ସହିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ଆଖପାଖ ଅଞ୍ଚଳର ଲୁକ୍କାୟିତ ପ୍ରତିଭାର ବିକାଶ ଓ କୁନିକୁନି ଶିଶୁମାନଙ୍କ ମଧ୍ୟରେ ନୂତନ ସମ୍ଭାବନା ସୃଷ୍ଟି କରିବାକୁ ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ପକ୍ଷରୁ ଗୁଡ୍ କଲ୍ୟାଣ ମଣ୍ଡପରେ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହା ସହିତ ବୃକ୍ଷରୋପଣ, ରକ୍ତଦାନ ଶିବିର, ବୃଦ୍ଧାଶ୍ରମର ଖାଦ୍ୟ ବଣ୍ଟନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ସଙ୍କଟରେ ଚାଲିଛି ଧାମନଗର ଶିକ୍ଷା ବ୍ୟବସ୍ଥା
# ବିଇଓଙ୍କ ସମେତ ୧୭୦ ଶିକ୍ଷକ ପଦ ଖାଲି

ଦୋବଲ,୫।୭(ସମିସ):


ଧାମନଗର ବ୍ଲକ୍‌ରେ ସ୍କୁଲ ଓ ଗଣଶିକ୍ଷା ବ୍ୟବସ୍ଥାକୁ ନେଇ ଏବେ ସଙ୍କଟ ଦେଖାଦେଇଛି। ଶିକ୍ଷକ ଅଭାବ ସାଙ୍ଗକୁ ପ୍ରଶାସନିକ ଶୂନ୍ୟତା ଓ ପଦୋନ୍ନତି ପ୍ରକ୍ରିୟାରେ ଅଚଳାବସ୍ଥା ଯୋଗୁଁ ବ୍ଲକ୍‌ର ଅନେକ ସରକାରୀ ବିଦ୍ୟାଳୟରେ ପାଠପଢ଼ା ନୂତନ ଶିକ୍ଷା ବର୍ଷରୁ ପ୍ରଭାବିତ ହେଉଛି। ସରକାର ଗୁଣାତ୍ମକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ସ୍ଥଳେ ଧାମନଗରରେ କିନ୍ତୁ ବାସ୍ତବ ଚିତ୍ର କିଛି ଭିନ୍ନ ରହିଛି। ବ୍ଲକ୍‌ରେ ପ୍ରାୟ ୧୭୦ଟି ଶିକ୍ଷକ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିବାବେଳେ ୧୧ଟି ପ୍ରାଥମିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଏହି ଜଣେ ଶିକ୍ଷକଙ୍କୁ ସମସ୍ତ ଶ୍ରେଣୀର ପାଠପଢ଼ା ସହ ମଧ୍ୟାହ୍ନ ଭୋଜନ, ସରକାରୀ ରିପୋର୍ଟ, ବିଭିନ୍ନ ସର୍ଭେ ଓ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସମ୍ଭାଳିବାକୁ ପଡୁଛି। ଫଳରେ ଗୁଣାତ୍ମକ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ସ୍ଥିତି ସନ୍ତୋଷଜନକ ନାହିଁ। ଧାମନଗର ବ୍ଲକ୍‌ରେ ସ୍ଥାୟୀ ବ୍ଲକ୍ ଶିକ୍ଷା ଅଧିକାରୀ ନାହାନ୍ତି। ଭଦ୍ରକର ଏଡିଇଓ ପ୍ରଫୁଲ୍ଲ ସାହୁ ଅତିରିକ୍ତ ଭାବେ ୩ଟି ବ୍ଲକ୍‌ର ଦାୟିତ୍ୱ ସମ୍ଭାଳୁଥିବା ଜଣାଯାଇଛି। ଅଧିକାଂଶ କାର୍ଯ୍ୟ ଏବିଇଓ ଏବଂ ବିଆର୍‌ସିଙ୍କ ଉପରେ ନିର୍ଭର କରୁଛି। କାର୍ଯ୍ୟାଳୟରେ ନିୟମିତ କିରାଣି ଓ ପିଅନ ପଦ ମଧ୍ୟ ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି। ବିଗତ ତିନି ବର୍ଷ ଧରି ପଦୋନ୍ନତି ନ ହେବାରୁ ବ୍ଲକ୍‌ରେ ୨୦ଟି ଲେବୁଲ-୩ ଓ ୨୦ରୁ ଅଧିକ ଲେବୁଲ-୪ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି। ଅନେକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି। ଯାହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକସ୍ତରକୁ ପ୍ରଭାବିତ କରୁଛି। ଏ ପରିସ୍ଥିତି ମଧ୍ୟରେ ଜୁଲାଇ ୮ରୁ ୧୭ ତାରିଖ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି(ଏସ୍‌ଏମ୍‌ସି), ୱାର୍କିଂ କମିଟି ଓ ଶୈକ୍ଷିକ କମିଟି ଗଠନ ପାଇଁ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଏପର୍ଯ୍ୟନ୍ତ ପ୍ରାୟ ୧୫୦ଟି ବିଦ୍ୟାଳୟର ପିଟିଏ ପଞ୍ଜୀକରଣ ଶେଷ ହୋଇଥିବା ଜଣାପଡ଼ିଛି। ତେବେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଅଭାବ ମଧ୍ୟରେ କେବଳ କମିଟି ଗଠନ କରି ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ଭବ କି ନାହିଁ, ତାହାକୁ ନେଇ ଶିକ୍ଷା ସଚେତନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

**୪୦ରୁ ଅଧିକ ସ୍କୁଲରେ ନାହାନ୍ତି ପ୍ରଧାନଶିକ୍ଷକ**

ସୂଚନା ଅନୁଯାୟୀ, ବନ୍ତ ବ୍ଲକ୍‌ର ଅଧିକ ଶିକ୍ଷକଙ୍କୁ ଧାମନଗର ସମେତ ଅନ୍ୟ ବ୍ଲକ୍‌କୁ ଆଣିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ ଅନୁମୋଦନ ମିଳି ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଗୋଟିଏ ବ୍ଲକ୍‌ରେ ଅଧିକ ଶିକ୍ଷକ ଥିବାବେଳେ ଧାମନଗରରେ ଶିକ୍ଷକ ଅଭାବ ସମସ୍ୟା ଚିନ୍ତାର ବିଷୟ ପାଲଟିଛି। ଧାମନଗରର ଶିକ୍ଷା ବ୍ୟବସ୍ଥାର ଏହି ସଙ୍କଟ ଏବେ କେବଳ ଏକ ପ୍ରଶାସନିକ ସମସ୍ୟା ନୁହେଁ, ବରଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ। ଖାଲି ରହିଥିବା ଶିକ୍ଷକ ପଦ ପୂରଣ, ସ୍ଥାୟୀ ବିଇଓ ନିଯୁକ୍ତି ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକ ମହଲରେ ଦାବି କରାଯାଇଛି।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଆସ୍ଥା ତୁଟୁଛି

ଭାରତର ଅର୍ଥ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା କ୍ରମଶଃ ତୁଟିବାରେ ଲାଗିଛି। ଏହାର ପ୍ରତିଫଳନ ବ୍ୟାଙ୍କ ଜମା-ଉଠାଣ କାରବାରରେ ଦେଖିବାକୁ ମିଳିଛି। ଗତ କିଛିମାସ ଧରି ଋଣ ବଢ଼ିଚାଲିଥିବା ବେଳେ ଜମା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି। ଜମା-ଋଣ ଅନୁପାତର ଏହି କ୍ରମବର୍ଦ୍ଧିଷ୍ଣୁ ହାର ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଯେତିକି ଅସ୍ୱସ୍ତିକର ହୋଇଛି, ଦେଶର ସାମଗ୍ରିକ ଅର୍ଥନୀତିରେ ଏହାର ପରୋକ୍ଷ ନକାରାତ୍ମକ ପ୍ରଭାବ ତା'ଠାରୁ ଅଧିକ ଆଶଙ୍କା ସୃଷ୍ଟି କରିଛି।

ବିଶେଷଜ୍ଞଙ୍କ ମତରେ ପରିବାର ଓ ନିବେଶକମାନେ ସଞ୍ଚୟ ଜମାରୁ ମୁହଁ ଫେରାଇ ମିଆଦୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ପ୍ରତିଭୂତି(ସେୟାର ମାର୍କେଟ)ରେ ନିବେଶ କରିବାକୁ ଅଧିକ ଉଚିତ ମଣୁଛନ୍ତି। କିନ୍ତୁ ଜମା-ଋଣ ତାରତମ୍ୟ ବୃଦ୍ଧି ପଛରେ ଥିବା କାରକଗୁଡ଼ିକ ମଧ୍ୟରୁ ମୁଖ୍ୟ ହୋଇଛି ଦରଦାମ ବୃଦ୍ଧି। ଏବେ ସାଧାରଣ ଜୀବନଚର୍ଯ୍ୟା ବା ଦୈନନ୍ଦିନ ଚଳଣି ଏତେ ମହଙ୍ଗା ହେବାରେ ଲାଗିଛି ଯେ ସଞ୍ଚୟ ପାଇଁ ଆଉ କିଛି ବଳୁନାହିଁ। ଅପରପକ୍ଷରେ ନିଯୁକ୍ତି କମୁଛି ଓ ଛଟେଇ ବଢ଼ୁଛି, ରୋଜଗାର ସଂକୁଚିତ ହେଉଛି। ତେଣୁ ଲୋକମାନେ ଆପତ୍‌କାଳୀନ ଖର୍ଚ୍ଚ ପାଇଁ ଯାହା କିଛି ଜମା ରଖିଥିଲେ ତାହା ଉଠାଇବାରେ ଲାଗିଛନ୍ତି। ଭାରତୀୟ ନିବେଶକମାନେ ବାହାର ଦେଶରେ ପୁଞ୍ଜି ନିବେଶ କରିବାକୁ ଉଚିତ ମଣୁଥିବା ବେଳେ ବିଦେଶୀ ନିବେଶ ଆୟ ସ୍ରୋତ ସଂକୁଚିତ ହେବାରେ ଲାଗିଛି। ଭାରତର ଆର୍ଥିକ ସ୍ଥିତି ଏଥିରୁ ଅନୁମେୟ।

ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢ଼ୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ମଧ୍ୟ ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ରୋଜଗାରରୁ ସଞ୍ଚୟ ବଳିବ କେମିତି?

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟାନୁଯାୟୀ ୨୦୨୫ ଡିସେମ୍ବର ମାସରେ ଜମା-ଋଣ ଅନୁପାତ ୧.୮ ଥିବା ବେଳେ ମାତ୍ର ଛଅମାସ ଭିତରେ ୫.୪କୁ ବୃଦ୍ଧି ପାଇଛି। ସେହିପରି ଗତ ୧୨ ମାସ ଭିତରେ ବ୍ୟାଙ୍କରୁ ଲୋକମାନେ ନେଉଥିବା ଋଣ ହାର ୭୫% ରୁ ୮୨%କୁ ବୃଦ୍ଧି ପାଇଛି। ସାଧାରଣତଃ ସଞ୍ଚୟ ଜମାରେ ସୁଧ ହାର ହାରାହାରି ୩-୪% ରହୁଥିବା ବେଳେ ମିଆଦୀ ଜମାରେ ୭-୮% ସୁଧ ମିଳୁଛି। ଏହା ଜମାକାରୀଙ୍କ ପାଇଁ ଲାଭଦାୟକ ହୋଇଥିଲେ ହେଁ ବ୍ୟାଙ୍କମାନଙ୍କ ପାଇଁ ମହଙ୍ଗା ହେଉଛି। ଋଣ ବାବଦ ସୁଧ ଆୟରୁ ଜମା ବବଦ ସୁଧ ଦେୟକୁ ବାଦ୍ ଦେଲେ ଯେଉଁ ଉଦ୍‌ବୃତ୍ତ ରହେ ତାହା ବ୍ୟାଙ୍କର ବ୍ୟବସାୟିକ ଲାଭ ବା ଆୟର ସିଂହଭାଗ ଭାବରେ ପରିଗଣିତ ହୁଏ। ଏଥିରୁ ପରିଚାଳନା ଓ ପ୍ରଶାସନିକ ଖର୍ଚ୍ଚ ଭରଣା ହୁଏ। ଏବେ ମିଆଦୀ ଜମା ସୁଧ ବାବଦ ଦେୟ ବଢୁଥିବାରୁ ବ୍ୟାଙ୍କର ଆୟ ମଧ୍ୟ ସଂକୁଚିତ ହୋଇଛି। ଗତ ୧୧ ମାସ ଭିତରେ ଋଣ ହାରରେ ଯେଉଁ ବୃଦ୍ଧି ଘଟିଛି ସେଥିରେ ମଧ୍ୟ ଉପରୋକ୍ତ ୫% ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସିଂହଭାଗ ରହିଛି। ସେମାନଙ୍କଠାରୁ ଋଣ କିସ୍ତି ଆଦାୟ କାଠିକର ପାଠ। ତେଣୁ ବ୍ୟାଙ୍କମାନଙ୍କର ଏନ୍‌ପିଏ(ଅନାଦାୟ ସମ୍ପଦା) ମଧ୍ୟ ବଢ଼ିଚାଲି ବାଲାନ୍ସ ସିଟ୍‌କୁ ପ୍ରଭାବିତ କରୁଛି। ସେହିପରି ସରକାରୀ ପୁଞ୍ଜିନିବେଶର ମୁଖ୍ୟ ସ୍ରୋତ ହେଉଛି ବ୍ୟାଙ୍କ ଓ ବିଭିନ୍ନ ସଞ୍ଚୟ ଜମା। ସୁଲଭ ବା ୩-୪% ସୁଧରେ ମିଳୁଥିବାରୁ ଏହି ପୁଞ୍ଜି ଉପରେ ସରକାର ଅଧିକ ନିର୍ଭରଶୀଳ। ସଞ୍ଚୟ ଜମା ହାର ହ୍ରାସ ପାଉଥିବାରୁ ସରକାରଙ୍କୁ ବାଧ୍ୟ ହୋଇ ଖୋଲା ବଜାରରୁ ଅଧିକ ସୁଧରେ ଋଣ କରିବାକୁ ପଡ଼ିବ। ଏହା ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରିବ।

ଗତ ୧୧ ମାସ ଭିତରେ ଭାରତୀୟ ନିବେଶକମାନେ ବିଦେଶରେ ୨୨୦ କୋଟି ଡଲାର ନିବେଶ କରିଛନ୍ତି। ଗତବର୍ଷ ତୁଳନାରେ ଏହି ହାରରେ ୬୦% ବୃଦ୍ଧି ଘଟିଛି। ଭାରତରୁ ପୁଞ୍ଜିପତି, ବ୍ୟବସାୟୀ ଓ ନିବେଶକମାନେ ବିଦେଶକୁ ପଳାୟନ କରିବା ଭାରତୀୟ ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଚାଲିଛି। ଏଣୁ ସେମାନେ ନିବେଶର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏହାଛଡ଼ା ଆମ ଅର୍ଥନୀତିର ସିଂହଭାଗ କେବଳ ଦୁଇ/ତିନିଟି ବୃହତ୍ ଘରୋଇ ଶିଳ୍ପସଂସ୍ଥା ନିୟନ୍ତ୍ରଣରେ ରହିଛି। ଯେଉଁକେତେକ ବ୍ୟବସାୟ ବା ସଂସ୍ଥା ଆଖିଦୃଶିଆ ଉନ୍ନତି ବା ଲାଭ କରୁଛନ୍ତି ସେମାନଙ୍କୁ ଉକ୍ତ ବଡ଼ ସଂସ୍ଥା ଅଧିଗ୍ରହଣ କରିନେଉଛନ୍ତି କିମ୍ବା ସରକାରୀ ପ୍ରଭାବରେ ଚାପଗ୍ରସ୍ତ କରି ରଖୁଛନ୍ତି। ତେଣୁ ଭାରତରେ କୌଣସି ଘରୋଇ କିମ୍ବା ବିଦେଶୀ ସଂସ୍ଥା ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଭାରତୀୟ ଜମା କ୍ଷେତ୍ରରେ ପ୍ରତିଫଳିତ ହୋଇଛି।

ଆମ ଦେଶର ଆଉ ଏକ ବିଡ଼ମ୍ବନା ହେଲା ଯେଉଁ ଆଳରେ ଦରଦାମ ବଢ଼େ ପରିସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ସେଥିରେ ସୁଧାର ଆସେ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଆଳରେ ଇନ୍ଧନ ମୂଲ୍ୟ ବଢ଼ିଥିଲା। ଏବେ ଆନ୍ତର୍ଜାତିକ ବଜାରରେ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ଭାରତୀୟ ଖାଉଟି ସେହି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଜିଏସ୍‌ଟିର ଗୋଟିଏ ସ୍ଲାବ୍‌ରେ ହ୍ରାସ ଘଟିଥିବା ବେଳେ ଆନୁଷଙ୍ଗିକ ଅନ୍ୟ ସ୍ଲାବ୍‌ରେ ବଢ଼ିଛି। ଅର୍ଥାତ୍ ଦରଦାମ ବୃଦ୍ଧିରୁ ଲୋକଙ୍କୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଦେଶର ଅର୍ଥବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ଏବଂ ଜମା ହାର କମିବା ସ୍ୱାଭାବିକ।

## ଭାଷା, ଅଭାଷା ଓ ଓଡ଼ିଆ ଅସ୍ମିତା

ପ୍ରକାଶ ଚନ୍ଦ୍ର ମିଶ୍ର

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ; ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ ଏବଂ ସଭ୍ୟତାର ଆଧାର। ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ। ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ସମୃଦ୍ଧ ଭାଷା। ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ। ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। କିନ୍ତୁ ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ? ପ୍ରଶ୍ନଟି ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାର ଉତ୍ତର ଖୋଜିବା ଆବଶ୍ୟକ।

ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି। ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚବୋଧ କରନ୍ତି। ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ। ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକପ୍ରକାର ଅବହେଳା। ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପଡ଼ୁଛି। ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ। ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି। ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି। ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି। ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ଆଉ ଏକ ପ୍ରମୁଖ କାରଣ। ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ। ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ।

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି। ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ। ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା। ବିଶ୍ୱ ସହିତ ତାଳ ମିଳାଇବା ପାଇଁ ଇଂରାଜୀର ଜ୍ଞାନ ଜରୁରୀ। କିନ୍ତୁ ଇଂରାଜୀ ଶିଖିବା ଓ ଇଂରାଜୀ ମାଧ୍ୟମରେ ପଢ଼ିବା ଏହି ଦୁଇଟି ଏକ କଥା ନୁହେଁ। ଏହି ଦୁଇଟିକୁ ସମାର୍ଥକ ଭାବିବା ହିଁ ଆମର ସବୁଠାରୁ ବଡ଼ ଭୁଲ। ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ। ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ 'ହିଙ୍ଗ୍ଲିଶ'ରେ। ଏହାକୁ ବ୍ୟଙ୍ଗ କରି ଅନେକେ 'ଅଙ୍ଗ୍ଲିଶ' ମଧ୍ୟ କହନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି।

ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି। ଅନେକ ବିଦ୍ୟାଳୟରେ ଖେଳପଡ଼ିଆ, ଖେଳ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଆଦି ମୌଳିକ ଭିତ୍ତିଭୂମି ନାହିଁ। ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି। ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ। ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି। କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ।

ଅଭିଭାବକମାନଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି 'ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା।' ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ। ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ। ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି। ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି। ଏହାର ପରିଣାମ ଆହୁରି ଗମ୍ଭୀର। ଆହୁରି ମଧ୍ୟ ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ବିଦ୍ୟାଳୟରେ ପଢ଼ୁଛନ୍ତି, ସେମାନେ ଓଡ଼ିଆ ଏକ ବିଷୟ ଭାବେ ପଢ଼ୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡ଼ୁଛି। ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ।

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ। ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ। ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ। ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ। ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତା'କୁ ହୀନ ବୋଲି ଭାବିବାକୁ ବାଧ୍ୟ କରୁଛୁ? ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ। ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ। କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ। ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା।

ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ। ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ। ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ। ପ୍ରଥମେ ଲୋକମାନଙ୍କ ମନରୁ ଗର୍ବ ହଜିଯାଏ, ତା'ପରେ ବ୍ୟବହାର କମିଯାଏ, ତା'ପରେ ସାହିତ୍ୟ ଦୁର୍ବଳ ହୁଏ, ଆଉ ଶେଷରେ ଭାଷା କେବଳ ଇତିହାସର ପୃଷ୍ଠାରେ ରହିଯାଏ। ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର। ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ। ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ। ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ।

ଦାଣ୍ଡମୁକୁନ୍ଦପୁର, ମୋ: ୮୦୭୪୮ ୯୩୭୭୮

## ଉପାଧିର ହାଟ: ସମ୍ମାନର ଦୋକାନ, ବିବେକର ନିଲାମ

ଶଙ୍ଖସିନ୍ଧୁ ପୁରୋହିତ

ଏକଦା ଉପାଧି ଥିଲା ସମାଜର କୃତଜ୍ଞତାର ସ୍ୱାକ୍ଷର। ପୁରସ୍କାର ଥିଲା ଜୀବନର ଦୀର୍ଘ ସାଧନାର ନିରବ ସ୍ୱୀକୃତି। ସେତେବେଳେ ଲୋକେ ସମ୍ମାନ ପାଇବାକୁ ଦୌଡ଼ୁ ନ ଥିଲେ; ସମ୍ମାନ ନିଜେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରରେ ପହଞ୍ଚୁଥିଲା। ଆଜି ଦୃଶ୍ୟଟି ଓଲଟିଯାଇଛି। ଉପାଧି ଦ୍ୱାର ଖୋଲି ବସିଛି, ଆଉ ଖରିଦଦାର ହାତରେ ଟଙ୍କା ଧରି ଧାଡ଼ିରେ ଠିଆ ହୋଇଛନ୍ତି।




ଆଜିକାଲି ସମ୍ମାନର ମଧ୍ୟ ବଜାର ଦର ଅଛି। 'ଅନ୍ତର୍ଜାତୀୟ ଗୌରବ', 'ଜାତୀୟ ରତ୍ନ', 'ବିଶ୍ୱ ପ୍ରତିଭା', 'ଗ୍ଲୋବାଲ ଆଇକନ', 'ଏକ୍ସିଲେନ୍ସ ଆୱାର୍ଡ', 'ଡକ୍ଟରେଟ୍ (ସମ୍ମାନସୂଚକ)' ଏମିତି ଶବ୍ଦଗୁଡ଼ିକ ଏବେ ସଫଳତାର ନୁହେଁ, ବିଜ୍ଞାପନର ଅଭିଧାନରେ ଅଧିକ ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ଖୋଲିଲେ ଲାଗେ, ଦେଶରେ କାମ କରୁଥିବା ଲୋକ କମ୍, ପୁରସ୍କାର ପାଉଥିବା ଲୋକ ବେଶି। ରମ୍ୟ କଥା ହେଉଛି, ଏବେ ପୁରସ୍କାର ପାଇଁ ପରିଶ୍ରମଠାରୁ ପଞ୍ଜୀକରଣ ଶୁଳ୍କ ଅଧିକ ଜରୁରୀ। ଆୟୋଜକ କହନ୍ତି, 'ଆପଣ ମନୋନୀତ ହୋଇଛନ୍ତି।' ପ୍ରାର୍ଥୀ ଭାବବିହ୍ୱଳ। ପରେ ଏକ ଛୋଟ ଅନୁରୋଧ- 'କେବଳ ପାଞ୍ଚ ହଜାର ଟଙ୍କା ରେଜିଷ୍ଟ୍ରେସନ ଫି, ତିନି ହଜାର ଟଙ୍କା ସ୍ମାରକ ପୁସ୍ତକ, ଦୁଇ ହଜାର ଟଙ୍କା ମଞ୍ଚ ବ୍ୟବସ୍ଥା।' ସମ୍ମାନର ଓଜନ ଯେତେ ବଢ଼େ, ରସିଦର ଲମ୍ବ ମଧ୍ୟ ସେତେ ବଢ଼େ। ଏହି ବ୍ୟବସାୟର ଅର୍ଥନୀତି ବି ବଡ଼ ଚମତ୍କାର। ଯେଉଁ ସଂସ୍ଥାର କାର୍ଯ୍ୟାଳୟର ଠିକଣା ନାହିଁ, ସେମାନଙ୍କ ପାଖରେ 'ବିଶ୍ୱସ୍ତରୀୟ' ପୁରସ୍କାର ଅଛି। ଯେଉଁ ଆୟୋଜନରେ ଦର୍ଶକଠାରୁ ପୁରସ୍କୃତ ବ୍ୟକ୍ତି ଅଧିକ, ସେହି ଅନୁଷ୍ଠାନକୁ କୁହାଯାଉଛି 'ଇତିହାସ ସୃଷ୍ଟି'। ଫଟୋ ଉଠିବା ପରେ ସମ୍ମାନ ସରିଯାଏ; ଫେସବୁକ୍ ପୋଷ୍ଟ ଆରମ୍ଭ ହୋଇଯାଏ।

ଏକଦା ଲୋକେ ନାମ ପଛରେ 'ଏମ୍.ଏ.', 'ପିଏଚ୍.ଡି.' ଲେଖିବା ପୂର୍ବରୁ ବର୍ଷ ବର୍ଷ ଗବେଷଣା କରୁଥିଲେ। ଏବେ କେତେକ ସ୍ଥାନରେ ଟଙ୍କା ଦେଲେ 'ଡକ୍ଟର' ଉପାଧି ମିଳିଯାଉଛି। ଗବେଷଣା ପ୍ରବନ୍ଧ ନୁହେଁ, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ହିଁ ଯୋଗ୍ୟତାର ପ୍ରମାଣ ହୋଇଯାଉଛି। ଜ୍ଞାନର ମୂଲ୍ୟ କମିଲେ, ଉପାଧିର ମୂଲ୍ୟ ବଢ଼ିବା ସ୍ୱାଭାବିକ।

ସାମାଜିକ ମନୋବିଜ୍ଞାନ କୁହେ ମଣିଷ ସ୍ୱୀକୃତି ଚାହେଁ। ସେହି ଆକାଂକ୍ଷା ସ୍ୱାଭାବିକ। କିନ୍ତୁ ଯେତେବେଳେ ସ୍ୱୀକୃତିର ଭୋକକୁ ବଜାର ଚିହ୍ନିଯାଏ, ସେତେବେଳେ ସମ୍ମାନ ମଧ୍ୟ ପଣ୍ୟ ହୋଇଯାଏ। ସମ୍ମାନ ବିକ୍ରି କରୁଥିବା ସଂସ୍ଥା ଜାଣେ ମଣିଷର ଅହଂକାର ହିଁ ସବୁଠାରୁ ଲାଭଜନକ ବ୍ୟବସାୟ।

ସମାଜବିଜ୍ଞାନୀମାନେ କହନ୍ତି, ଯେତେବେଳେ ପ୍ରତୀକର ମୂଲ୍ୟ ପରିଶ୍ରମର ମୂଲ୍ୟକୁ ଅତିକ୍ରମ କରେ, ସେତେବେଳେ ସମାଜରେ 'ପ୍ରତୀକାତ୍ମକ ଦୁର୍ନୀତି' ଆରମ୍ଭ ହୁଏ। ଆଜି ସେହି ଅବସ୍ଥା। ଲୋକେ କାମ କମ୍, ସାର୍ଟିଫିକେଟ୍ ଅଧିକ ସଂଗ୍ରହ କରୁଛନ୍ତି। ଜୀବନବୃତ୍ତାନ୍ତରେ ସମ୍ମାନର ସଂଖ୍ୟା ବଢ଼ୁଛି, କିନ୍ତୁ ସମାଜ ପାଇଁ ଅବଦାନର ପୃଷ୍ଠା ଖାଲି ରହୁଛି। ଏହାର ସବୁଠାରୁ ବଡ଼ କ୍ଷତି ହେଉଛି ପ୍ରକୃତ ପ୍ରତିଭାର ଅବମୂଲ୍ୟାୟନ। ଜଣେ ନିଷ୍ଠାବାନ ଶିକ୍ଷକ, ଜଣେ ସଚ୍ଚୋଟ ଚାଷୀ, ଜଣେ ନିରବ ବୈଜ୍ଞାନିକ କିମ୍ବା ଜଣେ ନିବେଦିତ ସମାଜସେବୀ ବର୍ଷ ବର୍ଷ ଧରି କାମ କରୁଥା'ନ୍ତି; କିନ୍ତୁ ସେମାନଙ୍କ ପାଖରେ ଫଟୋସୁଟ୍ ନାହିଁ, ପ୍ରଚାର ନାହିଁ। ଅନ୍ୟପଟେ ଜଣେ ବ୍ୟକ୍ତି ଦୁଇ ଦିନରେ ତିନୋଟି 'ଅନ୍ତର୍ଜାତୀୟ' ସମ୍ମାନ ନେଇ ସମାଜ ଆଗରେ 'ବିଶିଷ୍ଟ ବ୍ୟକ୍ତିତ୍ୱ' ହୋଇଯାଆନ୍ତି। ଏହା କେବଳ ଠକେଇ ନୁହେଁ; ସାମାଜିକ ବିଶ୍ୱାସର କ୍ଷୟ। ଯେତେବେଳେ ନକଲି ସମ୍ମାନ ଅସଲ ସମ୍ମାନର ସ୍ଥାନ ନେଉଛି, ସେତେବେଳେ ଯୁବପିଢ଼ି ଭୁଲ ସନ୍ଦେଶ ପାଉଛି - 'ସାଧନା କରନ୍ତୁ ନାହିଁ, ସାର୍ଟିଫିକେଟ୍ କିଣନ୍ତୁ।'

ଅବଶ୍ୟ ସବୁ ସମ୍ମାନକୁ ସନ୍ଦେହଚକ୍ଷୁରେ ଦେଖିବା ଠିକ୍ ନୁହେଁ। ଅନେକ ସଂସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ ଓ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ପୁରସ୍କାର ପ୍ରଦାନ କରନ୍ତି। ସେହି ସମ୍ମାନଗୁଡ଼ିକ ସମାଜର ପ୍ରେରଣା। ସମସ୍ୟା ସେଠାରେ, ଯେଉଁଠାରେ ସମ୍ମାନ ମେଧାର ସ୍ୱୀକୃତି ନୁହେଁ, ବରଂ ବ୍ୟବସାୟର ପଣ୍ୟ ହୋଇଯାଏ। ଶେଷରେ ଗୋଟିଏ ପ୍ରଶ୍ନ ରହିଯାଏ - ଯଦି ଉପାଧି କିଣିହେବ, ତେବେ ମର୍ଯ୍ୟାଦା କେଉଁଠି ମିଳିବ? ଯଦି ପୁରସ୍କାର ବିକ୍ରି ହେବ, ତେବେ ପ୍ରେରଣା କିଏ ଦେବ? ସମ୍ମାନର ପ୍ରକୃତ ଠିକଣା କୌଣସି ମଞ୍ଚ ନୁହେଁ, କୌଣସି ଫଳକ ନୁହେଁ, କୌଣସି ସୁନାର ପଦକ ନୁହେଁ। ତାହାର ଠିକଣା ହେଉଛି ଲୋକଙ୍କ ହୃଦୟ। ଟଙ୍କାରେ ଉପାଧି କିଣିହେବ, କିନ୍ତୁ ଇତିହାସରେ ସ୍ଥାନ କେବେ ନୁହେଁ। ଆଉ ଯେଉଁ ସମ୍ମାନର ମୂଲ୍ୟ ରସିଦରେ ଲେଖାଯାଏ, ସେହି ସମ୍ମାନର ମୂଲ୍ୟ ଇତିହାସରେ ଶୂନ୍ୟ ହୋଇଯାଏ।

କୋଟସମଲାଏ(ସୁବର୍ଣ୍ଣପୁର), ମୋ: ୭୯୭୮୨୩୮୬୦୬

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା

ଚନ୍ଦନ ସୁବୁଦ୍ଧି

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



(ପୂର୍ବପ୍ରକାଶିତ ଉତ୍ତାରୁ...)

**ନରସିଂହ ଦେବ:** ନରସିଂହ ଦେବଙ୍କ ଚତୁର୍ଥ ଅଙ୍କରେ (୧୬୨୨)ଅହମ୍ମଦ ବେଗ ବାଣପୁର ଆକ୍ରମଣ କଲା। ସମୟ ଅଭାବରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ନ ହେବାରୁ ଦଇତାମାନେ ବ୍ରହ୍ମଙ୍କୁ କାଢ଼ି ଏକ ବସ୍ତ୍ରରେ ଗୁଡ଼େଇ ଗଡ଼ମାଣତ୍ରୀ ନଅରରେ ଲୁଚେଇ ରଖିଲେ। ପରେ ମୋଗଲ ଗୋଳ କମିବାରୁ ଅଦିନରେ ନବକଳେବର କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନୀଳାଦ୍ରି ବିଜେ କରାଯାଇଥିଲା।

**ଦିବ୍ୟସିଂହ ଦେବ:** ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କରେ ଔରଙ୍ଗଜେବର ଦୁଇ ସୁବେଦାର ଏକରମ ଖାଁ ଓ ଅବଦୁଲ ଖାଁ ମୋଗଲ ସେନା ଧରି ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ବାରମ୍ବାର ଆକ୍ରମଣ ଦ୍ୱାରା ପାଇକମାନଙ୍କ ମନୋବଳ ଭାଙ୍ଗି ଯାଇଥିଲା ଏବଂ ରାଜ୍ୟର ଆର୍ଥିକ ଦୁର୍ବଳତା ବଢ଼ିବାରେ ଲାଗିଲା। ତେଣୁ ଗଜପତି ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ କିଛି ସେବକମାନଙ୍କ ଦ୍ୱାରା ବଡ଼ଠାକୁର, ଦେବୀ ସୁଭଦ୍ରା ଏବଂ ଦକ୍ଷିଣୀଘର ଠାକୁରଙ୍କୁ କୋକଲଗଡ଼କୁ ପଠାଇଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ବିମଳାଙ୍କ ପଛ ପାଖେ ଲୁଚାଇ ରଖିଥିଲେ। ଔରଙ୍ଗଜେବ ସହ ଚୁକ୍ତି ଅନୁସାରେ ଦିଅଁମାନଙ୍କୁ ତାଙ୍କୁ ସମର୍ପି ଦେବାକୁ ଦିବ୍ୟସିଂହ ଦେବ ରାଜି ହୋଇଯାଇଥିଲେ। କିନ୍ତୁ ପ୍ରକୃତରେ ଠାକୁରମାନଙ୍କୁ କୋକଲଗଡ଼ ପଠାଇ କାଠର ପ୍ରତିମା ଯେଉଁଥିରେ ହୀରା ଆଖି ଲାଗିଥିଲା, ତାକୁ ସିଂହାସନରେ ରଖିଥିଲେ। ଏକରମ ଖାଁ ସିଂହାସନ ଉପରକୁ ଉଠି ଉକ୍ତ ପ୍ରତିମାମାନଙ୍କୁ ବାନ୍ଧି ଔରଙ୍ଗଜେବ୍‌କୁ ଉପହାର ଦେଇଥିଲା(ଖୁରୁଧାଇତିହାସ: ଶ୍ରୀ କେଦାରନାଥ ମହାପାତ୍ର)। ଏହାପରେ ଗୋପନରେ ମହାପ୍ରଭୁଙ୍କୁ ମଧ୍ୟ କୋକଲଗଡ଼କୁ ପଠାଯାଇଥିଲା। ସେଠାରେ କିଛିମାସ ରହି ଠାକୁରମାନେ ଚନ୍ଦନ ଯାତ୍ରା ସେହିଠାରେ ବଢ଼ାଇଥିଲେ। କୋକଲଗଡ଼ରେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ନ ମଣିବାରୁ ସାନ ବିଷ୍ଣୁ ପରିଛା ମହାପ୍ରଭୁମାନଙ୍କୁ ବାଣପୁରର ବଙ୍କାଡ଼କୁ ସ୍ଥାନାନ୍ତର କରିଥିଲେ। ନୀଳାଦ୍ରୀଶଙ୍କୁ ସାହାରା ଦେଇଥିବାରୁ ଏହି ସ୍ଥାନର ନାଁ ନୀଳାଦ୍ରିପ୍ରସାଦ ହୋଇଛି। ଦିବ୍ୟସିଂହ ଦେବଙ୍କ ଚତୁର୍ଦ୍ଦଶ ଅଙ୍କରେ ଠାକୁରମାନେ ପୁଣି ଥରେ ରତ୍ନସିଂହାସନକୁ ଫେରିଥିଲେ। ସାତ ବର୍ଷ ପରେ ମହାପ୍ରଭୁ ନୀଳାଦ୍ରି ବିଜେ କଲେ।

**ରାମଚନ୍ଦ୍ର ଦେବ:** ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନ ଭାଇ କେଶବ ରାୟ ରାଜା ହେଲେ, ଯିଏ ପରବର୍ତ୍ତୀ ସମୟରେ ଗଜପତି ରାମଚନ୍ଦ୍ର ଦେବଙ୍କ ନାମରେ ପରିଚିତ ହେଲେ। ରାମଚନ୍ଦ୍ର ଦେବଙ୍କ ଅଷ୍ଟମ ଅଙ୍କରେ ମହମ୍ମଦ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲା। ରାମଚନ୍ଦ୍ର ଦେବଙ୍କ କୂଟନୀତି ଓ ରଣନୀତି ଫଳରେ ସେ ଶ୍ରୀଜୀଉମାନଙ୍କ କିଛି କ୍ଷତି ନକରି ଫେରିଗଲା। ଗୃହ ଯୁଦ୍ଧ ଆଉ ପୁନଃ ଆକ୍ରମଣର ସୂଚନା ପାଇ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ସୁରକ୍ଷିତ ରଖିବା ପାଇଁ ବାଣପୁର ନଈ ନିକଟ ହରିଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଲୁଚେଇ ରଖିଲେ। ପୁନଶ୍ଚ ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ତକି ଖାଁ ବୋଲଗଡ଼ ପର୍ଯ୍ୟନ୍ତ ଆକ୍ରମଣ କଲା। ନଈକୁ ସୁରକ୍ଷିତ ନମଣି ରାମଚନ୍ଦ୍ର ଦେବ ଶ୍ରୀଜୀଉମାନଙ୍କୁ ଚଉଦୋଳରେ ଖଲିକୋଟ ସୀମାନ୍ତ ଟିକିରିକୁ ନେଇଯାଇଥିଲେ।

ଓଡ଼ିଶାର ସ୍ୱାଧୀନତା ପାଇଁ ଗଜପତିମାନେ ଯେମିତି ଯାଯାବରତ୍ୱ ସ୍ୱୀକାର କରିଥିଲେ ତତସମ ଓଡ଼ିଶାର ଏକଛାତ୍ରବାଦୀ ସମ୍ରାଟ ଜଗନ୍ନାଥ ମଧ୍ୟ ଯାଯାବରତ୍ୱକୁ ସ୍ୱୀକାର କରିଥିଲେ। ଜଗନ୍ନାଥ ଏ ଓଡ଼ିଆ ଜାତିର ଅମ୍ଳାନ ଜ୍ୟୋତି। ଆଉ ସେଇ ଜ୍ୟୋତିକୁ ନିଷ୍ପ୍ରଭ କରିବା ପାଇଁ କାଳେ କାଳେ ଯେପରି ଶ୍ରୀକ୍ଷେତ୍ର ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି, ଜଗନ୍ନାଥ ସେହିପରି କାଳେ କାଳେ ନୀଳଶୈଳର କୋଟି ଐଶ୍ୱର୍ଯ୍ୟକୁ ତୁଚ୍ଛ କରିଦେଇ ଅପରାଜେୟ ଓଡ଼ିଆର ଅଭିମାନ ରକ୍ଷା ପାଇଁ ବହୁ ଦୁର୍ଗମ ଗିରିକାନ୍ତରେ ଆତ୍ମରକ୍ଷା କରିଛନ୍ତି। କିନ୍ତୁ କେବେ ବି ସେ ଅମ୍ଳାନ ଜ୍ୟୋତି ମଳିନ ପଡ଼ି ନାହିଁ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆମେରିକାରେ ଅଚ୍ୟୁତ ସାମନ୍ତ ସମ୍ମାନିତ



ଭୁବନେଶ୍ୱର,୫।୭(ସମିସ):ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଫ୍ଲୋରିଡାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍‌ଥ ସମିଟ୍ ୨୦୨୬' ସମୟରେ ଆପିକୁ ସମର୍ଥନ, ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବାକୁ ଆପିର ସଦସ୍ୟମାନେ ସ୍ୱୀକୃତି ଦେଇଛନ୍ତି ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ସମର୍ପିତ ରାଷ୍ଟ୍ରନେତା: ମୁଖ୍ୟମନ୍ତ୍ରୀ

## ଡ. ମୁଖାର୍ଜୀଙ୍କ ବଳିଦାନ ଦେଶ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି

ଭୁବନେଶ୍ୱର,୫।୭(ସମିସ): ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଜଣେ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସ୍ୱାଧୀନ ଭାରତର ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିନ୍ଦୁବହୁଳ ବଙ୍ଗପ୍ରଦେଶର ପଶ୍ଚିମଭାଗକୁ ଭାରତରେ ମିଶ୍ରଣ କରିବା ପାଇଁ ପ୍ରବଳ ଜନମତ ପ୍ରସ୍ତୁତ କରି ଏ ଦିଗରେ ସଫଳ ହୋଇଥିଲେ। ତାଙ୍କ ଗଠିତ ରାଜନୈତିକ ଦଳ ଭାରତୀୟ ଜନସଂଘ ଅନେକ ଉତ୍‌ଥାନ ପତନ ଦେଇ ପରବର୍ତ୍ତୀ ସମୟରେ 'ଭାରତୀୟ ଜନତା ପାର୍ଟି' ନାମରେ ଆଜି ଦେଶର ତଥା ବିଶ୍ୱର ୧ ନମ୍ବର ରାଜନୈତିକ ଦଳ ଭାବେ ଉଭା ହୋଇଛି। ଶ୍ୟାମାପ୍ରସାଦଙ୍କର ସେହି ଅଧୁରା ସ୍ୱପ୍ନକୁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବିଧାନର ୩୭୦ ଧାରା ଓ ୩୫(କ) ଉଚ୍ଛେଦ କରି ପୂରଣ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ନାରୀ ଶକ୍ତିର ଅଧିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି । ମୋଦୀଜୀଙ୍କ ନେତୃତ୍ୱରେ ନାରୀ ଶକ୍ତିର ସମ୍ମାନ ଓ ଅଧିକାରକୁ ନିଶ୍ଚିତ ଭାବରେ ସୁରକ୍ଷିତ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ଲୋକାଲ୍ ସର୍କଲ୍‌ସ ରିପୋର୍ଟ

# ଇ-୨୦ ପେଟ୍ରୋଲରେ ୫୩% ଗାଡି ମାଲିକ ନାରାଜ

- ମାଇଲେଜ୍ କମିଛି, ବଢ଼ୁଛି ମରାମତି ଖର୍ଚ୍ଚ
- ସରକାରଙ୍କ ପରିଚାଳନାଗତ ବ୍ୟବସ୍ଥାରେ ଖୁସିନାହାଁନ୍ତି ଲୋକେ
- ଦେଶର ୩୧୬ ଜିଲାରେ ହୋଇଛି ସର୍ଭେ

ନୂଆଦିଲ୍ଲୀ,୫।୭(ଏଜେନ୍ସି): ପେଟ୍ରୋଲ (ଇ-୨୦ ଇନ୍ଧନ) ସହିତ ୨୦% ଇଥାନଲ୍ ମିଶ୍ରଣ ଅର୍ଥାତ୍ ଇ-୨୦ ପେଟ୍ରୋଲକୁ ନେଇ ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ସରକାର ଯେତେ ସଫେଇ ଦେଲେ ବି ଲୋକେ ଏଥିରେ ଖୁସିନାହାନ୍ତି। ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଲୋକଙ୍କ ଗାଡ଼ି ଖରାପ ହେଉଥିବା ନିୟମିତ ଅଭିଯୋଗମାନ ଆସୁଛି। ବିଶେଷ କରି ସେହିମାନେ ଅଧିକ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯେଉଁମାନଙ୍କ ପାଖରେ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଅଛି। ସେମାନଙ୍କ ଗାଡ଼ି ଇଥାନଲରେ ଚାଲିବା ଭଳି ଡିଜାଇନ କରାଯାଇ ନ ଥିବାରୁ ସେମାନଙ୍କୁ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ତେଣୁ ସରକାରଙ୍କର ଇ-୨୦ ନୀତି ଉପରେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପ୍ରତି କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଦେଶର ଅଧିକାଂଶ ଗାଡ଼ି ମାଲିକ ସରକାରଙ୍କ ଇ-୨୦ ପେଟ୍ରୋଲ କାର୍ଯ୍ୟକାରିତାକୁ ଅତ୍ୟନ୍ତ ଖରାପ ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷକରି ଏହାକୁ ପ୍ରଭାବହୀନ ବୋଲି କହିଛନ୍ତି। ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜରେ ହ୍ରାସ ଏବଂ ଇଞ୍ଜିନ୍‌ରେ ତ୍ରୁଟିକୁ ନେଇ ଯାନବାହନ ମାଲିକ ଏବେ ହତାଶ। ତେବେ ସର୍ଭେ ଅନୁଯାୟୀ, ଇ-୨୦ ପେଟ୍ରୋଲକୁ ନେଇ ଦେଶର ୫୩% ଗାଡି ମାଲିକ ଅସନ୍ତୁଷ୍ଟ।




ସରକାର ଆଣିଥିବା ଇ-୨୦ ପେଟ୍ରୋଲକୁ ନେଇ ଲୋକାଲ୍‌ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଦେଶର ୩୧୬ ଜିଲାରେ ୨୨,୫୬୭ ପେଟ୍ରୋଲ ଗାଡ଼ି ମାଲିକଙ୍କୁ ନେଇ ଏକ ସର୍ଭେ କରାଯାଇଛି। ଏଥିରେ ୫୩% ଲୋକେ କେନ୍ଦ୍ର ସଡ଼କ ପରିବହନ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଇ-୨୦ ପରିଚାଳନାକୁ ଏକଦମ ଖରାପ ଓ ପ୍ରଭାବହୀନ ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରୁ ୪୨% ଲୋକ ବହୁତ ଖରାପ କହିଥିବା ବେଳେ କେବଳ ୧୩% ଲୋକ ଏହାକୁ ଭଲ ରେଟିଂ ଦେଇଛନ୍ତି। ସର୍ଭେରେ ଇନ୍ଧନ ଦକ୍ଷତା ଏବଂ ଯାନବାହାନର ରକ୍ଷଣାବେକ୍ଷଣ(ମେଣ୍ଟେନାନ୍ସ) ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି। ୨୦୨୩ ପୂର୍ବରୁ ନିର୍ମିତ ପେଟ୍ରୋଲ ଗାଡ଼ି ବ୍ୟବହାର କରୁଥିବା ମାଲିକମାନଙ୍କ ମଧ୍ୟରୁ ୬୬% କହିଛନ୍ତି ଯେ ଇ-୨୦ ପେଟ୍ରୋଲ ପ୍ରଚଳନ ପରେ ସେମାନଙ୍କ ଯାନଗୁଡ଼ିକ ଏବେ ୧୦%ରୁ ଅଧିକ କମ୍ ମାଇଲେଜ୍ ଦେଉଛି। ସର୍ଭେରେ ଉଠିଥିବା ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଦେଶରେ ଚାଲୁଥିବା ଲକ୍ଷ ଲକ୍ଷ ପୁରୁଣା ଗାଡ଼ି କମ୍ ଇଥାନଲ ମିଶ୍ରଣକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଥିଲା। ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ଅଧିକାଂଶ ପେଟ୍ରୋଲ ଗାଡ଼ି ଇ-୧୦ ପାଇଁ ଉପଯୁକ୍ତ ଥିଲା। ଅନ୍ୟପଟେ ଏପ୍ରିଲ ୨୦୨୫ ପରେ ନିର୍ମିତ ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଇ-୨୦ ସୁସଙ୍ଗତ ବୋଲି ଧରାଯାଉଛି। ଏହାର ପରିଣାମ ସ୍ୱରୂପ ଅନେକ ପୁରୁଣା ଗାଡ଼ି ମାଲିକ କମ୍ ମାଇଲେଜ୍ ଓ ଅଧିକ ରକ୍ଷଣାବେକ୍ଷଣ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଭୁଟାନ୍ ମଧ୍ୟ ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି। ହେଲେ ଭାରତଠାରୁ ଭୁଟାନ ଇ-୨୦ ପେଟ୍ରୋଲ ନେବାକୁ ମନା କରିବା ସମ୍ପର୍କିତ ଏହି ରିପୋର୍ଟକୁ ଆଜି କେନ୍ଦ୍ର ସରକାରଙ୍କ ଖଣ୍ଡନ କରିଛନ୍ତି। ଚଳିତମାସ ପହିଲାରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଇଥାନଲ ମିଶ୍ରଣର ଦୀର୍ଘମିଆଦି ପ୍ରଭାବ ୨୦୨୭ ସୁଦ୍ଧା ଅଧିକ ସ୍ପଷ୍ଟ ହେବ। ଇ-୨୦ କାର୍ଯ୍ୟକ୍ରମ ବିରୋଧରେ ଦାଖଲ ହୋଇଥିବା ଆଇନଗତ ଆହ୍ୱାନର ଜବାବ ଦେଇ ସରକାର ଏହି ମତ ରଖିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବାଦ୍...

ଦେଇଛନ୍ତି। ତେବେ ନିର୍ବାଚନ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଭୋଟରତାଲିକାରୁ ନାମ ବାଦକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକାରେ ନାମ ଥିବା ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଥିବା କହୁଥିବାବେଳେ ୮ ଲକ୍ଷରୁ ଊର୍ଦ୍ଧ୍ୱ କଥିତ ମୃତକ ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅନୁପସ୍ଥିତ ବା ସ୍ଥାନାନ୍ତରିତଙ୍କୁ ପରିଗଣନା ଫର୍ମ କିପରି ବଣ୍ଟନ ହେଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁନଶ୍ଚ କେବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ ପଡ଼ିଥିବା କୁହାଯାଉଥିବାବେଳେ ୭୫ରୁ ଊର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟିବାକୁ ନେଇ ବିରୋଧୀ ସନ୍ଦେହ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ; ଯଦି କେହି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ସେମାନେ ଆପତ୍ତି କରି ନିଜ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିପାରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବାସସ୍ଥାନ ପରିବର୍ତ୍ତନ, ପ୍ରଚଳିତ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଦୁଇଟି ଇପିଆଇସି ନମ୍ବର କିମ୍ବା ଦିବ୍ୟାଙ୍ଗ ଚିହ୍ନିତକରଣ ପାଇଁ ଭୋଟର ଫର୍ମ-୮ରେ ଆବେଦନ କରିପାରିବେ। ସେହିପରି ନୂତନ ଭୋଟରଙ୍କ ପାଇଁ ଫର୍ମ-୬ରେ ଆବେଦନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଫର୍ମ-୭ରେ ପ୍ରଚଳିତ ଭୋଟର ତାଲିକାରେ ନାମ ଯୋଗ କିମ୍ବା ନାମ ବାଦ୍ କରାଯାଇ ପାରିବ। ତେବେ ଚିଠା ଭୋଟର ତାଲିକାରେ ଗୋଟିଏ ଘର ନମ୍ବରରେ ଏକାଧିକ ଭୋଟରଙ୍କ ନାମ, ଭୋଟରଙ୍କ ନାମରେ ତ୍ରୁଟି ତଥା ଅନ୍ୟ ବିବରଣୀ ତ୍ରୁଟିକୁ ନେଇ ସାଧାରଣରେ ଆରମ୍ଭରୁ ଅସନ୍ତୋଷ ଦେଖାଦେଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣନାକାରୀଙ୍କ ତ୍ରୁଟି ପାଇଁ ସାଧାରଣ ଲୋକମାନେ କାହିଁକି ସମସ୍ୟାରେ ପଡ଼ିବେ ବୋଲି ପ୍ରଶ୍ନ କରିବା ସହ ପ୍ରତ୍ୟେକ ତ୍ରୁଟି ନିଜଆଡ଼ୁ ନିର୍ବାଚନ ଅଧିକାରୀ ସଂଶୋଧନ କରିବା ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

### ରାମ ମନ୍ଦିରରୁ ଲୁଟିନେଲେ...

ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ବିରୋଧୀ ଦଳ ଏବଂ ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ମଧ୍ୟ ମନ୍ଦିରରୁ ରୁପା ହେରଫେର ହୋଇଥିବା ପ୍ରସଙ୍ଗ ଉଠାଇଛି। ଏଥିମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଦ୍ୱାରା ପ୍ରଦତ୍ତ ୪ କିଲୋଗ୍ରାମର ରୁପା ଇଟା ମଧ୍ୟ ସାମିଲ ରହିଛି। ଏସଂପର୍କରେ ଟ୍ରଷ୍ଟର କୌଣସି କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି। ସେମାନଙ୍କର ରହସ୍ୟମୟ ନିରବତା କୋଟି କୋଟି ଭକ୍ତଙ୍କୁ ମର୍ମାହତ କରିଛି।

ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦଳ ବର୍ତ୍ତମାନ ଏହି ଦାନ ହେରଫେର ମାମଲାର ଯାଞ୍ଚ କରୁଛି। ଧରାପଡ଼ିଯିବା ଭୟରେ ଚୋରି ସୁନା ଓ ରୁପା ଅଳଙ୍କାରଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଦାନ ଗଣତି ପ୍ରକ୍ରିୟା ସହ ଜଡିତ ୮ ଜଣଙ୍କୁ ଗିରଫ କରାଯାଇ ସାରିଛି। ଇତିମଧ୍ୟରେ ରାମ ମନ୍ଦିର ଟ୍ରଷ୍ଟର ଆନ୍ତାକାଳି ବୈଠକ ବସିବ। ଏଥିରେ ଟ୍ରଷ୍ଟ ସଂପାଦକ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ଇସ୍ତଫା ଉପରେ ନିଷ୍ପତ୍ତି ନିଆଯିବ।

### ଦିନକୁ ଚୋରି ହେଉଥଲା...

ମହାକୁମ୍ଭ ସମୟରୁ ଦିନକୁ ୬ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ମୋଜା ଓ ପକେଟରେ ଟଙ୍କା ଲୁଚାଇବା ସହ ସିସିଟିଭିକୁ ମଧ୍ୟ ଏଡ଼ାଉଥିବା ପ୍ରମାଣ ମିଳିଛି। ଅଭିନାଶ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏବଂ ୧୨୦୦ ଡଲାର ଜବତ କରାଯାଇଛି।

ଦାନ ଟଙ୍କା ଚୋରି ସଂପର୍କରେ ଟ୍ରଷ୍ଟ କର୍ମକର୍ତ୍ତା ଜାଣିଥିଲେ ମଧ୍ୟ ଚୁପ ରହିଥିଲେ। ସମାଜବାଦୀ ପାର୍ଟି ନେତା ଏବଂ କେତେକ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିବା ପରେ ଏହି ମାମଲା ସାମନାକୁ ଆସିଥିଲା। ଅଭିଯୁକ୍ତମାନେ ଦାନ ଟଙ୍କା ଚୋରି କରୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ଅଛି।

### ଅବପାତ ଝାଡ଼ଖଣ୍ଡମୁହାଁ..

ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ସ୍ଥାନରେ ଭାରି ବର୍ଷା (୭ ରୁ ୧୧ ସେମି) ରେକର୍ଡ ହୋଇଛି। କନ୍ଧମାଳ ଖଜୁରୀପଦାରେ ସର୍ବାଧିକ ୨୭୬ମିମି, ବଲାଙ୍ଗିର ତୁରେଇକେଲା ଠାରେ ୨୬୪ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୧୯ ଓ କଟକରେ ୧୨୪ ମିମି ବର୍ଷା ରେକର୍ଡ ହୋଇଛି।

ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାର ୬୨.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୮.୪ମିମି ତୁଳନାରେ ୬୪୯ ପ୍ରତିଶତ ଅଧିକ ରହିଛି। ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମି ହୋଇଥିବା ବେଳେ ରାଜ୍ୟରେ ପ୍ରଥମ ୫ ଦିନରେ ୧୫୫.୨ ମିମି ବର୍ଷା ରେକର୍ଡ ହୋଇସାରିଛି, ଯାହାକି ପୁରା ମାସର ସ୍ୱାଭାବିକ ବର୍ଷାର ୪୫ ପ୍ରତିଶତ ଭରଣା ହୋଇଛି। ଏପର୍ଯ୍ୟନ୍ତ ଜୁଲାଇରେ ପ୍ରଥମ ୫ ଦିନରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୩୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ରବିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ବରଗଡ଼, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଜୁନ ୧ ରୁ ଏଯାବତ ୨୬୫.୫ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୫୫.୮ ତୁଳନାରେ ଏବେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ୧୧ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ସହ ୧୧ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଏବେ ବି ୬ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୨ଟି ଜିଲ୍ଲା ବୌଦ୍ଧ ଓ କନ୍ଧମାଳରେ ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକା ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପଟେ ଅବପାତ ସ୍ଥଳଭାଗ ଅତିକ୍ରମ କରିବା ପରେ ଜୁଲାଇ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି।

### ଫୁଲୁଛି ବୈତରଣୀ...

ନଦୀର ଉପର ମୁଣ୍ଡ ସ୍ୱାମପାଟଣାଠାରେ ସର୍ବାଧିକ ୬୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଆନନ୍ଦପୁରଠାରେ ୨୦.୪, ଚମ୍ପୁଆଠାରେ ୬୨.୮, ଭଦ୍ରକଠାରେ ୪୫.୮ ମିମି ବର୍ଷା ରେକର୍ଡ ହୋଇଛି। ନଦୀ ନିକଟସ୍ଥ ଭଣ୍ଡାରିପୋଖରୀଠାରେ ସର୍ବାଧିକ ୧୧୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଧାମନଗରଠାରେ ୪୬, ତିହିଡ଼ିଠାରେ ୪୫, ବାସୁଦେବପୁରଠାରେ ୨୪, ଚାନ୍ଦବାଲିଠାରେ ୭୬ ଓ ବନ୍ତଠାରେ ସର୍ବନିମ୍ନ ୧୩ ମିମି ବର୍ଷା ହୋଇଛି। ବୈତରଣୀ ଉପର ମୁଣ୍ଡ ଓ ତତ୍‌ସଂଲଗ୍ନ ସ୍ଥାନରେ ବର୍ଷା ଜାରି ରହିଥିବା କାରଣରୁ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

### ଗୋ-ମାଫିଆଙ୍କୁ ସୂଚନା...

ସମ୍ପର୍କିତ ଗୁପ୍ତ ସୂଚନା ଲିକ୍ କରିଥିଲେ। ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ଝାରପୋଖରିଆ ଥାନାର ଏଏସଆଇ ରଞ୍ଜିତ ନାୟକ ଓ କନଷ୍ଟେବଳ ଆଶିଷ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହିତ ଥାନାର କାର୍ଯ୍ୟକଳାପ ବାବଦରେ ଅବଗତ ଥିବା ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଏହି ସୂଚନା ପ୍ରଦାନ କରି ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ୍ କହିଛନ୍ତି, ଝାରପୋଖରିଆ ଆଇଆଇସି ଶ୍ରୀ ଆଚାର୍ଯ୍ୟ ଓ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗକୁ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିବ। ଅପରପକ୍ଷରେ ଫେରାର ଥିବା ଗୋ-ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପ୍ରକାଶ ଥାଉକି, ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଶାସକ ବିଜେପି ଦଳର ନେତା ଓ ମନ୍ତ୍ରୀଙ୍କ ସହିତ ଉତ୍ତମ ସମ୍ପର୍କ ଥିବାରୁ ପୁଲିସ ଜାଣିଶୁଣି ତାଙ୍କୁ ଫେରାର ପାଇଁ ସୁଯୋଗ ଦେବା ଓ ଗିରଫ ନ କରିବା ନେଇ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି ଝାରପୋଖରିଆରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବର୍ଷିଥିଲେ।

**AFFIDAVIT**

By Virtue of an affidavit sworn before Executive Magistrate, Balasore, dtd-30/06/2026 by Affidavit Sl No: - 4903. I, Azharuddin Shaikh,Age 42yrs, S/o- Nasiruddin Shaikh, of Resident At-Pijuruddin lane, Po-Sunhat,Phandi Chhak,Goni Pada,Balubazar, P.S.- Town, Dist-Balasore , Odisha - 756002. Declared that. I have changed my name from Azharuddin Nasiruddin Shaikh to Azharuddin Shaikh. Henceforth, I shall be known as **Azharuddin Shaikh** for all future purposes.
Azharuddin Shaikh

**AFFIDAVIT**

By virtue of Affidavit No. 93, Dt.25.05.2026 sworn before the Executive Magistrate, Angul, I, Ipsita Agarwal, D/o- Pradeep Agarwal and Sanju Agarwal, Resident of At- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL", "AGARWALLA" in certain previous documents, including my earlier Passport. The surnames "AGRAWAL" , "AGARWALLA" and "AGARWAL" refer to one and the same person, namely myself. Henceforth, I shall be known as IPSITA AGARWAL for all purposes.

**AFFIDAVIT**

By virtue of an affidavit before the Executive Magistrate, Dhamnagar, I, Sri Dillip Kumar Malik, 41 years, S/o-Kanhu Malik, Vill/PO- Kothar, P.S.- Dhusuri, Dist- Bhadrak, Odisha, on behalf of my minor daughter Sibani Malik. In birth certificate, wrongly it has been mentioned as Shivan Malik in Aadhaar Card bearing No. 7217 4462 7832. Sibani Malik and Shivan Malik is one and same. This affidavit is for Aadhaar correction.

**AFFIDAVIT**

By virtue of Affidavit No. 95, Dt.27.05.2026 sworn before the Executive Magistrate, Angul, I, PRADEEP AGARWAL, S/o- Srinibas Agarwal, R/o- Union Bank Pakha, P.O/ P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "PRADEEP AGARWAL" for all purposes.

**AFFIDAVIT**

By virtue of Affidavit No. 94, Dt. 27.05.2026 sworn before the Executive Magistrate, Angul, I, SANJU AGARWAL, W/o- PRADEEP AGARWAL, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "SANJU AGARWAL" for all purposes.

**AFFIDAVIT**

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-03/07/2026, by Affidavit Sl No: - 2994. I, Paresh Mukhi C/o- Gopal Mukhi of permanent Resident Vill - Kamardiha, Po-Khunta, Ps-Rasgobindpur, Dist-Mayurbhanj , Odisha - 757016. Declared that. I have changed the name of my Minor Son from KATIA MUKHI to PAPU MUKHI. Henceforth, He shall be known as **PAPU MUKHI** for all future purposes.
Paresh Mukhi

25001/650/2627 E-Mail: eerw_gm1@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Government of Odisha e-Procurement Notice
Bid Identification No. Online Tender // 11 // SERWDG-I // 2026-27
Letter No.: 4099 /RWDG-I/BAM/ Date: 18.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 6.72 Lakhs to Rs. 8.40 Lakhs |
| 3 | Period of Completion | As per Annexure Column No. 06 |
| 4 | Date & Time of Availability of Bid Documents in the Portal | From 09.07.2026 at 11.00 AM to 22.07.2026 up to 6.00 PM |
| 5 | Last Date & Time for Receipt of Bids in the Portal | 22.07.2026 up to 6.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in
Executive Engineer
OIPR-25001/25085/1/26-27/0017 R.W. Division-I, Ganjam, Berhampur

**OFFICE OF THE MUNICIPALITY : POLASARA**
At/Po/Ps: Polasara, Dist.-Ganjam, Odisha
E-mail: nacpolasara72@gmail.com, Phone No.: (06810) 291235
Letter No.: 2097, Date: 03.07.2026
13001/1075/2627

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/Firm suppliers/Contractor having a adequate experience with valid GST Registration Certificate, PAN Card for "Supplying, fitting and installation of different odia and English letter box with logo, swacha sarvekhana logo, back drop items for Polasara Municipality, for the year 2026-27." as per the specification which will be received through Tender Box/Speed Post/Courier Post to the Executive Officer Municipality Polasara on or before 14.07.2026 up to 5.00 P.M and the same will be opened on 15.07.2026 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the Polasara Municipality during working hour from 06.07.2026 to 14.07.2026 up to 5.00 P.M on payment of non refundable cash of Rs. 4000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 10000.00 (In shape of Bank Draft/BG/TDR /KVP/ NSC) in favour of Executive Officer Polasara Municipality with their bid, failing which their bid shall not be taken in to consideration. The authority reserves the right to reject any or all the tenders without assigning any reason thereof.

Executive Officer
Municipality Polasara
OIPR-13001/13214/1/26-27/0003

25001/646/2627 E.Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
BID IDENTIFICATION NO. ONLINE-EERKL-17 of 2026-27

1. Name of the Work :- Road Works
2. Total No. of Works :- 02 (Two) Nos.
3. Estimated Cost :- Rs. 62.37 to 77.12 Lakhs
4. Class of Contractor :- "B" Class
5. Period of Completion :- 04 (Four) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-17 of 2026-27 | 07.07.2026 from 11.00 AM | 14.07.2026 upto 05.00 PM | 13.07.2026 upto 5.00 PM | 15.07.2026 at 11.00 AM | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.
Executive Engineer
OIPR-25001/25193/1/26-27/0032 RW Division-II, Sundargarh

# ରଥଯାତ୍ରା ପାଇଁ ବାଲେଶ୍ୱର ଦେଇ ଯିବ ୨ଟି ସ୍ପେଶାଲ ଟ୍ରେନ୍

**ବାଲେଶ୍ୱର,୫।୭(ସମିସ):** ଆସନ୍ତା ରଥଯାତ୍ରା ପାଇଁ ଯାତ୍ରୀଙ୍କ ସୁବିଧା ନିମନ୍ତେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୨ଟି ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ଏହି ଦୁଇଟି ଟ୍ରେନ୍ ବାଲେଶ୍ୱର ଷ୍ଟେସନରେ ମଧ ଷ୍ଟପେଜ୍ ଦେବ। ୦୩୧୦୧/୦୩୧୦୨ କୋଲକାତା- ଖୋର୍ଦ୍ଧା ରୋଡ୍ - କୋଲକାତା ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୧୦୧ କୋଲକାତା ରୁ ଖୋର୍ଦ୍ଧା ରୋଡ୍ ଆସନ୍ତା ୧୨, ୧୪, ୧୫, ୨୧, ୨୨ ଓ ୨୩ ତାରିଖ ରାତି ୧୧.୫୦ ରେ କୋଲକାତା ରୁ ଛାଡି ପର ଦିନ ସକାଳ ୯.୩୫ ମିନିଟ୍‌ରେ ଖୋର୍ଦ୍ଧା ରୋଡ୍ ପହଞ୍ଚିବ। ୦୩୧୦୨ ଖୋର୍ଦ୍ଧା ରୋଡ୍ ରୁ କୋଲକାତା ୧୪, ୧୭, ୧୮, ୨୨, ୨୫ ଓ ୨୬ ରେ ଅପରାହ୍ନ ୩.୪୦ ରେ ଖୋର୍ଦ୍ଧା ରୋଡ୍ ରୁ ଛାଡି ପର ଦିନ ରାତି ୨.୦୦ ରେ କୋଲକାତା ପହଞ୍ଚିବ। ସେହିପରି ୦୩୪୦୩/୦୩୪୦୪ ମାଲଦା ଟାଉନ୍ - ପୁରୀ - ମାଲଦା ଟାଉନ୍ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୪୦୩ ମାଲଦା ଟାଉନ୍ ରୁ ପୁରୀ ଆସନ୍ତା ୧୪ ଓ ୨୨ ତାରିଖ ଦିନ ୧.୧୦ ଘଟିକାରେ ମାଲଦା ରୁ ଛାଡି ପର ଦିନ ସକାଳ ୫.୩୦ ରେ ପୁରୀରେ ପହଞ୍ଚିବ। ୦୩୪୦୪ ପୁରୀ ରୁ ମାଲଦା ଟାଉନ୍ ଆସନ୍ତା ୧୭ ଓ ୨୫ ରେ ସନ୍ଧ୍ୟା ୬.୦୦ ରେ ପୁରୀରୁ ଛାଡି ପର ଦିନ ସକାଳ ୯.୨୦ ରେ ମାଲଦା ପହଞ୍ଚିବ। ଏସ୍ ଇ ଆର୍ ଅଧିକାର କ୍ଷେତ୍ରେ ଉପରୋକ୍ତ ଉଭୟ ଟ୍ରେନ୍ ଆଣ୍ଡୁଲ, ଖଡଗପୁର ଓ ବାଲେଶ୍ୱର ରେ ଷ୍ଟପେଜ୍ ଦେବ। ଫଳରେ ରଥଯାତ୍ରା ଦେଖିବାକୁ ଯିବାକୁ ଇଚ୍ଛୁକ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର ଯାତ୍ରୀମାନେ ଏହି ଟ୍ରେନ୍ ରେ ପୁରୀ ଯାତ୍ରା କରିପାରିବେ।

# ନିଖୋଜ ୪ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

**ଜଳେଶ୍ୱର/ଜଳେଶ୍ୱର ବ୍ଲକ୍,୫।୭(ସମିସ)**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରୁ ୩ ଦିନ ଧରି ନିଖୋଜ ହୋଇଥିବା ୪ଜଣ ନାବାଳିକାଙ୍କୁ ଜଳେଶ୍ୱର ପୁଲିସ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ନିଖୋଜ ନାବାଳିକା ମାନଙ୍କର ମାଆମାନେ ଜଳେଶ୍ୱର ଥାନାରେ ଦୁଇଟି ଅଭିଯୋଗ ଦେଇଥିଲେ। ଯାହାର ଆଧାରରେ ପୁଲିସ କିଛି ସୂଚନା ପାଇଁ ତଦନ୍ତ ଆରମ୍ଭ କରିଥିଲା। ତେବେ ଉଦ୍ଧାର ନାବାଳିକାମାନେ ପରିବାର ଲୋକଙ୍କ ତାଗିଦ ଯୋଗୁଁ ରାଗିଯାଇ ଘର ଛାଡ଼ି ଚାଲିଯାଇଥିବା କହିଛନ୍ତି ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜଳେଶ୍ୱର ଏସ୍‌ଡିପିଓ ସୁରେଶ ତ୍ରିପାଠୀ। ଉଦ୍ଧାର ହୋଇଥିବା ନାବାଳିକାଙ୍କ



ମଧ୍ୟରୁ ୩ ଜଣଙ୍କ ଘର ଜଳେଶ୍ୱର ପୌରାଞ୍ଚଳ ମଧ୍ୟରେ ହୋଇଥିବା ବେଳେ ଜଣକ ଘର ରୁପ୍‌ସା ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ଉକ୍ତ ନାବାଳିକାଙ୍କୁ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଜାମବଣୀ ଅଞ୍ଚଳର ଜାନକୀ ନାମକ ମହିଳାଙ୍କ ଘରୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମହିଳାଙ୍କ ସ୍ୱାମୀ ଜଣେ ସେନା କର୍ମଚାରୀ ଯାହାଙ୍କ ନାମ ସନିମ ବୋଲି ଜଣାଯାଇଛି। ତେବେ ବଙ୍ଗୀୟ ମହିଳା ଜାନକୀଙ୍କ ସହିତ ୪ମାସ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ଜରିଆରେ ନାବାଳିକାଙ୍କର ବନ୍ଧୁତା ହୋଇଥିଲା ବୋଲି ନାବାଳିକାମାନେ କହିଛନ୍ତି। ଏହି ନାବାଳିକାଙ୍କୁ ଚାଲାଣ କରାଯାଉଥିଲା ନା ଅନ୍ୟ କାରଣ ରହିଛି ସେଥିନେଇ ପୁଲିସ ତଦନ୍ତ କରୁଥିବା ବେଳେ ଚାରିଜଣ ନାବାଳିକା ଗୋଟିଏ ସ୍ଥାନରୁ ଏବଂ ଜଣେ ମହିଳାଙ୍କ ଘରୁ ଉଦ୍ଧାର ହୋଇଥିବାରୁ ସେହି ପରିବାରର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୁଲିସ କହିଛି। ତେବେ ରୁପ୍‌ସା ଅଞ୍ଚଳର ଥିବା ନାବାଳିକାଙ୍କ ନାମରେ ପୂର୍ବରୁ କିଛି ଅଭିଯୋଗ ରହିଛି ବୋଲି ପୁଲିସ ସୂଚନା ପାଇଛନ୍ତି। ତେବେ ଜଳେଶ୍ୱର ଝିଅମାନଙ୍କୁ ରୁପ୍‌ସାର ଝିଅ ପଶ୍ଚିମବଙ୍ଗ ନେଇ ଯାଇଥିଲେ ବୋଲି ଜଣାପଡ଼ିଛି। ସେଥିପାଇଁ ନାବାଳିକାମାନେ ପ୍ରଥମେ ନୂଆଗାଁ ମୟୂରଭଞ୍ଜ ରୋଡ୍ ଷ୍ଟେସନ ଯାଇଥିଲେ। ସେଠାରୁ ବସ୍ ଯୋଗେ ରାସଗୋବିନ୍ଦପୁର ଓ ପରେ ବାରପଦା ହୋଇ ଝାଡଗ୍ରାମ ଅଞ୍ଚଳର ଗୋପୀବଲ୍ଲଭପୁର ଅଞ୍ଚଳକୁ ଯାଇଥିବା ଜଣାଯାଇଛି। ବର୍ତମାନ ଉଦ୍ଧାର କରାଯାଇଥିବା ନାବାଳିକାମାନଙ୍କୁ ବାଲେଶ୍ୱର ନାରୀ ସଂଘରେ ରଖାଯାଇଛି। ପ୍ରଥମେ ତାଙ୍କର ମେଡିକାଲ ଚେକ୍‌ଅ୍ କରାଯିବ ତାପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇ ସିଡବ୍ଲ୍ୟୁସିଙ୍କ ସମ୍ମୁଖରେ ହଜର କରାଯିବ ତାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀ ତ୍ରିପାଠୀଙ୍କ ସହିତ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଉପସ୍ଥିତ ଥିଲେ।

# କ୍ରିୟାନୁଷ୍ଠାନ କମିଟିର ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୫।୭(ସମିସ):** ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା। ରାଜ୍ୟ ସରକାର ଡାକ୍ତରମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଡାକ୍ତରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଏନେଇ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ସାପ୍ତାହିକ ବୈଠକରେ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ଡାକ୍ତର ସଂ ସଂଘର ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବାରୁ ଉଭୟ ପକ୍ଷଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଛି। ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୁନଶ୍ଚ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ କ୍ରିୟାନୁଷ୍ଠାନ କମିଟି। ବୈଠକରେ ସରକାରଙ୍କ ଠାରେ ଦାବି କରାଯାଇଛି। ଗତ ମାସ ୨୮ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର



ଜିଲ୍ଲାସ୍ତରୀୟ ବୈଠକରେ ବହୁ ବିଚାରବିମର୍ଶ ପରେ ବାଲେଶ୍ୱରରେ ସ୍ୱାସ୍ଥ୍ୟ ସେବାରେ ଥିବା ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଦିନିକିଆ ଗଣଧାରଣା ଓ ଅଗଷ୍ଟ ପହିଲାଦିନ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ବୈଠକରେ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ୍ ଓ ଶାଖା କମିଟିଗୁଡ଼ିକର ବୈଠକ ତୁରନ୍ତ ଆହ୍ୱାନ କରାଯାଇଛି। ଏହି ବୈଠକ ଗୁଡ଼ିକରେ ଜିଲ୍ଲା କମିଟିର କର୍ମକର୍ତ୍ତାମାନେ ଯୋଗଦେବାକୁ ତାଲିକା ପ୍ରସ୍ତୁତ ହୋଇଛି। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧ ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ନିଷ୍ପତି ଗୁଡ଼ିକ ଉପସ୍ଥାପନ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ଶଶାଙ୍କ ଦତ୍ତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ବିଜନ ଦେ, ଶତ୍ରୁଘ୍ନ ମଲ୍ଲିକ, ଅରୁଣ ଜେନା, ଯତୀନ୍ ପାତ୍ର, ନିରଞ୍ଜନ ପୋଥାଳ, ପୁରୁଷୋତ୍ତମ ଜେନା, ଗୋପିକିଶନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗତ କରିଥିଲେ। ଶେଷରେ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ଶାନ୍ତିଲତାଙ୍କୁ ସହାୟତାର ହାତ ବଢ଼ାଇଲା ବାରିକ ଭାଇ ସେବା ସଙ୍ଘ

**ବାଲେଶ୍ୱର,୫।୭(ସମିସ):** 'ମାନବ ସେବା ହିଁ ମାଧବ ସେବା'। ଏହାକୁ ପ୍ରମାଣିତ କରିଛନ୍ତି ବାଲେଶ୍ୱର ସୁଏଲପୁରସ୍ଥିତ ବାରିକ ଭାଇ ସେବା ସଂଘର କର୍ମକର୍ତ୍ତାମାନେ। ସେମାନେ କେବଳ ଯେ ନିଜ ବୃତ୍ତିରେ ସୀମିତ ହୋଇ ରହିଛନ୍ତି ତାହା ନୁହେଁ, ସମାଜସେବା କ୍ଷେତ୍ରରେ ନିଜକୁ କିଞ୍ଚିତ ରୂପେ ସାମିଲ କରିବା ସହ ଅନ୍ୟର ଦୁଃଖକୁ ଲାଘବକରି ଆତ୍ମସନ୍ତୋଷ ଲାଭ କରୁଛି ସଂଗଠନ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନରୁ ଗର୍ଭାଶୟ ଜନିତ ସମସ୍ୟାରେ ପୀଡ଼ିତ ରହି ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବାଲେଶ୍ୱର କ୍ଷୀରର୍କୋଣା ଅଞ୍ଚଳର ଶାନ୍ତିଲତା ବେଜଙ୍କୁ ଚିକତ୍ସାରେ ସହାୟ ହୋଇଛି ବାରିକ ଭାଇ ସେବା ସଂଘ।



ତାଙ୍କୁ ନଗଦ ଅର୍ଥରାଶି ୪ ହଜାର ଟଙ୍କା, ଫଳ, ବିସ୍କୁଟ, ହର୍ଲିକ୍ସ ଆଦି ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଂଘର ସଭାପତି ରମାକାନ୍ତ ବେଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ ବାରିକ, କୋଷାଧକ୍ଷ ଯୋଗେଶ୍ୱର ବାରିକ, ଉପଦେଷ୍ଟା କାଶୀନାଥ ବାରିକଙ୍କ ସମେତ ସଦସ୍ୟ ଶ୍ରୀଧର ବାରିକ, ମନୋରଞ୍ଜନ ବାରିକ, ରଞ୍ଜନ ବାରିକ, ସଞ୍ଜୟ କୁମାର ବାରିକ, ବଳରାମ ବାରିକ, ଜୟନ୍ତ ବାରିକ, ଶଙ୍କର ମାନ୍ନା, ମହେଶ୍ୱର ବେଜ, ଖଗେଶ୍ୱର ବାରିକ, ବୁଲୁ ବାରିକ, ମନୋଜ ବାରିକ, ରଞ୍ଜିତା ବେଜ, ଶୁଭଶ୍ରୀ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାଲେଶ୍ୱରରେ ଲଗାଣ ବର୍ଷା | ୨୪ ଘଣ୍ଟାରେ ୪୨.୬ ମିମି ରେକର୍ଡ

**ବାଲେଶ୍ୱର,୫।୭(ସମିସ):** ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ବାଲେଶ୍ୱର ଜିଲ୍ଲାରେ ମଧ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଛି। ଏଥିସହିତ ବାଲେଶ୍ୱର ସହରରେ ମଧ ଆଜି ଦିନ ତମାମ ବର୍ଷା ଲାଗିରହିଛି। ତୁହାକୁ ତୁହା ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ୮.୩୦ ସୁଦ୍ଧା ବାଲେଶ୍ୱରେ ୪୨.୬ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ଜିଲ୍ଲାରେ ତାତି ମଧ ହ୍ରାସ ପାଇଛି। ଆଜି ସର୍ବାଧିକ ତାପମାତ୍ରା ୩୦.୬ଓ ସେଲସିୟସ୍ ରହିଥିବା ବେଳେ ଏହା ସ୍ୱାଭାବିକ ଠାରୁ ୨.୧ଓ କମ୍। ସେହିପରି ସର୍ବନିମ୍ନ ତାପମାତ୍ରା ୨୫.୬ଓ ସେଲସିୟସ୍ ରହିଛି। ସକାଳ ୮.୩୦ ସୁଦ୍ଧା ବାୟୁରେ ଆର୍ଦ୍ରତାର ପରିମାଣ ୯୪ଧ ରହିଥିଲା। ଆଞ୍ଚଳିକ ପାଣିପାଗ କେନ୍ଦ୍ର



ପୂର୍ବାନୁମାନ କରିଛି ଯେ, ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଓଡିଶାରେ ହାଲୁକାରୁ ମଧମ ଧରଣର ବର୍ଷା ଜାରି ରହିବ। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ମଧ ରହିଛି। ଲଗାଣ ବର୍ଷା ଯୋଗୁଁ ନିମ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ। ତେଣୁ ସାଧାରଣ ଜନତାଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ କାମ ବିନା ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ମଧ ପନିପରିବା ଓ ଧାନ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାକୁ କୁହାଯାଇଛି।

# ବସ୍ତା ନିର୍ବାଚନମଣ୍ଡଳୀର ଏସ୍‌ଆଇଆର୍ ଡ୍ରାଫ୍ଟ ତାଲିକା ପ୍ରକାଶ

**କାଳିପଦା,୫।୭(ସମିସ):** ବାଲେଶ୍ୱର ଜିଲ୍ଲା ୩୭ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀ ବସ୍ତାର ସଘନ ପୁନଃ ସଂଶୋଧନ (ଏସ୍‌ଆଇ ଆର) ଡ୍ରାଫ୍ଟ ତାଲିକା ବାଲିଆପାଳ ବ୍ଲକ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକର ବୁଥ ନଂ ୨୧୨ ଚୌଧୁରୀକୁଦ ପ୍ରାଇମେରୀ ସ୍କୁଲକୁ ୩୭ ନମ୍ବର ବସ୍ତା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ



ପ୍ରିୟବ୍ରତ ଗିରି ପ୍ରମୁଖ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଲୋକଙ୍କ ସଚେତନତା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପରିଦର୍ଶନରେ ଯାଇଥିବା ଅଧିକାରୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏସ ଆଇ ଆର ଡ୍ରାଫ୍ଟ ତାଲିକାରେ ପ୍ରକାଶ ପାଇଥିବା ପଞ୍ଜିକରଣ ତଥ୍ୟରେ ଭୁଲ ଥିଲେ ଏହା ଆଜି ଠାରୁ ଏକମାସ ଅର୍ଥାତ ଅଗଷ୍ଟ ୪ତାରିଖ ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରି ପାରିବେ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏଲଓ ସୁପର ଭାଇଜର ଅଶୋକ କୁମାର ଗିରିଙ୍କ ସହିତ ୨୧୨ ନମ୍ବର୍ ବୁଥ୍‌ର ବିଏଲଓ ଏବଂ ଏସ ଆଇ ଆର କାର୍ଯ୍ୟରେ ଲାଗିଥିବା ଅନ୍ୟ ପଦାଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ବର୍ଷାରେ ଛତା ବଣ୍ଟନ

**ବାଲେଶ୍ୱର,୫।୭(ସମିସ):** ବର୍ଷାରେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଛତା ବଣ୍ଟନ କରାଯାଇଛି। ରବିବାର ଦ୍ୱିପ୍ରହରରେ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଦୁଇ କୁନି ପୁଅ ଲିପୁନ, ଜିତୁନଙ୍କ ସହାୟତାରେ ୪୦ ଜଣ ନିରାଶ୍ରୟଙ୍କୁ ଛତା ବଣ୍ଟନ କରାଯାଇଥିଲା। ଷ୍ଟେସନ ବଜାର କାଳୀ ମନ୍ଦିର ନିକଟରେ ଥିବା ଦୋକାନୀ ପବିତ୍ର ଦେବନାଥ ଛତା ଗୁଡ଼ିକ ଦାନ କରିଥିବା ବେଳେ ପ୍ରତିଦିନ ଭଳି ସଂଗଠନ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରଦାନ ହୋଇଥିଲା।

# ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶିତ

**ବାଲେଶ୍ୱର,୫।୭(ସମିସ):** ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ଆଜି ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏହି ଚିଠା ଭୋଟର ତାଲିକା ଉନ୍ମୋଚିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଭୋଟର ତାଲିକାର କପି ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଚିଠା ଭୋଟର ତାଲିକାରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି। ବିଗତ ଦିନରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦିଆଯାଇ ଏହି ଚିଠା ତାଲିକା ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ଆଜିଠାରୁ ଏହି ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କାହାର ନାମ, ବୟସ, ଠିକଣା ବା ଫଟୋରେ କିଛି ତ୍ରୁଟି ରହିଛି, ତେବେ ସେମାନେ ସଂଶୋଧନ ପାଇଁ ଆବେଦନ କରିପାରିବେ। ଆଗାମୀ ଏକ ମାସ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ



**ବାଲେଶ୍ୱର,୫।୭(ସମିସ):** ସହରର ଆତିଥ୍ୟ ସଭାଗୃହରେ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଭାରତ ସ୍ୱାଭିମାନ ଟ୍ରଷ୍ଟର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗର ଉପକାରିତା ଉପରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କମରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ସାଧନା ଦାସ, ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ, ମହିଳା ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଯଶମତି ଶିଅଳ, ଜିଲ୍ଲା କିଷାନ ପ୍ରଭାରୀ ଅକ୍ଷୟ କୁମାର ସାହୁ, ସୋସିଆଲ ମିଡିଆ ପ୍ରଭାରୀ ଗୋପ ଗୋବିନ୍ଦ ମଲ୍ଲିକ ଓ ମିଡିଆ ପ୍ରଭାରୀ ଯାମିନିକାନ୍ତ ପାତ୍ରପ୍ରମୁଖ ଯୋଗଦେଇ ଯୋଗ ସମ୍ବନ୍ଧିୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଗୋସେବା ସମିତିର ପ୍ରଶିକ୍ଷଣବର୍ଗ

**ଖଇରା,୫।୭(ସମିସ):** ଓଡ଼ିଶା ଗୋସେବା ସମିତି ପକ୍ଷରୁ ପ୍ରଶିକ୍ଷଣ ବର୍ଗ ଶନିବାର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ପତିରାଜପୁର ମିଳନ ପଡ଼ିଆସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱହିନ୍ଦୁ ପରିଷଦର ଖଇରା ପ୍ରଖଣ୍ଡ ସଭାପତି ବାସୁଦେବ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୁଳମଣି ଯୋଗଦାନ କରି ଗୋମାତାର ମହିମା, ଜୈବ କୃଷି, ଗୋ ଆଧାରିତ ଔଷଧ, ରାସାୟନିକ ସାର ପ୍ରତ୍ୟାହାର କରିବା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କୃଷ୍ଣଚନ୍ଦ୍ର ଜେନା, ଶିବପ୍ରସାଦ ବଳ, ବିଶ୍ୱନାଥ ସେଣ୍ଠି, ପ୍ରଭାତ ଦାସ, ଭଗବାନ ଜେନା, ବଜରଙ୍ଗ



ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳ କ୍ରିୟାଯୋଗ ଆଶ୍ରମର ସନ୍ଥ କୃଷ୍ଣାନନ୍ଦ, ନିର୍ମଳାନନ୍ଦ, ସତସ୍ୱରୂପାନନ୍ଦ ତଥା ଡଃ ଦଳ ସଂଯୋଜକ ବାପି ନାୟକ, ଦମୟନ୍ତୀ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କ ସମେତ ୫୦ ଶିବିରାର୍ଥ ଯୋଗଦାନ କରିଥିଲେ।

# ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ କରିବେ ସୀତାପୁର ଗ୍ରାମବାସୀ

**ଖଇରା,୫।୭(ସମିସ)**

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଡ଼ା ପଞ୍ଚାୟତ ଅଧୀନ ସୀତାପୁର ଗାଁର ୩୦ ପରିବାର ପାଇଁ ଦୁଃଖ ବଢ଼ିଯାଇଛି। ଗ୍ରାମକୁ ଥିବା ରାସ୍ତାର ଅବସ୍ଥାରେ କିଛି ପରବର୍ତ୍ତନ ହେଉନି। ପାଣି କାଦୁଅରେ ଭର୍ତ୍ତି ଏହି ୧.୫କିମି ରାସ୍ତାରେ ଗାଡ଼ି ତ ଦୂର କଥା, ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ଦୀପତଳ ଅନ୍ଧାର ଭଳି ଜୀବନ ଅତିବାହିତ କରୁଥିବା ଏହି ପରିବାର ପାଇଁ ଯାତାୟାତ ଉପଯୋଗୀ ରାସ୍ତାଟିଏ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଭାସ୍କର ଚନ୍ଦ୍ର ଜେନା, ପ୍ରଭାକର ଜେନା, ରତ୍ନାକର ଜେନା, ଭାସ୍କର ଗିରି, ଯଶୋଦା ପ୍ରଧାନ, ବାସନ୍ତୀ ଜେନା, ସୁଶାନ୍ତ ଜେନା, ସରୋଜ ଜେନା, ରାଜେଶ ଗିରି ଓ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଦାବି କରିଛନ୍ତି।

ଦୀର୍ଘଦିନଧରି ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭାଗ୍ୟକୁ ଆଦରି କଚ୍ଚା ରାସ୍ତାରେ ଯିବା ଆସିବା କରୁଛନ୍ତି। କଂଗ୍ରେସ ଶାସନ ସମୟରୁ ଗ୍ରାମବାସୀ ବିଭିନ୍ନ ସମୟରେ ରହୁଥିବା ନେତୃବୃନ୍ଦକୁ ଭଲ ରାସ୍ତା ଖଣ୍ଡିଏ ପାଇଁ ଗୁହାରି କରି ଆସୁଛନ୍ତି। ହେଲେ ନିର୍ବାଚନ ପୂର୍ବରୁ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରିବା ପରେ ରାସ୍ତା କଥା ଭୁଲିଯାଉଛନ୍ତି। କଂଗ୍ରେସ ପରେ ବିଜେଡି ଶାସନ ପରେ ଏବେ



ବିଜେପିର ୨ବର୍ଷ ଅତିକ୍ରମ କରିସାରିଥିବା ବେଳେ ରାସ୍ତାର ନାଁଗନ୍ଧ ଧରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷା ପରେ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇ ଯାଉଥିବାରୁ ଗାଁଲୋକେ ନିଜର ସାଇକଲ ଓ ବାଇକ୍‌କୁ ମୁଖ୍ୟରାସ୍ତା ସଂଲଗ୍ନ ଘରେ ରଖି ଘରକୁ ଚାଲି ଚାଲି ଯିବାକୁ ବାଧ ହୋଇଥାନ୍ତି। ଯଦି ବର୍ତ୍ତମାନ ମରାମତି ସହ ଚଳିତ ଆର୍ଥିକ ବର୍ଷରେ ରାସ୍ତାପ୍ରତି ଦୃଷ୍ଟି ଦିଆନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବକ

**ଲଙ୍ଗଳେଶ୍ୱର,୫।୬(ସମିସ):** ଅସ୍ତି ଗ୍ରାମପଞ୍ଚାୟତ ବଡ଼ାପାଳ ଗାଁର ଯୁବନେତା ରୂପକ କୁମାର ପାତ୍ର ତାଙ୍କ ଜନ୍ମଦିନ ଅବସରରେ କେକ୍ ନ କାଟି ଇଡ୍‌କୋ ହସ୍ପିଟାଲରେ ୨୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଡଗରାସ୍ଥିତ



ମଦର ଟେରେସା ଅନ୍ଧ ମୂକ ବଧିର ବିଦ୍ୟାଳୟରେ ମଧ ସମସ୍ତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ କରି ଜନ୍ମଦିନ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁଶାନ୍ତ ବେହେରା, ବିନୋଦ ବିହାରୀ ପଣ୍ଡା, ମାନସ ଜେନା, ନିଗମ କୃଷ୍ଣ ଜେନା ଯୋଗଦେଇଥିଲେ। ଏଥିପାଇଁ ତାଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଘରେ ପଶିଲା ପାଣି; ୭ ପରିବାର ଜଳବନ୍ଦୀ



ବାରିକପୁର,୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଲଘୁଚାପ କାରଣରୁ ଗତ ୨ଦିନ ଧରି ବର୍ଷା ଲାଗି ରହିଛି। ବ୍ଲକ୍‌ର ଖାଲୁଆ ସ୍ଥାନଗୁଡ଼ିକରେ ବର୍ଷା ଜଳ ଜମିଥିବାବେଳେ ଆଉ କେତେକ ସ୍ଥାନରେ ଜଳବନ୍ଦୀ ଅବସ୍ଥା ଦେଖାଯାଇଛି। ସୂଚନା ମୁତାବକ, ନେରଡା ଭାରତୀ ସାହିଠାରେ ପ୍ରାୟ ୭ଟି ପରିବାର ଜଳ ଘେରରେ ରହିଛନ୍ତି। ଶନିବାର ରାତିଠାରୁ ବର୍ଷା ଲାଗି ରହିଥିବାବେଳେ ରବିବାର ସକାଳୁ ସକାଳୁ ଜନବସତି ଚତୁଃପାର୍ଶ୍ୱରେ ବର୍ଷା ପାଣି ଘେରିଯାଇଛି। ପରିବାରବର୍ଗ ଏଥିପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ଗ୍ରାମର ୨ ନମ୍ବର ୱାର୍ଡ ବାସିନ୍ଦା ତପନ ଜେନାଙ୍କ ବାସଗୃହରେ ମଧ୍ୟ ବର୍ଷା ଜଳ ପ୍ରବେଶ କରିଛି। ଏଥିପାଇଁ ଚାରି ପ୍ରାଣୀ କୁଟୁମ୍ବ ଦହଗଞ୍ଜ ହୋଇଛନ୍ତି। ଆହୁରି ୨ଦିନ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ଏଥିପାଇଁ ଅନେକ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଇଛି।

## ଲଗାଣ ବର୍ଷାରେ ଉବୁଟୁବୁ ଚାନ୍ଦବାଲି



ଭଦ୍ରକ,୫।୭(ସମିସ): ଲଘୁଚାପ ବର୍ଷାରେ ଉବୁଟୁବୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ସହର। ବିଶେଷକରି ଚାନ୍ଦବାଲି ଏନ୍‌ଏସି ୫ନମ୍ବର ୱାର୍ଡ ଅଧିକ ପ୍ରଭାବିତ ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ନିଷ୍କାସିତ ହୋଇପାରୁନି ବର୍ଷା ଜଳ। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାନ୍ଦବାଲିବାସୀ। ଲଘୁଚାପ ଜନିତ ବର୍ଷା ଯୋଗୁଁ ଲଗାତାର ୩ଦିନ ହେବ ଚାନ୍ଦବାଲି ଅଞ୍ଚଳରେ ଲାଗି ରହିଛି ବର୍ଷା। ଏହି ଲଗାଣ ବର୍ଷା ଯୋଗୁଁ ଚାନ୍ଦବାଲି ଏନ୍‌ଏସିରେ ଥିବା ଚାନ୍ଦବାଲି ସହର ଓ ତା'ର ଆଖପାଖ ଅଞ୍ଚଳରେ ଜମି ରହିଛି ପାଣି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ଏଠାରେ ଥିବା ଡାକ୍ତରଖାନା, ତହସିଲ୍ ଅଫିସ, ବ୍ଲକ୍ ଅଫିସ, ଆହାର କେନ୍ଦ୍ର, ରାସ୍ତାଘାଟ ଆଦି ବିଭିନ୍ନ ସ୍ଥାନରେ ବହୁଳ ପରିମାଣରେ ପାଣି ଜମି ରହିଛି। ଫଳରେ ସାଧାରଣ ଲୋକ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଅମୂଲ୍ୟ ରାଉତ, ପ୍ରଫୁଲ୍ଲ ଦାସ ଓ ବିଦ୍ୟାଧର ନାୟକ ପ୍ରମୁଖ ଦାବି କରିଛନ୍ତି।

● ଲଗାଣ ବର୍ଷାରେ ଘରେ ପଶିଲା ପାଣି

## ୩ ଦିନ ଉପବାସରେ ପରିବାର



ଆରଡ଼ି,୫।୭(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ସୁନ୍ଦରପୁର ପଞ୍ଚାୟତସ୍ଥିତ ଦୋହରାପାଟଣା ଗାଁର ଉମାକାନ୍ତ ବାରିକ (୫୫)ଙ୍କ ପରିବାର ଲଗାଣ ବର୍ଷା ଯୋଗୁଁ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଛନ୍ତି। ଗତ ୩ ଦିନ ଧରି ହୋଇଥିବା ଅବିରତ ବର୍ଷାରେ କଚ୍ଚା ଘର ଭିତରକୁ ପାଣି ପଶିଯାଇଥିବାରୁ ପରିବାର ସଦସ୍ୟଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଘରେ ଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପାଣିରେ ନଷ୍ଟ ହୋଇଯାଇଥିବାରୁ ଉମାକାନ୍ତ, ସ୍ତ୍ରୀ କନକଲତା ଓ ପୁଅ ଚନ୍ଦନ ଗତ ୩ ଦିନ ଧରି ପ୍ରାୟ ଉପବାସରେ ଦିନ କାଟୁଥିବା କହିଛନ୍ତି। ଉମାକାନ୍ତ କ୍ଷୀର ବିକି ପରିବାର ପ୍ରତିପୋଷଣ କରୁଥିବାବେଳେ ଗୁହାଳେ ମଧ୍ୟ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଗାଈଗୋରୁ ପାଣିରେ ଛିଡ଼ା ହୋଇଛନ୍ତି। ଏଥିସହିତ ଚୁଲିରେ ପାଣି ପଶିଯିବାରୁ ରୋଷେଇ ହୋଇପାରୁନି। ଘରର ଆସବାବପତ୍ର, ପୋଷାକ ଏବଂ ଜରୁରୀ କାଗଜପତ୍ର ମଧ୍ୟ ପାଣିରେ ନଷ୍ଟ ହୋଇଯାଇଥିବାରୁ ପରିବାରର ଦୁଃଖ ଆହୁରି ବଢ଼ିଯାଇଛି। ତୁରନ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ, ପାଲ ଓ ଆର୍ଥିକ ସହାୟତା ଯୋଗାଇଦେବା ସହିତ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଉକ୍ତ ପରିବାରକୁ ଆବଶ୍ୟକ ରିଲିଫ୍ ଓ ଆବାସ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବର୍ଷା ପାଣିରେ ବୁଡ଼ିଲା ବସନ୍ତିଆ ବଜାର

# ଯାତାୟାତ ଠପ୍; ଜନଜୀବନ ବେହାଲ

ବନ୍ତ/ଆଗରପଡ଼ା,୫।୭(ସମିସ):



ରାଜ୍ୟରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ବସନ୍ତିଆ ନିକଟରେ ଏବେ ଏକ ବଡ଼ ସମସ୍ୟା ଦେଖାଦେଇଛି। ଗତ କିଛି ଦିନ ଧରି କ୍ରମାଗତ ଭାବେ ହେଉଥିବା ପ୍ରବଳ ବର୍ଷା ଯୋଗୁଁ ଏହି ମୁଖ୍ୟ ରାଜପଥ ଉପରେ ପ୍ରାୟ ୨ ଫୁଟ୍‌ର ବର୍ଷା ପାଣି ଜମି ରହିଛି, ଯାହା ଏକ କୃତ୍ରିମ ବନ୍ୟାର ସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହାଫଳରେ ସବୁ ବର୍ଷା ଜଳ ଆସି ରାଜପଥ ଉପରେ ଲହଡ଼ି ମାରୁଛି। ଏହି ଜଳବନ୍ଦୀ ସ୍ଥିତି ଯୋଗୁଁ ସ୍ଥାନୀୟ ବସନ୍ତିଆ ବଜାରର ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଆଖପାଖ ଅଞ୍ଚଳର କୌଣସି ଲୋକ ବଜାରକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବାକୁ ଆସିପାରୁନାହାନ୍ତି। ଗ୍ରାହକ ନ ଥିବାରୁ ବ୍ୟବସାୟୀମାନେ ଦୋକାନ ଖୋଲି ମଧ୍ୟ ନିରାଶ ହୋଇ ବସି ରହିଛନ୍ତି। ସେହିପରି ଦୈନନ୍ଦିନ କାମ ପାଇଁ ବାହାରକୁ ବାହାରୁଥିବା ସାଧାରଣ ଲୋକ ଏବଂ ପଥଚାରୀମାନେ ଏହି ଅଳିଆ ଓ ଦୂଷିତ ପାଣି ଭିତରେ ଚାଲିଚାଲି ଯିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ପାଣି ଯୋଗୁଁ ରାସ୍ତାର ଖାଲଖମା ଜଣାପଡୁ ନ ଥିବାରୁ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ, ଏହି ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବସ୍ ଏବଂ ବଡ଼ ବଡ଼ ଟ୍ରକ୍‌ଗୁଡ଼ିକ କୌଣସିମତେ ବିପଦପୂର୍ଣ୍ଣ ଭାବେ ଧୀରେ ଧୀରେ ପାଣି ପାର୍ ହେଉଥିବାବେଳେ ମୋଟରସାଇକଲ୍ ଏବଂ ଅଟୋ ଭଳି ଛୋଟ ଗାଡ଼ିଗୁଡ଼ିକ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଅନେକ ଗାଡ଼ିର ସାଇଲେନ୍ସର ଓ ଇଞ୍ଜିନ୍‌ରେ ପାଣି ପଶିଯାଉଥିବାରୁ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଅଚଳ ହୋଇ ପଡୁଛି। ଏଭଳି ସ୍ଥିତି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଡ୍ରେନ୍ ସଫା କରିବା ସହ ରାଜପଥରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର କରୁ ବୋଲି ସ୍ଥାନୀୟ ବାସିନ୍ଦା ଓ ପଥଚାରୀମାନେ ଦାବି କରିଛନ୍ତି।

## ଚାରିଘରିଆବାସୀଙ୍କୁ କନ୍ଦାଉଛି ବର୍ଷାଦିନ



ବନ୍ତ/ଆଗରପଡ଼ା,୫।୭(ସମିସ): ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇପାରୁ ନ ଥିବାରୁ ଅସରାଏ ବର୍ଷା ହେଲେ ଗ୍ରାମବାସୀ ଜଳବନ୍ଦୀରେ ରହିଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପୂରା ଠପ୍ ହୋଇଯାଉଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ୧୨ନଂ ୱାର୍ଡର ଚାରିଘରିଆଠାରେ। ଉକ୍ତ ଗାଁର ଲୋକ ସଂଖ୍ୟା ପାଖାପାଖି ୪୫୦। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ମେଡିକାଲ (ଆଗରପଡ଼ା) ଛକଠାରୁ ଏକ ରାସ୍ତା ଉକ୍ତ ଗାଁକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ମୁଣ୍ଡଲୀ, ରଇଁତରା, ପୁରୁଷଣ୍ଡ ଆଦି ଗ୍ରାମକୁ ମଧ୍ୟ ସଂଯୋଗ କରୁଛି। ଏପରିସ୍ଥଳେ ଉକ୍ତ ଗ୍ରାମରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଉ ନ ଥିବାରୁ ଗାଁ ମଝିରେ ଥିବା ପୋଖରୀ ବର୍ଷା ଜଳରେ ପୂରିଯିବା ମାତ୍ରେ ଗ୍ରାମବାସୀମାନେ ଜଳବନ୍ଦୀ ହୋଇଯାଉଛନ୍ତି। ବଜାରକୁ ଆସିବା ପୂରା ବନ୍ଦ ହୋଇଯିବା ସହ ଉକ୍ତ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଅଚଳ ହୋଇପଡୁଛି। ପିଲାମାନେ କଲେଜ ଓ ସ୍କୁଲକୁ ମଧ୍ୟ ଶିକ୍ଷା ଲାଭ ପାଇଁ ଆସିପାରୁ ନାହାନ୍ତି। ଅନ୍ୟ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷା ଜଳ ଏହିପରି ନାନାଦି ସମସ୍ୟା ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରୁଥିବାରୁ ବର୍ଷା ଆସିଲେ ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଯାଉଛି।


ବିଡ଼ମ୍ବନାର ବିଷୟ ଜଳ ନିଷ୍କାସନ ପାଇଁ ୨୦୨୪ରେ ବିଭାଗ ତରଫରୁ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ସୁଦ୍ଧା ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଡ୍ରେନ୍‌ର ପାଣି ମୁଖ୍ୟ ଡ୍ରେନ୍‌ରେ ପଡ଼ିବା ପରିବର୍ତ୍ତେ ମୁଖ୍ୟ ଡ୍ରେନ୍ ପାଣି ଉକ୍ତ ଡ୍ରେନ୍‌ରେ ଫେରିଆସି ଗାଁ ଭିତରକୁ ପଶୁଥିବାର ଜଣାପଡ଼ିବା ପରେ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ମଧ୍ୟ ପ୍ରକାଶ ପାଇଥିଲା। କିନ୍ତୁ ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମବାସୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟ ଗାଁର ଚାରିପାଖରେ ବର୍ଷାଜଳ ଘେରି ରହିଛି। ତେଣୁ ଏହା ଜମି ରହିବା ଦ୍ୱାରା ଡେଙ୍ଗୁକୁ ମଧ୍ୟ ଆମନ୍ତ୍ରଣ କରୁଛି। ତେଣୁ କିଛି ବଡ଼ ଅଘଟଣ ଘଟିବା ଆଗରୁ ଉକ୍ତ ଗାଁରେ ଜମି ରହୁଥିବା ବର୍ଷା ଜଳର ନିଷ୍କାସନ ପାଇଁ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡ୍ରେନେଜ୍ ବିଭାଗର ଖାମଖିଆଲି କାର୍ଯ୍ୟ; ଲୋକେ ହନ୍ତସନ୍ତ



ବାରିକପୁର,୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବୋଧପଡ଼ା ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଯାତାୟାତ ଜନିତ ସମସ୍ୟାରେ ପେଷି ହେଉଛନ୍ତି। ବିଶେଷ କରି ବର୍ଷା ଦିନେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଉଛି। ଏବେ ସୁଦ୍ଧା ଗ୍ରାମକୁ ଭଲ ପକ୍କା ରାସ୍ତା ଖଣ୍ଡିଏ ନ ଥିବାବେଳେ ଗାଁ ମୁଣ୍ଡ କଣ୍ଟି ଡ୍ରେନେଜ୍ ନାଳ ଉପରେ ଭଗ୍ନ ପାଦଚଲା ପୋଲଟି ଉପରେ ଲୋକମାନେ ଦୀର୍ଘ ଦିନ ଧରି ଯାତାୟାତ କରୁଥିଲେ। ବହୁ ଆପତ୍ତି ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଚଳିତ ବର୍ଷ ଡ୍ରେନେଜ୍ ବିଭାଗ ନାଳ ଉପରେ କ୍ଷୁଦ୍ର ସେତୁଟିଏ ନିର୍ମାଣ କରିଛି। ପୂର୍ବ ଭଳି ରାସ୍ତା ଯନ୍ତ୍ରଣା ଜାରି ରହିଥିବାବେଳେ ଏହା ସହିତ ସେତୁ ନିର୍ମାଣ ପରବର୍ତ୍ତୀ ଦୁଃଖ ଗାଁ ଲୋକଙ୍କୁ ବଳିଯାଇଛି। ଡ୍ରେନେଜ୍ ବିଭାଗ ସେତୁ ନିର୍ମାଣ ପରେ ୨ ପାର୍ଶ୍ୱରେ ଥିବା ସହଯୋଗୀ ରାସ୍ତାକୁ ସମ୍ପୂର୍ଣ୍ଣ ନିର୍ମାଣ କରିନାହିଁ। କେବଳ ମାଟି ମୁଠାଏ ପକାଇ ଦେଇ ବିଭାଗ ଓ ଠିକାଦାର କାର୍ଯ୍ୟକ୍ଷେତ୍ରରୁ ଅପସାରିତ ହୋଇଥିବା ମନେ ହେଉଛି। ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀମାନେ ଗାଁରୁ ସାଇକେଲ କିମ୍ବା ବାଇକ୍ ଯୋଗେ ବାହାରକୁ ଆସିବା କଷ୍ଟକର ହେଉଛି। ପୋଲ ଦୁଇ ମୁଣ୍ଡ ପାଣି କାଦୁଅରେ ଜର୍ଜରିତ ହୋଇଥିବାବେଳେ ଜରୁରୀ ଯାନ ଗାଁକୁ ଯିବା ସମ୍ଭବ ହେଉନାହିଁ। ନବନିର୍ମିତ ସେତୁ ଦୁଇ ପାର୍ଶ୍ୱରେ ମୋରମ୍ ସହିତ ବାଲି ଓ ଡଷ୍ଟ ପକାଇବାକୁ ଗ୍ରାମବାସୀ ବାରମ୍ବାର କହୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଅତି ଖାମଖିଆଲି ମନୋଭାବ ନେଇ ବିଭାଗ କାର୍ଯ୍ୟ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏପଟେ ସମ୍ପ୍ରତି ଲଗାଣ ବର୍ଷା ଯୋଗୁଁ ଲୋକଙ୍କ ଯାତାୟାତ ଯନ୍ତ୍ରଣା ଆହୁରି ବଢ଼ିଯାଇଛି। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି।

## ବର୍ଷା ପାଣିରେ ଚାଲିଛି ରୋଗୀଙ୍କ ଚିକିତ୍ସା



ଭଦ୍ରକ,୫।୭(ସମିସ): ରୋଗୀଙ୍କ ଶେଯ ତଳେ ଲହଡ଼ି ମାରୁଛି ବର୍ଷା ପାଣି। ଆଉ ସେହି ବର୍ଷା ପାଣିରେ ଚାଲିଛି ରୋଗୀଙ୍କ ଚିକିତ୍ସା। ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ସୂଚନାଯୋଗ୍ୟ, କୋଟି କୋଟି ଟଙ୍କାରେ ନିର୍ମିତ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୫ମ ମହଲା ନିର୍ମାଣ ଚାଲିଛି। ମାତ୍ର ଠିକାଦାରଙ୍କ ମନମାନୀ ଯୋଗୁଁ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନି ସିଡ଼ି ଘର। ଫଳରେ ଉକ୍ତ ରାସ୍ତା ଦେଇ ପାଣି ସବୁ ମହଲାରେ ପ୍ରବେଶ କରୁଛି। ଯାହା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ରୋଗୀ ହୁଅନ୍ତୁ ବା ରୋଗୀଙ୍କ ସମ୍ପର୍କୀୟ ବା ଡାକ୍ତର କେହି ପାଣିରେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଚାନ୍ଦବାଲିବାସୀ ଦାବି କରିଛନ୍ତି।

## ଭଣ୍ଡାରିପୋଖରୀରେ ସର୍ବାଧିକ ୧୧୦ ମି.ମି. ବର୍ଷା

ଭଦ୍ରକ,୫।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟ ସୁଦୃଢ଼ ଲଘୁଚାପର ପ୍ରଭାବରେ ଗତ ୨ ଦିନ ହେବ ଭଦ୍ରକ ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ଭାରି ବର୍ଷା ସମ୍ଭାବନା ନେଇ ସତର୍କତା ଜାରି ରହିଥିବାବେଳେ ଭଦ୍ରକ ଜିଲ୍ଲା ମଧ୍ୟ ଅରେଞ୍ଜ ସତର୍କତା ଅଧୀନରେ ରହିଛି। ରବିବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାର ଭଣ୍ଡାରିପୋଖରୀ ବ୍ଲକ୍‌ରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଚାନ୍ଦବାଲିରେ ୭୬ ମି.ମି., ଧାମନଗରରେ ୪୬ ମି.ମି., ତିହିଡ଼ିରେ ୪୫ ମି.ମି., ଭଦ୍ରକରେ ୪୨.୨ ମି.ମି., ବାସୁଦେବପୁରରେ ୨୪ ମି.ମି. ଏବଂ ବନ୍ତରେ ୧୩ ମି.ମି. ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ନିମ୍ନାଞ୍ଚଳରେ ଜଳ ଜମି ରହିବା ସହ ନଦୀ ଜଳସ୍ତର ବୃଦ୍ଧି ଉପରେ ପ୍ରଶାସନ ସତର୍କ ନଜର ରଖିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିବା ବେଳେ ଲୋକମାନଙ୍କୁ ଅନାବଶ୍ୟକ ଘରୁ ବାହାରକୁ ନ ଯିବା ଏବଂ ପ୍ରଶାସନର ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି।

## ଗୋଟିଏ ରାତିରେ ଚାରିଆଡ଼େ ଜଳମଗ୍ନ



ବାରିକପୁର,୫।୭(ସମିସ): ଲଘୁଚାପ ଜନିତ ଗୋଟିଏ ରାତି ବର୍ଷାରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ସବୁଠି ଜଳମଗ୍ନ ସୃଷ୍ଟି ହୋଇଛି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦୁଇ ଦିନ ଧରି ଝିପିଝିପି ବର୍ଷା ଓ କୋହଲା ପାଗ ଲାଗି ରହିଥିବାବେଳେ ଗତ ଶନିବାର ରାତିରେ ବର୍ଷା ପରିମାଣ ବୃଦ୍ଧି ହୋଇଥିଲା। ରାତି ପାହିଲା ବେଳକୁ ସବୁଆଡ଼େ ଜଳପୂର୍ଣ୍ଣ ହୋଇଥିଲା। ମଞ୍ଜୁରୀରୋଡ୍‌ଠାରୁ ବିଷ୍ଣୁପୁର ଓ ମାଳଦାଠାରୁ ଆଖୁଆପଦା ସବୁଆଡ଼େ ବିଲବାଡ଼ି ପାଣିରେ ବୁଡ଼ିଯାଇଥିଲା। କେତେକ ସ୍ଥାନରେ ଜଳ ନିଷ୍କାସନ ଜନିତ ସମସ୍ୟା ଦେଖାଦେଇଛି। ବିଶେଷ କରି ଲଗାଣ ବର୍ଷା ଯୋଗୁଁ ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ନିକଟବର୍ତ୍ତୀ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାଛଡ଼ା ନେରଡ଼ା, ସରସଦା, ନପଙ୍ଗ, ବନସ୍ତା, ମାଳଦା, କୁମ୍ଭାରିଆ, ତୁଳସୀପୁର ପ୍ରମୁଖ ସ୍ଥାନରେ ମଧ୍ୟ ସମସ୍ୟା ଦେଖାଦେଇଛି। ଅନେକ ସ୍ଥାନରେ ଶୁଖିଲା ଧାନ ତଳି ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ କେତେକ ଗ୍ରାମ୍ୟ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଡ୍ରେନେଜ୍ ନାଳଗୁଡ଼ିକ ଜଳ ପୂର୍ଣ୍ଣ ହୋଇଥିବା ବେଳେ କେତେକ ଜାଗାରେ ନାଳ ପୁନରୁଦ୍ଧାର ନ ହେବା କାରଣରୁ ଜଳ ନିଷ୍କାସନରେ ଏହା ଘୋର୍ ଅସୁବିଧା ସୃଷ୍ଟି କରୁଛି। ଯଦି ବର୍ଷା ପରିମାଣ ବଢ଼ିବ ତାହେଲେ ଆହୁରି ଉତ୍କଟ ଡ୍ରେନେଜ୍ ସମସ୍ୟା ସୃଷ୍ଟି ହେବ ବୋଲି କୁହାଯାଉଛି। ଜଳ ନିଷ୍କାସନ ସମସ୍ୟା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମରଣଯନ୍ତା ପାଲଟିଛି ତିହିଡ଼ି ତହସିଲ୍ ରାସ୍ତା



ଦୋଳସାହି,୫।୭(ସମିସ): ସଦର ମହକୁମା ତିହିଡ଼ିରେ ତହସିଲ କାର୍ଯ୍ୟାଳୟକୁ ଯିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଭଦ୍ରକ-ଚାନ୍ଦବାଲି ରାଜପଥକୁ ସଂଯୋଗ କରିଥିବା ପୂର୍ତ୍ତ ବିଭାଗ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲାବେଳେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଥିବା ଦେଖିବାକୁ ମିଳୁଥିବାବେଳେ ଯାତାୟାତ କରିବା କଷ୍ଟକର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ରାସ୍ତା ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ବିକାଶ ଖୋଜୁଛି ଜୟସିଙ୍ଗପୁର; ମିଳିଲାନି ସ୍ଥାୟୀ ରାସ୍ତା

ବନ୍ତ/ଆଗରପଡ଼ା,୫।୭(ସମିସ)



ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଗାଁର ବିକାଶ କରିବାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଓ ଜନନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସ୍ୱାଧୀନତାର ବହୁ ବର୍ଷ ପରେ ବି ଜିଲ୍ଲାର ଅନେକ ଗାଁରେ ବିକାଶ ତ ଦୂରର କଥା ମୌଳିକ ସୁବିଧା ମଧ୍ୟ ଅପହଞ୍ଚ ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଜୟସିଙ୍ଗପୁର ଗାଁରେ। ଏଠି ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସବୁ ବ୍ୟବସ୍ଥା ଲୋକଙ୍କ ପାଇଁ ପାଲଟିଛି ସାତ ସପନ।

ଏକ ଛୋଟିଆ ଗାଁ ଜୟସିଙ୍ଗପୁର; ଯାହାର ଲୋକସଂଖ୍ୟା ପାଖାପାଖି ୩୦୦। ମାତ୍ର ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତାର କାଦବରାଙ୍ଗଠାରୁ ରାଉତରାଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ଏହି ଗାଁ ରାସ୍ତାଟି ସଂଯୋଗ କରୁଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଥିବା ରାସ୍ତାଠାରୁ ଲମ୍ବିଥିବା ମାଟି ରାସ୍ତାରେ ପ୍ରାୟ ୨ କିଲୋମିଟର ଗଲାପରେ ଏହି ଗାଁ ପଡ଼େ। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ବର୍ଷା ଦିନ ଚାଲୁଥିବାରୁ ଅସରାଏ ବର୍ଷାରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଚାଲି ଯିବା ମଧ୍ୟ ବିପଦସଙ୍କୁଳ ପାଲଟିଛି। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବପର ହୋଇପାରୁନାହିଁ। ଚାଷଜମି ମଧ୍ୟରେ ୨/୩ ଫୁଟ୍‌ର ଲମ୍ବ ଥିବା ଏହି ମାଟି ରାସ୍ତାଟି ଖାଲ ଢିପରେ ପରିପୂର୍ଣ୍ଣ। ସନ୍ଧ୍ୟା ପରେ ଯିବା ଅର୍ଥ ବିପଦକୁ ଡାକି ଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯାତାୟାତ କରୁଛନ୍ତି। ଏହି ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ସ୍କୁଲ ତଥା କଲେଜକୁ ଏହି ରାସ୍ତା ଦେଇ ପ୍ରତିଦିନ ପାଠ ପଢ଼ିବା ପାଇଁ ମଧ୍ୟ ଆସୁଛନ୍ତି। ବର୍ତ୍ତମାନ ବର୍ଷା ଋତୁରେ ଏହି ଗାଁ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏହି ଗାଁର ରୋଗୀଙ୍କୁ ଖଟିଆରେ ବୁହା ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯିବାର ନଜିର ମଧ୍ୟ ରହିଛି। ସେହିପରି ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ, ଏହି ଗାଁର ପ୍ରାୟ ୨ କିଲୋମିଟର ଦୂରରେ ରହିଥା'ନ୍ତି। ଏହିପରି ଅସମ୍ଭବ ପରିସ୍ଥିତିମାନ ଏହି ଗାଁ ଲୋକେ ସମ୍ମୁଖୀନ ହେଉଛନ୍ତି। ନେତାମାନେ ପ୍ରତିଶ୍ରୁତିମାନ ଗମନାଗମନ ସମସ୍ୟାର ସମାଧାନ ପାଇଁ ଦେଇଥିଲେ ସୁଦ୍ଧା ତାହା ଆଜିଯାଏ କେବଳ ପ୍ରତିଶ୍ରୁତିରେ ହିଁ ରହିଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ସବୁ ଗାଁ ରାସ୍ତା କଂକ୍ରିଟ ହେଉଥିବାବେଳେ ଜୟସିଙ୍ଗପୁର ଗାଁ ରାସ୍ତା ଅବସ୍ଥାରେ ପରିବର୍ତ୍ତନ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ମୁକୁଳା ପଡ଼ିଛି ରାଜପଥ ଡ୍ରେନ୍



ବାରିକପୁର,୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଥିବା ଡ୍ରେନ୍‌ଗୁଡ଼ିକ ଦୀର୍ଘ ବର୍ଷ ହେବ ମୁକୁଳା ପଡ଼ିଛି। ଫଳରେ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ବିଶେଷ କରି ରାଜପଥ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକର ଗାଈଗୋରୁ ଓ ଛେଳିମେଣ୍ଢା ଆଦି ଗୃହପାଳିତ ପଶୁ ମୁକୁଳା ଡ୍ରେନ୍‌ରେ ପଡ଼ି ଆହତ ହେଉଛନ୍ତି। ଅନେକ ସମୟରେ ବାଇକ୍ ଓ ସାଇକଲ ଆରୋହୀ ମଧ୍ୟ ଏଥିଯୋଗୁଁ ଦୁର୍ଘଟଣାରେ ପଡୁଛନ୍ତି। ସୂଚନା ମୁତାବକ, ରାଜପଥ ସମ୍ପ୍ରସାରଣ ବେଳେ ବର୍ଷା ଦିନିଆ ରାସ୍ତା ଜଳ ନିଷ୍କାସନ ପାଇଁ ଯେଉଁ ଡ୍ରେନ୍ ନିର୍ମାଣ ହୋଇଥିଲା ସେଗୁଡ଼ିକ ମଧ୍ୟରୁ କେତେକ ଏବେବି ଅଧପନ୍ତରିଆ ଭାବେ ପଡ଼ିରହିଛି। ଏହାଛଡ଼ା କିଛି ଜାଗାରେ ଡ୍ରେନ୍ ପାଇଁ କଂକ୍ରିଟ୍ ୱାଲ୍ ନିର୍ମାଣ ହୋଇଥିବାବେଳେ ଏହାର ସୁରକ୍ଷା ଢାଙ୍କୁଣି ନିର୍ମିତ ହୋଇନାହିଁ। ଅନ୍ୟ କିଛି ସ୍ଥାନରେ ନିର୍ମାଣ ହୋଇଥିବା ପକ୍କା ଡ୍ରେନ୍ ଭାଙ୍ଗିରୁଜି ଯାଇଛି। ଏଭଳି ଚିତ୍ର ବିଷ୍ଣୁପୁର, ଛତାବର, ଭଣ୍ଡାରିପୋଖରୀ, ଦରଡ଼ା, ଆଖୁଆପଦା, ବାରିକପୁର, ଡାହାଳା, ଧାମନଗର ଛକ ଆଦି ସ୍ଥାନରେ ଦେଖାଯାଇଛି। ବିଶେଷକରି ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍‌ଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇଛି। ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନେ ଦୈନିକ ଏହି ପଥରେ ଗମନାଗମନ କରୁଥିବାବେଳେ କେହି ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଚୁହାଟ ପଞ୍ଚାୟତରେ ଅନିୟମିତତା

# ଆବାସ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଲୁଟ୍ ଅଭିଯୋଗ

ଶୁଳିଆପଦା,୪।୭ (ସମିସ)



ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଜାଲ୍ ଆକାଉଣ୍ଟରେ ଉଠାଇ ହରିଲୁଟ୍ କରାଯାଇଥିବା ନେଇ ଗୁରୁତର ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଚୁହାଟ ପଞ୍ଚାୟତରୁ ଆସିଛି। ମନରେଗା ୱେବସାଇଟ୍‌ରେ ଉଠାଣ ତଥ୍ୟ ଦେଖି ହିତାଧିକାରୀ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୯୫ ଶ୍ରମ ଦିବସର ମଜୁରୀ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାକୁ ଦିଆଯାଏ। ହେଲେ ଚୁହାଟ ପଞ୍ଚାୟତରେ ବହୁ ହିତାଧିକାରୀଙ୍କ ଏହି ଟଙ୍କା ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଉଠାଇ ନିଆଯାଇଛି। ଭୋଲଘାଟି ଗ୍ରାମର ରତନ ମାରାଣ୍ଡି ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ପାଇଥିଲେ। ସେ ୨୦୨୧ରେ ମୃତ୍ୟୁବରଣ କରିଥିଲେ। ହେଲେ ତାଙ୍କ ଘର ୮୪ ଶ୍ରମ ଦିବସର ୨,୯୩୨ ଟଙ୍କା ୨୦୨୫ ନଭେମ୍ବର ୧୫ରେ ଅନ୍ୟ ଗ୍ରାମର ଲୋକଙ୍କ ଆକାଉଣ୍ଟକୁ ଉଠାଣ ହୋଇଥିବା ଜଣାପଡ଼ିଛି। ମୃତ୍ୟୁର ତିନିବର୍ଷ ପରେ ଏପରି ଉଠାଣ ହେବା ନେଇ ପରିବାର ଲୋକେ ଅନ୍ଧାରରେ ଅଛନ୍ତି। ସେହିପରି ବଡ଼ନାଚଣା ଗ୍ରାମର ଜ୍ୟୋତ୍ସ୍ନା ମଙ୍ଗଲଙ୍କ ଘର ସମ୍ପୂର୍ଣ୍ଣ ହୋଇଥିଲେ ବି ତାଙ୍କୁ ଶ୍ରମିକ ଟଙ୍କା ମିଳିନାହିଁ। ମନରେଗା ୱେବସାଇଟ୍‌ରୁ ଜଣାପଡ଼ିଛି ଚୁହାଟ, ଭୋଲଘାଟି ଓ ହାଣ୍ଡିଭଙ୍ଗା ଗ୍ରାମର ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ଖାତାରେ ୯୪ ଶ୍ରମ ଦିବସର ୨୩,୮୭୬ ଟଙ୍କା ଉଠାଣ ହୋଇଛି। ଭୋଲା ଗ୍ରାମର ଗଙ୍ଗାଧର ମାରାଣ୍ଡିଙ୍କ ଘର କାମ ସରିଥିଲେ ବି ତାଙ୍କୁ ଗୋଟିଏ ଟଙ୍କା ବି ମିଳିନାହିଁ। ହେଲେ ତାଙ୍କ ଘର ୮୪ ଶ୍ରମ ଦିବସର ୨୨,୯୩୨ ଟଙ୍କା ଅନ୍ୟ ଗ୍ରାମର ଲୋକଙ୍କ ଖାତାରେ ଉଠାଣ ହୋଇଛି। ଜାଲଘାଟି ଗ୍ରାମର ସାନଭକ୍ତ ସୋରେନ ଘର କାମ ଆରମ୍ଭ କରି ନ ଥିଲେ ବି ତାଙ୍କ ଘର ସମ୍ପୂର୍ଣ୍ଣ ଶ୍ରମିକ ଟଙ୍କା ୨୫,୯୩୫ ଟଙ୍କା ଅନ୍ୟ ଖାତାକୁ ଉଠାଣ ହୋଇଛି। ସେହିଭଳି ଶାଲୁଆଡହର ଗ୍ରାମର ସୁଶାନ୍ତ ପାତ୍ରଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୫୯୩୫, ସାନନାଚଣା ଗ୍ରାମର ସନାତନ ହେମ୍ବ୍ରମଙ୍କ ଆବାସ୍ ଗୃହର ଶ୍ରମିକ ଟଙ୍କା ୨୪୧୩୦, ଶାଲୁଆଡହର ଗ୍ରାମର ଦୂର୍ଗାମଣି ନାଏକଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬, ଭୋଲଘାଟି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, ଭୋଲା ଗ୍ରାମର ସଲମା ମାରାଣ୍ଡିଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, କାଠ ଶିରିଶି ଗ୍ରାମର ଲାଲମୋହନ କିସ୍କୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୩୮୭୬, ଧାମଣ ଗ୍ରାମର ଧ୍ରୁବେନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬, କାଠଶିରିଶି ଗ୍ରାମର ଡୁମୁଣି ଟୁଡୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬ ଅନ୍ୟ ଗ୍ରାମର ଲୋକଙ୍କ ବ୍ୟାଙ୍କ ଖାତାରେ ଉଠାଣ ହେଇଛି। ଏଭଳି ଅନେକ ହିତାଧିକାରୀଙ୍କ ଆବାସ ଶ୍ରମିକ ଟଙ୍କା ହରିଲୁଟ କରାଯାଇଛି। ହିତାଧିକାରୀ ପ୍ରଶ୍ନ ଉଠାଇଛନ୍ତି, ସେମାନଙ୍କ ଅଜାଣତରେ କିପରି ଟଙ୍କା ଅନ୍ୟ ଖାତାକୁ ଗଲା? କିଏ ଏହାକୁ ଅନୁମୋଦନ କଲା? ସେମାନଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବିକାଶ ସିଂ, ସହାୟକ ବିକାଶ ସମ୍ପ୍ରସାରଣ ଅଧିକାରୀ ଡମ୍ବୁରୁଧର ଦାସ ଓ ସରପଞ୍ଚ ହିତଡସି ଟୁଡୁଙ୍କ ମିଳିଭଗତରେ ଏହି ହରିଲୁଟ୍ ହୋଇଛି। ସରପଞ୍ଚଙ୍କ ସ୍ୱାମୀ ରବୀନ୍ଦ୍ର ନାଥ ଟୁଡୁ ସରପଞ୍ଚଙ୍କ ଅନୁପସ୍ଥିତିରେ ଚୌକିରେ ବସି ସରକାରୀ ଫାଇଲ୍ ଦେଖାଶୁଣା, ଭତ୍ତା ବଣ୍ଟନ ଓ କନିଷ୍ଠ ଯନ୍ତ୍ରୀଙ୍କ ମାପ କାର୍ଯ୍ୟ ମଧ୍ୟ କରୁଥିବା ଅଭିଯୋଗ ହୋଇଛି। ହିତାଧିକାରୀ କହିଛନ୍ତି, ଏହି ଟଙ୍କା ହଡ଼ପର ସୂତ୍ରଧର ହେଉଛନ୍ତି ରବୀନ୍ଦ୍ର ନାଥ ଟୁଡୁ। ଏ ନେଇ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ ଓ ଚୁହାଟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚରାଯିବାରୁ ସେମାନେ କହିଛନ୍ତି, ଏହାର ତଦନ୍ତ ଚାଲିଛି। ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବଡ଼ ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ଜିଲ୍ଲାପାଳ ଉଚ୍ଚସ୍ତରୀୟ ତଦନ୍ତ କରିବେ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବର୍ଷାରେ ସ୍କୁଲ ପରିସର ଜଳାର୍ଣ୍ଣବ



### ଶିକ୍ଷାଦାନ ବାଧାପ୍ରାପ୍ତ

ହାଟଡ଼ିହୀ,୫।୭ (ସମିସ): ଲଘୁଚାପଜନିତ ବର୍ଷାରେ ହାଟଡ଼ିହୀ ନୋଡାଲ ବିଦ୍ୟାଳୟ ପରିସର ଜଳାବର୍ଣ୍ଣ ପାଲଟିଛି। ସ୍କୁଲର ମୁଖ୍ୟ ଫାଟକଠାରୁ ଶ୍ରେଣୀ ଓ କାର୍ଯ୍ୟାଳୟଗୃହଯାଏଁ ପାଖାପାଖି ଏକ ଫୁଟ୍ ଉଚ୍ଚରେ ବର୍ଷାଜଳ ଦେଖାଯାଇଛି। ହାଟଡ଼ିହୀ ପଞ୍ଚାୟତର ସର୍ବପୁରାତନ ଭାବେ ଏହି ନୋଡାଲ ବିଦ୍ୟାଳୟଟି ବେଶ୍ ନାମ ଅର୍ଜନ କରିଥିବା ବେଳେ ବର୍ତ୍ତମାନ ମଧ୍ୟ ଅନ୍ୟ ବିଦ୍ୟାଳୟ ଅପେକ୍ଷା ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ରହିଛି। ତେବେ ଗାଁ ସହ ଆଖପାଖ ଗାଁରୁ ଅନେକ କୁନି କୁନି ଛାତ୍ରଛାତ୍ରୀ ଏହି ବିଦ୍ୟାଳୟକୁ ଆସୁଥିବା ବେଳେ ଏହି ବିଦ୍ୟାଳୟ ପରିସରରେ ଏକ ଅଙ୍ଗନବାଡି ଶିକ୍ଷାକେନ୍ଦ୍ର ମଧ୍ୟ ରହିଛି। ବର୍ଷାଦିନରେ ଏହିଭଳି ପରିସ୍ଥିତି ଉପୁଜିଲେ ପିଲାଙ୍କ କ୍ଷେତ୍ରରେ ଶିକ୍ଷାଲାଭ କରିବା ଅସୁବିଧାର କାରଣ ସାଜିପାରେ ବୋଲି କିଛି ଅଭିଭାବକ ମତ ବ୍ୟକ୍ତ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ସ୍ଥାନୀୟ ହାଟଡିହୀ ବିଡ଼ିଓ ସ୍ଥାୟୀ ସମାଧାନ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

● ପ୍ରବଳ ବର୍ଷାରେ ପ୍ରତିବାଦ ତାତି;

## ଷ୍ଟିଲ ପ୍ଲାଣ୍ଟ ବିରୋଧରେ ରାଲି



ତୁରୁମୁଙ୍ଗା, ୫।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଯମୁନାପଶି ଓ ଚେମେଣା ପଞ୍ଚାୟତର ୧୨ଟି ଗ୍ରାମରେ ବାର୍ଷିକ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ଜିନ୍ଦଲ ଓ ପୋସ୍କୋ ସହ ଚୁକ୍ତି କରିଥିବା ବେଳେ ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଜୋରଦାର ହୋଇଛି। ପ୍ରକଳ୍ପ ପାଇଁ ଚିହ୍ନଟ ୧୨ଟି ଗ୍ରାମ ମଧ୍ୟରୁ ୧୦ଟି ଗ୍ରାମରେ ଗ୍ରାମସଭା ସମ୍ପନ୍ନ ହୋଇଥିବା ବେଳେ ଯମୁନାପଶି ଓ ଚିଲିଦା ଗ୍ରାମରେ ଏପର୍ଯ୍ୟନ୍ତ ଗ୍ରାମସଭା ବାକି ରହିଛି। ରବିବାର ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ତ୍ୱେ ଜିନ୍ଦଲ–ପୋସ୍କୋ ପ୍ରତିରୋଧ ମଞ୍ଚର ଆହ୍ୱାନକ୍ରମେ ବହୁସଂଖ୍ୟକ ମହିଳା ଓ ପୁରୁଷ ଛତା ଧରି ପ୍ରତିବାଦ ରାଲିରେ ସାମିଲ ହୋଇଥିଲେ। ଯମୁନାପଶି ଗ୍ରାମ କମିଟିର ସଦସ୍ୟମାନେ ଗୁଡାସାହିରୁ ଶୋଭାଯାତ୍ରାରେ ବାହାରି ଭୂମିଜସାହି ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଦୋ ଫସଲି ଚାଷଜମି ଅଧିଗ୍ରହଣ ନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର ୫।୭ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ବାରିଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣନାଥ ଜେନାଙ୍କ ସହଧର୍ମିଣୀ ତଅପୋଇ ଜେନା (୬୫)ଙ୍କର ପରଲୋକ ହୋଇଯାଇଛି। ଗତକାଲି ରାତି ଗୋଟାଏ ସମୟରେ ସେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ପ୍ରଶାନ୍ତ, ଅଜିତ, ଜିତେନ୍ଦ୍ର, ନାତି ବୋଲଗଡ ଅତିରିକ୍ତ ତହସିଲଦାର ରାଜକିଶୋର ଜେନା ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ବେତନଟୀରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ବେତନଟୀ,୫।୭ (ସମିସ): ରତ୍ନଗର୍ଭା ଶିମିଳିପାଳର ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ "ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ସାରା ଜିଲ୍ଲାରେ ଭଂଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ଜାରି ରହିଛି। ଏ ପରିପ୍ରେକ୍ଷୀରେ ବେତନଟୀ ବ୍ଲକ୍‌ସ୍ଥ ମୁଖ୍ୟ ବଜାରଠାରେ ଭଞ୍ଜସେନା ଯୁବନେତା ନୀଳକଣ୍ଠ ମହାନ୍ତଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ସଞ୍ଜୟ ମହାନ୍ତ, ଲଲାଟ୍ କେଶରୀ ରାଉତ, ମନୋଜ୍ ସାହୁ, ସମ୍ବିତ ମହାନ୍ତ, ଗୌରବ ମହାନ୍ତି, ପ୍ରଦୀପ ପଣ୍ଡା, ସୁମିତ ରାଉଳ, ବାପୁନ ଦାସ୍, ପ୍ରକାଶ ଦାସ, ସନ୍ଦୀପ ନାୟକ, ତପନ ପାତ୍ର, ରାଜେନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଜିଲ୍ଲାପାଳଙ୍କ ଶୋଭା ଓ ଏଫପିଓ କ୍ୟାମ୍ପସ ପରିଦର୍ଶନ

## ଗ୍ରାମୀଣ ଜୀବିକା ଓ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା

ଗୋପବନ୍ଧୁନଗର,୫।୭ (ସମିସ)



ଜିଲ୍ଲାପାଳ ହେମକାନ୍ତ ସଏ ଉଦଳା ବ୍ଲକ ଅନ୍ତର୍ଗତ ବୃନ୍ଦାଗାଡ଼ିସ୍ଥ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ (ଏମଡିପିସିଏଲ) କ୍ୟାମ୍ପସ ପରିଦର୍ଶନ କରି ଶୋଭା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜୀବିକା ଓ ଗ୍ରାମୀଣ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ନାବାର୍ଡ ଜିଲ୍ଲା ବିକାଶ ପ୍ରବନ୍ଧକ ସ୍ମାରକ ମହାନ୍ତି ଉପସ୍ଥିତ ଥିଲେ। ସେ ଜିଲ୍ଲାରେ ନାବାର୍ଡ ଦ୍ୱାରା ଚାଷୀ ଉତ୍ପାଦକ ସଂଗଠନ ଗଠନ ଓ ସୁଦୃଢ଼ୀକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷକରି ଶୋଭା ଦ୍ୱାରା ପ୍ରୋତ୍ସାହିତ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ଓ ହିଙ୍ଗୁଳା ଆଗ୍ରି ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସଫଳତା ଓ ଅଗ୍ରଗତିକୁ ସେ ଉଲ୍ଲେଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ କାରିଗର, ଉତ୍ପାଦକ ସଦସ୍ୟ ଓ ଏଫ୍‌ପିଓ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଶାଳପତ୍ର ଥାଳି ଉତ୍ପାଦନ, ମହୁ ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟରେ ନିୟୋଜିତ କାରିଗରଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କର ଉତ୍ପାଦନ ପ୍ରକ୍ରିୟା, ଆୟ ବୃଦ୍ଧି, ରୋଜଗାର ସୃଷ୍ଟି, ବଜାର ସଂଯୋଗ, ସମବାୟ ଉଦ୍ୟମ ମାଧ୍ୟମରେ ମିଳୁଥିବା ସାମାଜିକ ଓ ଆର୍ଥିକ ଲାଭ ସମ୍ପର୍କରେ ପଚାରି ବୁଝିଥିଲେ। ସଦସ୍ୟମାନେ ଏଫ୍‌ପିଓ ମାଧ୍ୟମରେ ସେମାନଙ୍କର ଆୟ ବୃଦ୍ଧି, ଦକ୍ଷତା ବିକାଶ ଓ ଉନ୍ନତ ବଜାର ସଂଯୋଗ ସମ୍ପର୍କରେ ନିଜ ଅନୁଭୂତି ବାଣ୍ଟିଥିଲେ। ଜିଲ୍ଲାପାଳ ଶୋଭାର ସମ୍ପାଦକ ରଞ୍ଜନ କୁମାର ମିଶ୍ରଙ୍କ ସହ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଓ ହିଙ୍ଗୁଳା ଆଗ୍ରି ପ୍ରୋଡ୍ୟୁସର କମ୍ପାନୀର ଗଠନ, ବିକାଶ ଓ ସଫଳତାର ଯାତ୍ରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ନାବାର୍ଡ, ଏମ୍‌ଏସ୍‌ଏମଇ ମନ୍ତ୍ରଣାଳୟର ସେଫ୍ଟ୍ରି ଯୋଜନା, ହେଫିଅର ଇଣ୍ଟରନ୍ୟାସନାଲ ଜିଓ ରିଲିଆନ୍ସ ଫାଉଣ୍ଡେସନ ସହଯୋଗରେ ଶୋଭା ଦ୍ୱାରା ଉତ୍ପାଦକ ସଂଗଠନ ସୁଦୃଢ଼ୀକରଣ, ମୂଲ୍ୟ ସଂଯୋଜନ, ବଜାର ସଂଯୋଗ, ଗ୍ରାମୀଣ ଉଦ୍ୟୋଗ ବିକାଶ ଓ ଜଳବାୟୁ ସହନଶୀଳ ଜୀବିକା ମଡେଲ୍ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ସେ ମହିଳା କାରିଗର ଓ ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରି ସମବାୟ ମାଧ୍ୟମରେ ନିଜସ୍ୱ ଉଦ୍ୟମକୁ ଆହୁରି ବିସ୍ତାର କରିବାକୁ ଉତ୍ସାହିତ କରିଥିଲେ। ଶୋଭା ଦ୍ୱାରା ବିକଶିତ ସମନ୍ୱିତ ଜୀବିକା ବିକାଶ ମଡେଲ୍ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ। ସେ ସରକାରୀ ଯୋଜନା ଓ ବିଭିନ୍ନ ବିକାଶ ସହଯୋଗୀ ସଂସ୍ଥାର ସମନ୍ୱୟ ମାଧ୍ୟମରେ ଶକ୍ତିଶାଳୀ ସମୁଦାୟ ଭିତ୍ତିକ ଉତ୍ପାଦକ ସଂସ୍ଥା ଗଠନ କରିଥିବାରୁ ଶୋଭାର ପ୍ରଶଂସା କରିଥିଲେ। ଶେଷରେ ଜିଲ୍ଲାପାଳ ଉତ୍ପାଦକ କମ୍ପାନୀର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ମଡେଲ୍ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମୀଣ ଜୀବିକା ବିକାଶ ଓ ଉତ୍ପାଦକ ନେତୃତ୍ୱାଧୀନ ଉଦ୍ୟୋଗ ବିକାଶ ପାଇଁ ଏକ ଆଦର୍ଶ ଭାବେ ପ୍ରତିଷ୍ଠିତ ହେବ ବୋଲି ଆଶା ପ୍ରକାଶ କରିଥିଲେ।

## ଘଷିପୁରା ବସଷ୍ଟାଣ୍ଡରୁ ମିଳିଲା ସୁନା; ୧୫ ଦିନ ପରେ ପୁଲିସ ଜିମାନେଲା



### ମହିଳା କର୍ମଚାରୀ ସନ୍ଦେହ ଘେରରେ

ଆନନ୍ଦପୁର, ୫।୭ (ସମିସ): କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ଘଷିପୁରା ବସଷ୍ଟାଣ୍ଡ। ଏଠାରେ ଗତ କିଛି ଦିନ ହେବ ଯାତ୍ରୀଙ୍କ ଆସବାବପତ୍ର ଓ ସୁନାଗହଣା ହଜିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ମହିଳା କର୍ମଚାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ନିକଟରେ ଶୌଚାଳୟରୁ ସଫେଇ କର୍ମଚାରୀ କିଛି ଅଳଙ୍କାର ପାଇଥିଲେ। ସଫେଇ କର୍ମଚାରୀ ଉକ୍ତ ଅଳଙ୍କାରକୁ ବସଷ୍ଟାଣ୍ଡ ପରିଚାଳନା ଦାୟିତ୍ୱରେ ଥିବା ଜଣେ ମହିଳା କର୍ମଚାରୀଙ୍କୁ ଦେଇଥିଲେ; କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ସେସବୁକୁ ଥାନା ଜିମା ଦିଆ ଯାଇ ନଥିଲା। ଏପରିକି ଅଳଙ୍କାର ମିଳିବା ଘଟଣାର କିଛି ଦିନ ପୂର୍ବରୁ ସ୍ଥାନୀୟ ଆଡାସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସୁନା ଅଳଙ୍କାର ଏହି ବସଷ୍ଟାଣ୍ଡରେ ହଜି ଯାଇଥିଲା। ଏନେଇ ଘଷିପୁରା ପୁଲିସ ପକ୍ଷରୁ ବସଷ୍ଟାଣ୍ଡରେ ପଚରାଉଚରା କରି ତଦନ୍ତ କରିବା ସହ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସିସିଟିଭି ଭିଡିଓ ମାଗିଥିଲେ। କିନ୍ତୁ ସିସିଟିଭି କାମ କରୁନାହିଁ କହି ସମ୍ପୃକ୍ତ କର୍ମଚାରୀ ଦାୟିତ୍ୱ ଖସାଇ ଦେଇଥିଲେ। ତେବେ ଏହାପରେ ଶୌଚାଳୟରୁ ମିଳିଥିବା ଅଳଙ୍କାର ସଂପର୍କରେ କାହିଁକି ସେ ସ୍ଥାନୀୟ ପୁଲିସକୁ ସୂଚନା ଦେଇ ନଥିଲେ ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ସୁନା ଅଳଙ୍କାର ମିଳିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଆଜି ପୁଲିସ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଥାନାକୁ ଡକାଇ ପଚରାଉଚରା କରିବା ସହ ତାଙ୍କଠାରୁ ସୁନା ଅଳଙ୍କାର ଜିମା ନେଇଥିବା ଜଣାପଡ଼ିଛି। ଏହି ଘଟଣା ସଂପର୍କରେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲ୍ଲା ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ମହିଳା କର୍ମଚାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ତାହା ମଧ୍ୟ ସନ୍ଦେହ ଘେରରେ। ଜିଲ୍ଲା କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସଲସୁତୁରାରେ ଘଷିପୁରା ବସଷ୍ଟାଣ୍ଡରେ ବହୁ ଅନିୟମିତତା ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟର କୋଣ ଅନୁକୋଣକୁ ଯାତ୍ରା ପାଇଁ ଏହି ବସଷ୍ଟାଣ୍ଡ ଉପରେ ଦୈନିକ ହଜାର ହଜାର ଯାତ୍ରୀ ନିର୍ଭର କରୁଛନ୍ତି। ବସଷ୍ଟାଣ୍ଡରେ ସରକାରଙ୍କ ପକ୍ଷରୁ ଥିବା ଉନ୍ନତ ଭିତ୍ତିଭୂମି ଆନୁଷଙ୍ଗିକ ସୁବିଧା ସୁଯୋଗ ଯାତ୍ରୀଙ୍କୁ ବେଶ୍ ଆକୃଷ୍ଟ କରୁଛି। କିନ୍ତୁ କିଛି ଦାୟିତ୍ୱହୀନ କର୍ମଚାରୀଙ୍କ ପାଇଁ ଏହି ବସଷ୍ଟାଣ୍ଡରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରକ୍ଷଣାବେକ୍ଷଣ ଅଭାବ

## ବିପଦସଂକୁଳ ଅବସ୍ଥାରେ ଭଞ୍ଜପୁର ମାର୍କେଟ୍ କମ୍ପ୍ଲେକ୍ସ

ବାରିପଦା,୫।୭ (ସମିସ)

ବାରିପଦା ପୌରପରିଷଦ ପରିଚାଳିତ ଭଞ୍ଜପୁର ମାର୍କେଟ୍ କମ୍ପ୍ଲେକ୍ସ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ଯାହାକି ଛାତ ଭୁଶୁଡ଼ିବା ଆଶାଙ୍କା ସୃଷ୍ଟି ହୋଇଛି।

### ଛାତ ଭୁଶୁଡ଼ିବା ଆଶଙ୍କା, ବ୍ୟବସାୟୀଙ୍କ ଅଭିଯୋଗ ସତ୍ତ୍ୱେ ଫଳ ଶୂନ୍





ଉକ୍ତ ମାର୍କେଟ୍ କଂପ୍ଲେକ୍ସରେ ବ୍ୟବସାୟ କରୁଥିବା ଦୋକାନୀ ବାରିପଦା ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ଏ ନେଇ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ତଦନ୍ତ ସାପେକ୍ଷ। ତେବେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି। ଭଞ୍ଜପୁର ମାର୍କେଟ କମ୍ପ୍ଲେକ୍ସରେ ୨୦୦୭ରୁ ୧୦୦ଟି ଗୃହ ଦୋକାନୀଙ୍କୁ ଆବଣ୍ଟନ ହୋଇଛି। ତେବେ ରକ୍ଷଣାବେକ୍ଷଣ ଅଭାବ ପାଇଁ ଛାତରେ ଦୀର୍ଘଦିନ ଧରି ଜମା ହୋଇଥିବା ଆବର୍ଜନା ସଫା ନ ହେବା, ବର୍ଷାପାଣି ନିର୍ଗତ ପାଇପ ମୁହଁ ଜାମ ହେବା ଫଳରେ ଛାତରେ ଜଳାଶୟ ଭ୍ରମ ସୃଷ୍ଟି ହେଉଛି। ଏଥିଯୋଗୁଁ ପାଣି ଘର ଭିତରକୁ ଲିକ୍ କରି ଦୋକାନୀଙ୍କ ବହୁ କ୍ଷତି ଘଟାଉଛି। ଛାତରେ ବିଦ୍ୟୁତ୍ ୱାରିଂ ନଷ୍ଟ ହେତୁ ସିଲିଂ ଫ୍ୟାନ୍ କାମ କରୁନି। ଛାତରେ ପାଣି ଜମିବା ଫଳରେ ନାନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବିଷାକ୍ତ କୀଟ ଓ ଜନ୍ତୁ ଦୋକାନ ଗୃହରୁ ବାହାରୁଛନ୍ତି। କଟକଣା ନ ଥିବାରୁ କେତେକ ଲୋକ ଛାତକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ମଦ ବୋତଲ ଓ ଅନ୍ୟାନ୍ୟ ଜିନିଷ ଫିଙ୍ଗିବା ଫଳରେ ଜଳ ନିର୍ଗତ ପାଇପ୍ କାର୍ଯ୍ୟ କରୁନାହିଁ। ଦୋକାନୀମାନେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ଛାତ ପରିଷ୍କାର ସହ ଗ୍ରେଡିଂ କରାଯାଉ। ଛାତରେ ଥିବା ପାଣି ଟାଙ୍କି ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ଓ ସୁରକ୍ଷା ପାଇଁ ଗାର୍ଡ କିମ୍ବା ପୁଲିସ୍ କନଷ୍ଟେବଲ ନିୟୋଜିତ କରାଯାଉ। ୨ନଂ ୱାର୍ଡର କାଉନସିଲର ଅନୁରାଧା ମହାନ୍ତିଙ୍କ ସହ ଦୋକାନୀମାନେ ଉପରୋକ୍ତ ଅଭିଯୋଗ କରିବା ସହିତ ଅଭିଯୋଗର ଏକକିତା ନକଲ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



## ଆଶୁତୋଷ-ଅମିର୍‌ଙ୍କ 'ଲଲକାର'

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଲଗାନ' ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ୍ୟ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି 'ଲଲକାର'। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ଲଗାନ' ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। 'ସିତାରେ ଜମିନ୍ ପର୍' ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ 'ଥ୍ରୀ ଇଡିଅଟସ୍ ୨'ରେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

## ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା' ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା' କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

## ପ୍ରେମ ଦେଖେନି ବୟସ

## ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଜିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍‌ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁ ନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା' ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

## ସ୍ୱସ୍ତି



## ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

## ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**

- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।



## ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ'ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

## ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍‌ୟାପ୍‌ର ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ। ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।








## ଗୋଲ୍ଡେନ ବୁଟ୍ ଦୌଡ଼ରେ ଏମ୍‌ବାପେ

ଫିଲାଡେଲ୍‌ଫିଆ,୪।୭ (ଏଜେନ୍ସି): ଫ୍ରାନ୍ସ ଫରୱାର୍ଡ କିଲିୟାନ୍ ଏମ୍‌ବାପେ ଚଳିତ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ ବୁଟ୍ ଦୌଡ଼ରେ ସମସ୍ତଙ୍କ ଆଗରେ ରହିଛି। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ୭ମ ଗୋଲସ୍କୋର ଥିଲା। ଫଳରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୭ଟି ଗୋଲ ଦେବାରେ ସମକକ୍ଷ ହୋଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା କରିଥିବାରୁ ସେ ପ୍ରଥମ ଓ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ସୁଦ୍ଧା ମେସି ୨୦ଟି ଗୋଲ ଦେଇ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋରର ହୋଇଛନ୍ତି। ଅନ୍ୟ ପକ୍ଷରେ ଏମ୍‌ବାପେ ୧୯ଟି ଗୋଲ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି ଗୋଲ ଦେଇ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏମ୍‌ବାପେ ଓ ମେସିଙ୍କ ପଛକୁ ଦୁଇ ଫରୱାର୍ଡ ଖେଳାଳି ନରୱେର ଏର୍ଲିଙ୍ଗ ହଲାଣ୍ଡ ଓ ଇଂଲଣ୍ଡର ହ୍ୟାରୀ କେନ୍ ୫ଟି ଲେଖାଏଁ ଗୋଲ ସ୍କୋର କରି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ୯.୫୨ କୋଟି ଟଙ୍କାର ଘଣ୍ଟା ଫେରାଇଲେ ମେକ୍ସିକୋ ଖେଳାଳି

ମେକ୍ସିକୋ ସିଟି, ୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପର ସହ-ଆୟୋଜକ ମେକ୍ସିକୋ ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମେକ୍ସିକୋ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜଣାଶୁଣା ୟୁଟ୍ୟୁବର ଷ୍ଟିଫେନ୍ ଡେଲିଓନାର୍ଡିସ୍‌ଙ୍କ ଦ୍ୱାରା ବିଳାସପୂର୍ଣ୍ଣ ରୋଲେକ୍ସ ଘଣ୍ଟା ଉପହାର ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଉଦ୍ୟମରେ ଷ୍ଟିଫେନ ପ୍ରଦାନ କରିଥିବା ଏହି ଏହି ସମସ୍ତ ଘଣ୍ଟାର ମୋଟ୍ ମୂଲ୍ୟ ଏକ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯ କୋଟି ୫୨ ଲକ୍ଷ) ହେବ। ତେବେ ଫିଫାର ଆଚାର ସଂହିତା ଅନୁଯାୟୀ, ଉପହାର ପ୍ରଦାନ ଓ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ରହିଛି। ଖେଳାଳିମାନେ କେବଳ 'ପ୍ରତୀକାତ୍ମକ' ଉପହାର ଗ୍ରହଣ କରିପାରିବେ। ତେଣୁ ମେକ୍ସିକୋ ଖେଳାଳି ଶେଷରେ ବାଧ ହୋଇ ଏହି ସମସ୍ତ ମୂଲ୍ୟବାନ ଘଣ୍ଟା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

# କ୍ୱାର୍ଟରରେ ଫ୍ରାନ୍ସ-ମରୋକ୍କୋ ଲଢ଼େଇ

ଫିଲାଡେଲଫିଆ/ଡଲାସ,୫।୭ (ଏଜେନ୍ସି)

ଦୁଇଥରର ଚାମ୍ପିଅନ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ଫିଫା ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ହଷ୍ଟନରେ ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବ। ଏଠାରେ ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମୁକାବିଲାରେ ଟାଇଟଲର ଦୃଢ଼ ଆଶାୟୀ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି କିଲିୟାନ୍ ଏମ୍‌ବାପେ ପେନାଲ୍ଟିରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ-୧୬ ମୁକାବିଲାରେ କାନାଡାକୁ ୩-୦ ଗୋଲରେ ପରାସ୍ତ କରି ମରୋକ୍କୋ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଜେଡାଇନ୍ ଓଉନାହି ୨ଟି ଓ ଓ ସୌଫିଆନେ ରହିମି ଗୋଟିଏ ଗୋଲ ସ୍କୋର କରିଥିଲେ।

ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଗୁଏକୁ



ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇପଡ଼ିଥିଲା। ରାଉଣ୍ଡ ଅଫ୍ ୩୨ରେ ନେଦରଲାଣ୍ଡସକୁ ପେନାଲ୍ଟି ସୁଟ୍‌ଆଉଟରେ ହରାଇଥିବା ପାରାଗୁଏ ଫ୍ରାନ୍ସ ବିପକ୍ଷରେ ଅତ୍ୟନ୍ତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲା। ଏପରିକି ବିଶ୍ୱର ଦୁଇ ସୁପରଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେଙ୍କୁ ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଯଦିବି କିଛି ସୁଯୋଗ ମିଳିଥିଲା ତାହାକୁ ପାରାଗୁଏର ଗୋଲକିପର ଅର୍ଲାଣ୍ଡୋ ଗିଲ୍ ବ୍ୟର୍ଥ କରିଦେଇଥିଲେ।

ଖେଳର ୬୯ତମ ମିନିଟ୍‌ରେ ପାରାଗୁଏର ଡିଫେଣ୍ଡର ପ୍ରତିପକ୍ଷ ଏମ୍‌ବାପେଙ୍କୁ ଫାଉଲ ମାରିଥିବା ଭିଏଆରଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ଫ୍ରାନ୍ସକୁ ପେନାଲ୍ଟି କିକ୍‌ର ସୁଯୋଗ ମିଳିଥିଲା। ଏମ୍‌ବାପେ ଏହି ପେନାଲ୍ଟିକୁ ଅତି ସହଜରେ ଗୋଲ ପୋଷ୍ଟକୁ ମାରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଉଭୟ ପାରାଗୁଏ ଅଧିକ ଆକ୍ରମଣ କରିଥିଲାବେଳେ ଫ୍ରାନ୍ସ ରକ୍ଷଣାତ୍ମକ ଖେଳିଥିଲା। ଫଳରେ ମ୍ୟାଚ୍‌ର ରୋମାଞ୍ଚ କମିଯାଇଥିଲା। ପାରାଗୁଏ ଗୋଲ ଶୁଝାଇବାରେ ବିଫଳ ହୋଇଥିଲା।



| | |
|---|---|
| ଫିଫା ବିଶ୍ୱକପ୍ | |
| ପ୍ରି-କ୍ୱାର୍ଟର ମୁକାବିଲା | |
| ସୋମବାର ରାତି | |
| ପର୍ତ୍ତୁଗାଲ-ସ୍ପେନ୍ | |
| ଡଲାସ, ରାତି ୧୨ଟା ୩୦ | |
| ମଙ୍ଗଳବାର ସକାଳ | |
| ଆମେରିକା-ବେଲଜିୟମ୍ | |
| ସିଆଟଲ, ସକାଳ ୫ଟା୩୦ | |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ | |

## ଗିଲ୍‌ଙ୍କ ସହ ହାତ ମିଳାଇଲେନି ଏମ୍‌ବାପେ

ଫିଲାଡେଲଫିଆ,୪।୭ (ଏଜେନ୍ସି): ଫୁଟବଲ ଭଳି ଖେଳରେ ବିବାଦ ଲାଗି ରହିବା ଏକ ସାଧାରଣ ଘଟଣା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ଏଠାରେ ଅନୁଷ୍ଠିତ ଫ୍ରାନ୍ସ ପାରାଗୁଏ ମ୍ୟାଚ୍‌ରେ। ଏହି ମ୍ୟାଚ୍‌ରେ ସଂଘର୍ଷ କରି ଫ୍ରାନ୍ସ ୧-୦ ଗୋଲରେ ଜିତିବା ପରେ ପାରାଗୁଏର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ପ୍ରତିପକ୍ଷ ଅଧିନାୟକ କିଲିଆନ୍ ଏମ୍‌ବାପେଙ୍କ ସହ ହାତ ମିଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏମ୍‌ବାପେ ଏହାକୁ ଅଣଦେଖା କରି ଚାଲିଯାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗିଲ୍ ଧରିଥିବା ବଲ୍‌କୁ ଏମ୍‌ବାପେଙ୍କ ଉପରକୁ ଫିଙ୍ଗିଥିଲେ। ତାଙ୍କ ଦେହରେ ବଲ ବାଜିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଏମ୍‌ବାପେ ଚାଲିଯାଇଥିଲେ। ଏମ୍‌ବାପେ ତାଙ୍କ ସହ ହାତ ନ ମିଳାଇବାରୁ ରାଗିଯାଇ ବଲ ଫିଙ୍ଗିଥିଲେ ବୋଲି ଗିଲ୍ ପରେ ସ୍ୱୀକାର କରିଥିଲେ। ଏହି ଘଟଣାରେ କୌଣସି ବିବାଦ ସୃଷ୍ଟି ହୋଇ ନ ଥିଲା।



■ କେପ୍ ଭର୍ଡର ସଫଳତା

## ଫିଫାର ଟିମ୍ ବଢ଼ାଇବା ନିଷ୍ପତ୍ତି ଯଥାର୍ଥ

ନ୍ୟୁୟର୍କ,୫।୭ (ଏଜେନ୍ସି): ବିଶ୍ୱ ଫୁଟବଲ ର୍‍ୟାଙ୍କିଙ୍ଗରେ ୬୪ତମ ସ୍ଥାନ, ପ୍ରାୟ ୬ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଦେଶ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ଯେପରି ଖେଳ ପ୍ରଦର୍ଶନ କରିଛି, ସେଥିରେ କିଂବଦନ୍ତି ଖେଳାଳି ଲିଓନେଲ ମେସି ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପାଣି ପିଇଛି। ଏହି ଛୋଟିଆ ଦେଶ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହେବା ଓ ଆର୍ଜେଣ୍ଟିନା ପରି ଦେଶ ବିପକ୍ଷରେ ଲଢୁଆ ଖେଳିବା ନିଶ୍ଚିତ ଭାବେ ଫିଫାର ଟିମ୍ ସଂଖ୍ୟା ବୃଦ୍ଧି ଯେଉଁ ମହତ୍ୱାକାଂକ୍ଷା ନେଇ କରାଯାଇଥିଲା ତାହା ଯଥାର୍ଥ ବିବେଚିତ ହୋଇଛି। ଆର୍ଜେଣ୍ଟିନା ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ଯେପରି ଖେଳିଥିବା ସେଥିରୁ ଫଳାଫଳ ଯେ କୌଣସି ଦେଶ ସପକ୍ଷରେ ଯାଇପାରିଥାନ୍ତା। କିନ୍ତୁ ନିଜର ରଣନୀତି ଲାଗି ପ୍ରସିଦ୍ଧି ଲାଭ କରିଥିବା ଚାମ୍ପିଅନ ଆର୍ଜେଣ୍ଟିନା ଶେଷରେ ବିଜୟୀ ହୋଇ ଏକ ବଡ଼ ବିପର୍ଯ୍ୟୟ ଟଳିଯାଇଥିଲା। ଫିଫା ଯେତେବେଳେ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଥିଲା, ତାହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିମ୍ ସଂଖ୍ୟା ବୃଦ୍ଧି ପ୍ରତିଯୋଗିତାମୂଳକ ଫୁଟବଲ ଉପରେ କୌଣସି ପ୍ରଭାବ ପକାଇବନି। ବରଂ ମ୍ୟାଚ୍ ସଂଖ୍ୟା, ରେଟିଂ ଓ ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହେବ। ଫିଫାକୁ ବିପୁଳ ପରିମାଣରେ ରାଜସ୍ୱ ମିଳିବ। ଏହାକୁ ଅନେକ ସମାଲୋଚନା କରିଥିଲେ।

ଚଳିତ ବିଶ୍ୱକପ୍‌ରେ ୩୪ତମ ମାନ୍ୟତାପ୍ରାପ୍ତ ଟିମ୍ ପାରାଗୁଏ ଦ୍ୱାଦଶ ମାନ୍ୟତାପ୍ରାପ୍ତ ଟିମ୍ ନେଦରଲ୍ୟାଣ୍ଡକୁ ପରାସ୍ତ କରି ଓ ଫ୍ରାନ୍ସ ସହ ମ୍ୟାଚ୍‌କୁ ୬୯ ମିନିଟ୍ ଯାଏ ଗୋଲଶୂନ୍ୟ ରଖିବା ବିଜୟଠାରୁ ମଧ୍ୟ ଅଧିକ ସଫଳତା ପାଇଥିବା ବିବେଚନା କରାଯାଉଛି। ପର୍ତ୍ତୁଗାଲ ସହ ୪୧ତମ ମାନ୍ୟତାପ୍ରାପ୍ତ ଟିମ୍ କଙ୍ଗୋ ମ୍ୟାଚ୍‌କୁ ଗୋଲଶୂନ୍ୟ ଡ୍ର ରଖିବା ଓ ଚତୁର୍ଥ ମାନ୍ୟତାପ୍ରାପ୍ତ ଟିମ୍ ଇଂଲଣ୍ଡକୁ ନାକେଦମ୍ କରିବା କିଛି ଛୋଟିଆ କଥା ନୁହେଁ। ୮୨ତମ ମାନ୍ୟତାପ୍ରାପ୍ତ ଟିମ୍ କ୍ୟୁରାସିଓ ୨୫ତମ ମାନ୍ୟତାପ୍ରାପ୍ତ ଟିମ୍ ଇକ୍ୱେଡର ସହ ମ୍ୟାଚ୍ ଡ୍ର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୮୮ତମ ମାନ୍ୟତାପ୍ରାପ୍ତ ଟିମ୍ ହାଇତି ୬ଷ୍ଠ ମାନ୍ୟତାପ୍ରାପ୍ତ ଟିମ୍ ମରୋକ୍କୋ ସହ ଆଶାଠାରୁ ଅଧିକ ସମୟ ଗୋଲଶୂନ୍ୟ କରିବା ଉଲ୍ଲେଖନୀୟ ସଫଳତା ମଧ୍ୟରେ ଅନ୍ୟତମ। ଏହି ସବୁ ସଫଳତାକୁ ଦେଖିଲେ ବିଶ୍ୱକପ୍‌ରେ ଟିମ୍ ସଂଖ୍ୟା ବୃଦ୍ଧି ଯଥାର୍ଥ ବୋଲି ବିବେଚନା କରାଯାଉଛି।

## ୱିମ୍ବଲଡନ୍ | କ୍ୱାର୍ଟର ଫାଇନାଲରେ ପେଗୁଲା

ଲଣ୍ଡନ, ୫।୭ (ଏଜେନ୍ସି): ଆମେରିକା ଟେନିସ ତାରକା ଜେସିକା ପେଗୁଲା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ପେଗୁଲା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ୪-୬, ୬-୩, ୬-୧ ସେଟରେ ସାଥୀ ଆମେରିକୀୟ ଖେଳାଳି ଇଭା ଜୋଭିକଙ୍କୁ ହରାଇଥିଲେ। ୨୦୨୩ ପରେ ପେଗୁଲାଙ୍କ ଏହା ପ୍ରଥମ ୱିମ୍ବଲଡନ କ୍ୱାର୍ଟର ଫାଇନାଲ ହେବ। କୋକୋ ଗଫ୍ ଓ ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା



ସହ ପେଗୁଲା କ୍ୱାର୍ଟର ଫାଇନାଲ ଖେଳିବେ। ଓପନ୍ ଏରା ଇତିହାସରେ ପେଗୁଲା ଦ୍ୱିତୀୟ ଖେଳାଳି ଭାବେ ୨୬ ବର୍ଷ ପୂରଣ ହେବାପରେ ୧୦ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଜର୍ମାନୀର ହେଲଗା ମାସଥୋଫ ଏହି ସଫଳତା ପାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ନୋଭାକ ଜୋକୋଭିଚ ଓ ରୁଷିଆର ରୋମାନ ସାଫିଉଲ୍ଲିନ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚର ଶେଷ ଖବର ସୁଦ୍ଧା ଜୋକୋଭିଚ ପ୍ରଥମ ଦୁଇଟି ସେଟ୍‌କୁ ଜିତି ଅଗ୍ରଣୀ ରହିଛନ୍ତି।

## ବିଶ୍ୱକପ୍‌ରୁ ଏସିଆ ମହାଦେଶର ବିଦାୟ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଇଜିପ୍ଟଠାରୁ ୪-୨ ପେନାଲ୍ଟି ଗୋଲରେ ଅଷ୍ଟ୍ରେଲିଆର ପରାଜୟ ସହ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ରୁ ଏସିଆ ମହାଦେଶ ରାଉଣ୍ଡ-୩୨ରୁ ବିଦାୟ ନେଇଛି। ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟରୁ ଏସିଆ ମହାଦେଶ ବିଦା ହେବା ଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ ନିରାଶ ହୋଇଛି। ଫୁଟବଲର ମାନ ବଢ଼ାଇବା ସକାରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦେଶକୁ ଏସିଆ ମହାଦେଶରେ ସାମିଲ କରାଯାଇଛି। ଏହି ଦେଶକୁ ମିଶାଇ ୪୮ଟି ମଧ୍ୟରୁ ମୋଟ ୯ଟି ଦେଶ ଏଥର ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏହା ମଧ୍ୟରୁ କେବଳ ଦୁଇଟି ଦେଶ ଯଥା ଗ୍ରୁପ୍-ଡି'ରୁ ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଏଫ୍'ରେ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୩୨'କୁ ଉନ୍ନୀତ ହୋଇଥିଲେ। ଉଭୟ ଦଳ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଥିଲେ। ବ୍ରାଜିଲଠାରୁ ଜାପାନ ଓ ଇଜିପ୍ଟଠାରୁ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଅନ୍ୟ ୭ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିଲେ। ଏହି ୭ଟି ଦଳ ମଧ୍ୟରେ ଇରାନ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଅନ୍ୟ ୬ଟି ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲେ। ଦକ୍ଷିଣ କୋରିଆ, ଜାପାନ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଇରାକ, ଜୋର୍ଡାନ ଓ ଉଜବେକିସ୍ତାନ ସେମାନଙ୍କ ଗ୍ରୁପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲେ କିମ୍ବା ଡ୍ର କରି ନ ଥିଲେ। ଏହି ବିଶ୍ୱକପ୍‌ରେ ଏସିଆ ମହାଦେଶର ୯ଟି ଦେଶ ଦୁଇଟି ନକ୍‌ଆଉଟ ମ୍ୟାଚ୍‌କୁ ମିଶାଇ ମୋଟ ୨୯ଟି ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରୁ ମାତ୍ର ୩ଟି ମ୍ୟାଚ୍‌ରୁ ବିଜୟ ହୋଇଥିଲା।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

## ଗୁରନୁର୍‌ଙ୍କ କମାଲ; ଭାରତ-ଏ ୧୦ ୱିକେଟରେ ବିଜୟୀ

ଗଲ୍, ୫।୭ (ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ମାତ୍ର ୩୩ ରନର ଛୋଟିଆ ଲକ୍ଷ୍ୟ ଭାରତ-ଏ ସାମ୍ନାରେ ରଖିଥିଲା। ଯାହାକୁ ରବିବାର ଅନ୍ତିମ ଦିବସରେ ଭାରତ-ଏ କୌଣସି ୱିକେଟ ନ ହରାଇ ୬.୨ ଓଭରରେ ହାସଲ କରିନେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା-ଏ'ର ପ୍ରଥମ ପାଳି ସ୍କୋର ୩୬୬ ରନ ଜବାବରେ ଭାରତ-ଏ ୯ ୱିକେଟରେ ୫୪୩ ରନ କରି ଘୋଷଣା କରିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ସାଇ ସୁଦର୍ଶନ ୧୬୮ ରନ କରିଥିଲେ। ଜବାବରେ ୧୭୭ ରନ ପଛରେ ଥାଇ ଘରୋଇ ଶ୍ରୀଲଙ୍କା-ଏ ଦ୍ୱିତୀୟ ପାଳିରେ ମାତ୍ର ୨୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଭାରତ-ଏ ପକ୍ଷରୁ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ଫଳରେ ପ୍ରଥମ ପାଳିରେ ୪ଟି ସଫଳତା ପାଇଥିବା ଗୁରନୁର ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ଫଳରେ ଭାରତ-ଏ ୧-୦ରେ ସିରିଜ ବିଜୟୀ ହୋଇଛି।

## ବାବର ପୁଣିଥରେ ଅଧିନାୟକ ପଦକୁ ଫେରିଲେ

କରାଚି, ୫।୭ (ଏଜେନ୍ସି): ବରିଷ୍ଠ ବ୍ୟାଟର୍ ବାବର ଆଜମ ପୁଣିଥରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ପଦକୁ ଫେରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ବାବରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ସନ୍ ମାସୁଦଙ୍କ ସ୍ଥାନରେ ୩୧ ବର୍ଷୀୟ ବାବରଙ୍କୁ ନେତୃତ୍ୱ ଭାର ମିଳିଛି। ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ୧୬ଟି ଟେଷ୍ଟରୁ ୧୨ ହାରିଥିଲା। ଯେଉଁଥି ପାଇଁ ତାଙ୍କୁ ଅଧିନାୟକ ପଦ ହରାଇବାକୁ ପଡ଼ିଥିଲା। ଅପରପକ୍ଷରେ ବାବର ଶେଷଥର ଲାଗି ୨୦୨୧ରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦ଟି ଟେଷ୍ଟରୁ ୧୦ଟି ବିଜୟୀ ହୋଇଥିଲା।

## ମୁକୁନ୍ଦ ବରାଳ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବେ ନିକିତା

ଭୁବନେଶ୍ୱର, ୫।୭ (ସମିସ): ଉଦୀୟମାନ ହକି ଖେଳାଳି ନିକିତା ଟପ୍ପୋ ଚଳିତ ବର୍ଷ ଲାଗି ମକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ନିକିତା ଜୟପୁରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସେହିଭଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡାରେ ଓଡିଶାର ବିଜୟରେ ନିକିତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ୪ଜଣ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ଆନିକା ପଟ୍ଟନାୟକ (ମିନିଗଲ୍ଫ), ଅଜିତ ଭୂୟାଁ (କୁସ୍ତି), ହରିଶଙ୍କର ନାୟକ (ଫୁଟବଲ) ଓ ମଞ୍ଜୁ ମୁଣ୍ଡା (ଉଷୁ)। ପୁରୀର କୁସ୍ତି ଗୁରୁ ନରସିଂହ ଲେଙ୍କାଙ୍କୁ 'ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ' ସମ୍ମାନରେ ସମ୍ମାନିତ କରାଯିବ।

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ

## ନାଟାଲୀ-କେମ୍ପଙ୍କ ଲଢୁଆ ବ୍ୟାଟିଂ

ଲଣ୍ଡନ, ୫।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଆଇସିସି ମହିଳା ଟି-୨୦ ବିଶ୍ୱକପର ଫାଇନାଲ ମ୍ୟାଚ୍ ଖେଳାଯାଇଛି। ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ହାଇଭୋଲଟେଜ ଫାଇନାଲ ମୁକାବିଲାରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟିକା ସୋଫି ମୋନିଲେକ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେବେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୨୦ ଓଭରରେ ୪ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଛି। ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ୫୮ ଓ ଫ୍ରେୟା କେମ୍ପ ୪୪ ରନର ଦ୍ରୁତ ପାଳି ଖେଳ ଦଳର ସମ୍ମାନ ରଖିଥିଲେ। ଦୁଇ ଇନଫର୍ମ ଓପନର୍ ଆମି ଜୋନ୍ସ (୬ ରନ) ଓ ଡାନିଏଲ୍ ୱେଟ୍ (୮ ରନ)ଙ୍କୁ ପାୱାର-ପ୍ଲେ ମଧ୍ୟରେ ଆଉଟ୍ କରି ଇଂଲଣ୍ଡକୁ ଆରମ୍ଭରୁ ଡବଲ୍ ଝଟକା ଦେଇଥିଲା ଅଷ୍ଟ୍ରେଲିଆ। ତେବେ



ବ୍ୟାଟିଂ ଅବସରରେ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର

ଏହାପରେ ତୃତୀୟ ୱିକେଟ ଯୋଡ଼ିରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ସହ ଆଲିସେ କାପ୍ସି ଯୋଗ ଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ତୃତୀୟ ୱିକେଟ ଭାଗୀଦାରିରେ ୨୯ ବଲରୁ ୩୫ ରନ ସଂଗ୍ରହ କରିଥିଲେ। କିନ୍ତୁ ୩ ରନ ମଧ୍ୟରେ କାପ୍ସି ଓ ହେଥର ନାଇଟଙ୍କୁ ଆଉଟ୍ କରି ଅଷ୍ଟ୍ରେଲିଆ ପୁଣିଥରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। କାପ୍ସି ୨୦ ବଲରେ ୨୩ ରନ କରିଥିଲେ। ସେହିଭଳି ନାଇଟ୍ ମାତ୍ର ୨ ରନ କରି କିମ୍ ଗାର୍ଥଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ନାଟାଲୀ ଓ କେମ୍ପ ଅସମାପ୍ତ ୫ ୱିକେଟ ଭାଗୀଦାରିରେ ୫୫ ବଲରୁ ୮୦ ରନ ସଂଗ୍ରହ କରି ଦଳର ସମ୍ମାନ ରଖିଥିଲେ। ଫଳରେ ଇଂଲଣ୍ଡ ସ୍କୋର ଦେଢ଼ଶ ରନ ଛୁଇଁପାରିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୬ଥର ଲାଗି ଚାମ୍ପିଅନ ହୋଇଛି। ଯଦି ଏଠାରେ ଇଂଲଣ୍ଡକୁ ପରାସ୍ତ କରେ ତେବେ ୭ମଥର ଲାଗି ଟାଇଟଲ୍ ଜିତିବ।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS